
‘ଫୌଜି’ରେ ଅଭିଷେକ
▶ପୃଷ୍ଠା-୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-91 ◆WEDNESDAY ◆24 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯୧ ◆ବୁଧବାର ◆୨୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ରାଜ୍ୟ ବିଜେପିର ‘ବାବୁ’ ସରକାର

# ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ | ଗୃହକାର୍ଯ୍ୟରେ ଭାଗ ନେଲେନି ବିରୋଧୀ

■ ଭୁବନେଶ୍ୱର, ୨୩।୯ (ସମିସ): କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ଅଭିଯୋଗରେ ବିଜେଡି ସଦସ୍ୟ ମଙ୍ଗଳବାର ପୁଣଗୃହରେ ନାରାବାଜି ସହ ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ଲାକାର୍ଡ, ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ଅନୁରୂପ ଭାବରେ ବୋଲି ନାରାଦେଇ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ଆଗତ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି ।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ କଂଗ୍ରେସ ଅନାସ୍ଥା ସଂକ୍ରାନ୍ତରେ ବାଚସ୍ପତି ପକ୍ଷପାତ କରୁଥିବା ଅଭିଯୋଗ କରି ଗୃହରେ ନାରାବାଜି କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ଏଥିରୁ କୌଣସି ସୁଫଳ ବାହାରି ପାରିନଥିଲା। ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲା। ବିନା ବିରୋଧୀଙ୍କ ଉପସ୍ଥିତିରେ ସଂକଳ୍ପ ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ମଧ୍ୟ ପାରିତ ହୋଇଛି।

ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ମହାତ୍ମା ଗାନ୍ଧୀ କହିଥିଲେ ଭାରତବର୍ଷର ଆତ୍ମା ଗାଁରେ ▶ପୃଷ୍ଠା-୭

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା | ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ ଭୁବନେଶ୍ୱର, ୨୩।୯ (ସମିସ): ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ▶ପୃଷ୍ଠା-୭

## ବିଜେଡିର ରଣହୁଙ୍କାର

### ବିଧାନସଭା ଘେରିଲେ ହଜାର ହଜାର କର୍ମୀ



■ ଭୁବନେଶ୍ୱର, ୨୩।୯ (ସମିସ): ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ▶ପୃଷ୍ଠା-୭

▶▶ ପୁଲିସ ଲଗାଇ ଆନ୍ଦୋଳନକୁ ଦମନ ଉଦ୍ୟମ

▶▶ ବିଜେଡି କର୍ମୀଙ୍କ ଉପରକୁ ପୁଲିସର ପାଣିମାଡ଼




# ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା କରୁଛନ୍ତି ସରକାର

# ରାଜଧାନୀରେ ରଣହୁଙ୍କାର






















ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲକେ ସମ୍ମାନ ଗ୍ରହଣ କରୁଛନ୍ତି ମୋହନଲାଲ । ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଶାହରୁଖ ଖାନ, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି ।

# ଭୀଷଣ ବର୍ଷାରେ କୋଲକାତା ଠପ୍

## ବିଦ୍ୟୁତ୍ ଆଘାତରେ ୧୦ ମୃତ, ୧୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୨୩।୯(ଏଜେନ୍ସି): କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୂଶଳଧାରାରେ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଛି । ରାସ୍ତା ଉପରେ ତିନି ଫୁଟ ଉଚ୍ଚ ପାଣି ଚାଲିଛି । ଗତ ୩୯ ବର୍ଷରେ ଏଭଳି ବର୍ଷା ହୋଇନଥିବା କୁହାଯାଉଛି । ବର୍ଷା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି । ପ୍ରବଳ ବର୍ଷା ସହିତ ବିମାନବନ୍ଦରରେ ପାଣି ପଶିବା ଯୋଗୁଁ ଅତିକମରେ ଶହେରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି । ପ୍ରବଳ ବର୍ଷା ଓ ବିଦ୍ୟୁତ ଆଘାତରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ।

### ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି

### ରେଲୱେ ଟ୍ରାକ୍ ବୁଡ଼ିଲା, ସ୍କୁଲ ବନ୍ଦ

କୋଲକାତାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୧.୪ ମିମି ବର୍ଷା ହୋଇଛି । ଗତ ୩୯ ବର୍ଷରେ ଏତେ ପରିମାଣର ବର୍ଷା କେବେ ହୋଇନଥିଲା । ୧୯୮୬ରେ ୨୫୯.୫ ମିମି ବର୍ଷା ହୋଇଥିଲା, ଯାହାକି ଏବେ ବି ରେକର୍ଡ ହୋଇ ରହିଛି । ତେବେ ୧୯୭୮ରେ ସର୍ବାଧିକ ୩୬୯.୬ ମିମି ବର୍ଷା ହୋଇଥିଲା । ଏବେ ସହରର ବିଭିନ୍ନ ରାସ୍ତା ଉପରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଚାଲିଛି । ଗମନାଗମନ ଓ ପରିବହନ ଏକ ପ୍ରକାର ଠପ୍ ହୋଇଛି । ଏହା ବ୍ୟତୀତ ଟ୍ରେନ୍, ମେଟ୍ରୋ ଓ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି । ସାମାଜିକ ଗଣମାଧ୍ୟମରେ କୋଲକାତାର ଭିଡିଓ ସାମ୍ନାକୁ ଆସିଛି । ଏଥିରେ ସଡ଼କରେ ଥିବା ଗାଡ଼ିଗୁଡିକ ଅଧା ବୁଡିଯାଇଥିବା ଦେଖାଯାଇଛି ।

ସହରର ଅନେକ ରେସିଡେନସିଆଲ କମ୍ପ୍ଲେକ୍ସରେ ପାଣି ପଶିଯାଇଛି । ସହିଦ ଖୁଦୀରାମ ଓ ମୈଦାନ ମେଟ୍ରୋ ଷ୍ଟେସନକୁ ମେଟ୍ରୋ ସେବା ବନ୍ଦ କରିଦିଆଯାଇଛି । ହାଓଡା ଓ ସିଆଲଦା ଡିଭିଜନରେ ରେଲୱେ ଲାଇନ ଉପରେ ପାଣି ଜମି ରହିଛି । ଏଥିପାଇଁ ହଜାରଦୁଆରି ଏକ୍ସପ୍ରେସ୍ ଓ ସିଆଲଦା ଜଙ୍ଗିପୁର ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରାଯାଇଛି । ଚିତପୁର ୟାର୍ଡରେ ପାଣି ପଶିଯିବାରୁ ସର୍କୁଲାର ରେଲୱେ ଲାଇନ୍‌ରେ ଟ୍ରେନ୍ ଯିବା ଆସିବା ବନ୍ଦ ରହିଛି । ବର୍ଷା କାଣରରୁ ଦୁର୍ଗା ପୂଜା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି । କେତେଟି ସ୍ଥାନରେ ଦୁର୍ଗା ପେଣ୍ଡାଲ ବୁଡିଯିବା ସହ ଖରାପ ହୋଇଯାଇଛି । କୋଲକାତା।।ରେ ସ୍କୁଲକୁ ଛୁଟି କରିଦିଆଯାଇଛି ।। କୋଲକାତା ବିମାନ ବନ୍ଦରରେ ଅନେକ ବିମାନ ଘଣ୍ଟା ଘଣ୍ଟା ବିଳମ୍ବରେ ଟେକ୍‌ଅଫ୍ କରିଛି । ବିମାନ ବନ୍ଦରର ଚିତ୍ର ତଥା ଭିଡିଓ ସାମ୍ନାକୁ ଆସିଛି ।





ପୂର୍ବରୁ ଏଭଳି ବର୍ଷା କେବେ ଦେଖି ନଥିଲି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ହାଓଡା ଷ୍ଟେସନ ଓ ସିଆଲଦା ୟାର୍ଡ ଜଳମଗ୍ନ ହୋଇଛି । କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଜନିତ ଗତିବିଧିକୁ ବନ୍ଦ କରିଦିଆଯାଇଛି । ପିୟରଲେସ ହସ୍ପିଟାଲରେ ବିଳମ୍ବିତ ରାତିରେ ବର୍ଷା ପାଣି ପଶିଯାଇଛି । ପଶ୍ଚିମବଙ୍ଗରେ ବୁଧବାର ପର୍ଯ୍ୟନ୍ତ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି । ପୂର୍ବରୁ ଲୋକେ କେବେ ଏଭଳି ବର୍ଷା ଦେଖିବାକୁ ପାଇ ନଥିଲେ ବୋଲି କୋଲକାତା ମେୟର ଫିରହାସ ହାକିମ୍ କହିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି । ପଞ୍ଜାବରେ ମୌସୁମୀର ବିଦାୟ ଜାରି ରହିଛି । ଅଧା ରାଜ୍ୟରୁ ମୌସୁମୀ ବିଦାୟ ନେଇ ସାରିଲାଣି । ହିମାଚଳରେ ଖରା ଦେଖିବାକୁ ମିଳିଥିଲେ ମଧ୍ୟ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି ।

## ୨୩ ମାସ ପରେ ଜେଲ୍‌ରୁ ମୁକୁଳିଲେ ଆଜମ ଖାନ୍

ରାମପୁର, ୨୩।୯(ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ୨୩ ମାସ ପରେ ମଙ୍ଗଳବାର ଦ୍ୱିପ୍ରହରରେ ସୀତାପୁର ଜେଲ୍‌ରୁ ଛାଡ଼ ପାଇଛନ୍ତି । ୫ ଦିନ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ । ତାଙ୍କ ବିରୋଧରେ ଅନ୍ତିମ ମାମଲାରେ ହିଁ ଜାମିନ ମିଳିଥିଲା । ଜାମିନ ମିଳିବା ପରେ ହିଁ ପୁଲିସ ତାଙ୍କ ନାମରେ କେତୋଟି ମାମଲାରେ ନୂଆ ଧାରା ଯୋଡିଛି । କିନ୍ତୁ ଗତ ୨୦ ତାରିଖରେ ରାମପୁର କୋର୍ଟ ଏହି ଧାରାଗୁଡିକୁ ଖାରଜ କରିଥିଲେ । ଫଳରେ ଜେଲ୍‌ରୁ ସେ ମୁକ୍ତ ହେବାର ରାସ୍ତା ସଫା ହୋଇଥିଲା । ଆଜମଙ୍କ ବିରୋଧରେ ୧୦୪ଟି ମାମଲା ରୁଜୁ ହୋଇଛି । ସେ କାର୍ ଆଗ ସିଟ୍‌ରେ ବସି ଜେଲ ବାହାରକୁ ଆସିଥିଲେ । ଦୁଇ ପୁଅ ଆଦିବ ଓ ଅବଦୁଲ୍ଲା ତାଙ୍କୁ ନେବାକୁ ଆସିଥିଲେ । ୧୦୦ଟି ଗାଡ଼ି ସହ ଆଜମଙ୍କୁ ନେଇ ଦୁଇ ପୁଅ ରାମପୁର ଯାତ୍ରା କରିଥିଲେ । ତାଙ୍କୁ ସକାଳ ୯ଟାରେ ଜେଲ୍‌ରୁ ଛଡ଼ା ଯାଇଥାନ୍ତା । କିନ୍ତୁ ଗୋଟିଏ ମାମଲାରେ ତାଙ୍କୁ ୬ ହଜାର ଟଙ୍କା ଜରିମାନା ଦେବାର ଥିଲା । ୧୦ଟାରେ କୋର୍ଟ ଖୋଲିବା ପରେ ଜରିମାନା ଦିଆଯାଇଥିଲା । ଫଳରେ ସେ ୧୨.୩୦ରେ ଜେଲ୍‌ରୁ ଛାଡ଼ ପାଇଥିଲେ । ଦୁଇ ପୁଅଙ୍କ ସମେତ ୪୦୦ କାର୍ଯ୍ୟକର୍ତ୍ତା ତାଙ୍କୁ ନେବାକୁ ଜେଲ୍ ନିକଟରେ ପହଞ୍ଚିଥିଲେ ।

## କାର୍- ଟ୍ୟାଙ୍କର ଧକ୍କା; ୫ ଜିଅନ୍ତା ଜଳିଗଲେ

ଅଲିଗଡ଼, ୨୩।୯(ଏଜେନ୍ସି): ଉତ୍ତରପ୍ରଦେଶର ଅଲିଗଡ଼ର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ସମେତ ୫ ଜଣ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି । ଅକରାବାଦ ଥାନା ଅଞ୍ଚଳରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଘଣ୍ଟାପ୍ରତି ୧୦୦ କିମି ବେଗରେ ଯାଉଥିବା ଏକ ସିଏନ୍‌ଜି କାରର ଟାୟାର ଅଚାନକ ଫାଟି ଯାଇଥିଲା । ଫଳରେ ନିୟନ୍ତ୍ରଣ ହରାଇ ଏହି କାର ଡିଭାଇଡରରେ ବାଡେଇ ହୋଇ ଦ୍ୱିତୀୟ ସଡ଼କରେ ଯାଉଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ଓ ଏକ ବଡ଼ ବିସ୍ଫୋରଣ ହୋଇଥିଲା । ଫଳରେ ଦୁଇଟି ଗାଡ଼ି ନିଆଁରେ ଜଳି ଯାଇଥିଲା । କାର୍‌ରେ ୫ ଜଣ ଲୋକ ବସିଥିଲେ । କାର୍‌ରେ ବସିଥିବା ୪ ଲୋକ ଓ କ୍ୟାଣ୍ଟର ଡ୍ରାଇଭର ଜିଆନ୍ତା ଜଳିଯାଇଥିଲେ । ତେବେ କାର ଚଳାଉଥିବା ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇ ପୁଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ । ୨୦-୨୫ ମିନିଟ୍‌ରେ ନିଆଁ ଲିଭାଯାଇଥିଲା । ଏହା ପରେ ପୁଲିସ ଶବ ବଦଳରେ କେବଳ କଙ୍କାଳ ଦେଖିବାକୁ ପାଇଥିଲା । ମୃତକଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭାଇଥିଲେ ।

## ୩ ମହଲା କୋଠା ଭୁଶୁଡି: ୩ ମୃତ, ୧୨ ଆହତ

ଇନ୍ଦୋର, ୨୩।୯(ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ସୋମବାର ରାତି ୯ଟାରେ ଏକ ୩ ମହଲା କୋଠା ଭୁଶୁଡି ପଡ଼ିଛି । ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ୧୨ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଏମାନଙ୍କ ମଧ୍ୟରେ ଜଣେ ୩ ମାସର ଶିଶୁ ରହିଛି । ଏହି କୋଠାରେ ୪ଟି ପରିବାର ରହୁଥିଲେ । କିନ୍ତୁ ଘଟଣା ସମୟରେ ୯ ଜଣ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । କିନ୍ତୁ ଏବେ ମଧ୍ୟ ତଳେ ୧୪ ଜଣ ଲୋକ ଦବି ରହିଛନ୍ତି ବୋଲି ଆଶଙ୍କା କରାଯାଉଛି । ଏହି କୋଠା ପାଖାପାଖି ୧୦ରୁ ୧୫ ବର୍ଷ ପୁରୁଣା ବୋଲି କୁହାଯାଇଛି । ବର୍ଷା କାରଣରୁ ଏହି କୋଠାରେ ଫାଟ ସୃଷ୍ଟି ହୋଇଥିଲା ଓ ପୁଣି ତଳେ ପାଣି ପଶିଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି ।

## ହନୁମାନଙ୍କୁ ନେଇ ଟ୍ରମ୍ପ ସହଯୋଗୀଙ୍କ ବିବାଦୀୟ ବୟାନ, ଆମେରିକାରେ ବିରୋଧ



ଟେକ୍ସାସ୍, ୨୩।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ଆଲେକଜାଣ୍ଡର ଡନ୍‌କାନ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ହନୁମାନଙ୍କୁ ମିଥ୍ୟା ଭଗବାନ ଓ ତାଙ୍କ ପ୍ରତିମାକୁ ମିଛ ବୋଲି କହିଛନ୍ତି । ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଆମେ ଟେକ୍ସାସରେ ଏକ ମିଥ୍ୟା ଭଗବାନଙ୍କ ମିଛ ପ୍ରତିମାକୁ କାହିଁକି ସ୍ଥାପନ କରିବୁ? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଡନକାନଙ୍କ ଏହି ମନ୍ତବ୍ୟ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି । ହିନ୍ଦୁ ଆମେରିକାନ ଫାଉଣ୍ଡେସନ (ଏଚ୍‌ଏଏଫ୍) ତରଫରୁ ଡନକାନଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି । ଆହୁରି କେତୋଟି ସଂଗଠନ ଏହାକୁ ଧାର୍ମିକ ଆସ୍ଥା ଉପରେ ଆକ୍ରମଣ ବୋଲି କହିଛନ୍ତି ଓ ତାଙ୍କୁ କ୍ଷମା ମାଗିବାକୁ କହିଛନ୍ତି । ଆମେରିକାର ନାଗରିକମାନେ ମଧ୍ୟ ଏହାକୁ କଡ଼ା ବିରୋଧ କରି ନନ୍ଦା କରିଛନ୍ତି । କିନ୍ତୁ ଡନ୍‌କାନଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ । ଡନକାନ ୧୩ ବର୍ଷ ପୁଲିସ ବିଭାଗରେ କାର୍ଯ୍ୟ କରିଛନ୍ତି ଓ ସେ ଟେକ୍ସାସରୁ ୨୦୨୬ରେ ଆମେରିକା ସିନେଟ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି ।

ଉଲ୍ଲେଖଥାଉ କି, ଆମେରିକାର ଟେକ୍ସାସ ରାଜ୍ୟରେ ସୁଗର ଲ୍ୟାଣ୍ଡରେ ଥିବା ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କର ଏକ ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପନ କରାଯାଇଛି । ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' ବୋଲି କୁହାଯାଉଛି । ଏହା ବିଦେଶରେ ଥିବା ସବୁଠାରୁ ଉଚ୍ଚ ହନୁମାନ ପ୍ରତିମା । ପଦ୍ମଫୁଲ ଉପରେ ସ୍ଥାପିତ ଏହି ପ୍ରତିମାର ଓଜନ ୯୦ ଟନ ଓ ୫ଟି ଧାତୁକୁ ମିଶାଇ ଏହାର ନିର୍ମାଣ ହୋଇଛି । ହନୁମାନ ଅଭୟ ମୁଦ୍ରାରେ ରହି ଗୋଟିଏ ହାତ ଆଗକୁ ରଖିବା ସହ ଅନ୍ୟ ହାତରେ ଗଦା ଧରିଛନ୍ତି । ଷ୍ଟାଚ୍ୟୁ ଅଫ ଲିବର୍ଟି (୧୫୧ ଫୁଟ) ଓ ପେଗାସସ ଆଣ୍ଡ ଡ୍ରାଗନ (୧୧୦ ଫୁଟ) ପରେ ଏହି ହନୁମାନ ପ୍ରତିଭା ଆମେରିକାର ତୃତୀୟ ଉଚ୍ଚତମ ମୂର୍ତ୍ତୀ ଭାବେ ପରିଗଣିତ ହେଉଛି । ଏହି ମୁର୍ତ୍ତୀର ସ୍ଥାପନ ପାଇଁ ଅଗଷ୍ଟ ୧୫ ଓ ୧୮ ରେ ୩ ଦିନଧରି ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ ।

## ମୁଁ ଯୁଦ୍ଧ ବନ୍ଦ କରିଛି; ଜାତିସଂଘ ଫେଲ୍ ମାରିଛି: ଟ୍ରମ୍ପ



ୱାଶିଂଟନ, ୨୩।୯(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଜାତିସଂଘ ମହାସଭା(ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନିଜ ବ୍ୟକ୍ତବ୍ୟ ରଖିଛନ୍ତି । ନିଜର ଦ୍ୱିତୀୟ କାର୍ଯ୍ୟକାଳରେ ସେ ପ୍ରଥମଥର ପାଇଁ ୟୁଏନ୍‌ଜିଏରେ ସମ୍ବୋଧନ ଦେଇଥିଲେ । ଏହାପୂର୍ବରୁ ସେ ୨୦୨୦ରେ ଶେଷଥର ପାଇଁ ୟୁଏନଜିଏକୁ ସମ୍ବୋଧିତ କରିଥିଲେ । ଭାରତ-ପାକିସ୍ତାନ ଯୁଦ୍ଧକୁ ସେ ରୋକିଥିଲେ ବୋଲି ପୁଣି ଥରେ କହିଛନ୍ତି । ସେ ମୋଟ ଉପରେ ୭ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛନ୍ତି ବୋଲି କହିଥିଲେ । ଯୁଦ୍ଧ ରୋକିବା ଜାତିସଂଘର କାର୍ଯ୍ୟ ହୋଇଥିବା ବେଳେ ଏହି କାର୍ଯ୍ୟ ମୋତେ ହିଁ କରିବାକୁ ହୋଇଥିଲା ବୋଲି ସେ କହିଛନ୍ତି । ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରିଥିବାରୁ ମୋତେ ନୋବେଲ ପୁରସ୍କାର ମିଳୁ ବୋଲି ସେ ପୁଣି କହିଥିଲେ । ୟୁକ୍ରେନ ଯୁଦ୍ଧ ରୋକିବାକୁ ଆମେରିକା ଟାରିଫ୍ ଲାଗୁ କରିବ ବୋଲି ସେ କହିଥିଲେ । ଭାରତ ଓ ଚୀନ୍ ରୁଷଠାରୁ ତୈଳ କ୍ରୟ କରି ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛନ୍ତି ବୋଲି ସେ କହିଥିଲେ । ସେ କାମ୍ବୋଡିଆ-ଥାଇଲାଣ୍ଡ, କୋସୋଭା- ସର୍ବିଆ, କଙ୍ଗୋ- ରୁୱାଣ୍ଡା, ପାକିସ୍ତାନ- ଭାରତ, ଇସ୍ରାଏଲ- ଇରାନ, ମିଶର-ଇଥିଓପିଆ, ଆର୍ମେନିଆ- ଆଜରବୈଜାନ ମଧ୍ୟରେ ଯୁଦ୍ଧ ରୋକିଥିଲେ ବୋଲି କହିଥିଲେ । ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣତି ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଥିଲେ । ଆମେରିକାରେ ଖୁବ୍‌ଶୀଘ୍ର ୧୭ ଟ୍ରିଲିଅନ ଡଲାରର ନିବେଶ ହେବ ଓ ଏବେ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଚାଲିଛି ବୋଲି ସେ କହିଥିଲେ । ଭାଷଣ ଆରମ୍ଭରେ ତାଙ୍କ ଟେଲିପ୍ରିଣ୍ଟର କାର୍ଯ୍ୟ କରିବା ବନ୍ଦ କରିଥିଲା । ତେଣୁ ମୁଁ ହୃଦୟରୁ କହୁଛି ବୋଲି ସେ କହିଥିଲେ ।

## ୯ ଟି ଦେଶକୁ ଭିସା ଦେବନାହିଁ ୟୁଏଇ

ଆବୁଧାବି, ୨୩।୯(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଭିସା ପ୍ରଦାନ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତର ଦୁଇ ପଡୋଶୀ ଦେଶ ବାଂଲାଦେଶ, ଆଫଗାନିସ୍ତାନ ସମେତ ୯ଟି ଦେଶକୁ ପର୍ଯ୍ୟଟନ ଓ ୱାର୍କ ଭିସା ପ୍ରଦାନକୁ ୟୁଏଇ ଅସ୍ଥାୟୀ ଭାବେ ପ୍ରତିବନ୍ଧ ଲଗାଇଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଲିବିୟା, ୟେମେନ, ସୋମାଲିଆ, ଲେବାନନ, କାମେରୁନ, ସୁଦାନ ଓ ୟୁଗାଣ୍ଡା । ଏବେ ଏହି ୯ଟି ଦେଶର ନାଗରିକ ୟୁଏଇ ଭିସା ପାଇଁ ଆବେଦନ କରିପାରିବେ ନାହିଁ । ଅଗାମୀ ସୂଚନା ଦିଆଯିବା ପର୍ଯ୍ୟନ୍ତ ଏହି ପ୍ରତିବନ୍ଧ ତୁରନ୍ତ ଲାଗୁ କରାଯାଇଛି । କିନ୍ତୁ ଏହି ଦେଶଗୁଡିକର ନାଗରିକଙ୍କ ପାଖରେ ଯଦି ବୈଧ ଭିସା ଥିବ ତେବେ ସେମାନେ ୟୁଏଇ ଯାତ୍ରା କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି । ଯେଉଁମାନେ ଆଇନ୍ ଅନୁସାରେ ପୂର୍ବରୁ ଦେଶରେ ରହିଛନ୍ତି ସେମୋନ ପୂର୍ବପରି କାର୍ଯ୍ୟ ଜାରି ରଖିପାରିବେ । ତେବେ କେଉଁ କାରଣରୁ ଏହି ଭିସା ପ୍ରତିବନ୍ଧ ଲାଗୁ କରାଯାଇଛି ସେ ନେଇ ୟୁଏଇ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ । କିନ୍ତୁ ରାଷ୍ଟ୍ରୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି ।

## ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଦିଲ୍ଲୀ ଆସିଲେ ଆଫଗାନ ବାଳକ



କାବୁଲ/ଦିଲ୍ଲୀ, ୨୩।୯(ଏଜେନ୍ସି): ଆଫଗାନିସ୍ତାନର ଜଣେ ୧୩ ବର୍ଷୀୟ ବାଳକ ଅଜବ କାଣ୍ଡ ଘଟାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ଏକ ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଭାରତ ଆସିବାରେ ସଫଳ ହୋଇଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ସେପ୍ଟେମ୍ବର ୨୧ ଅର୍ଥାତ ରବିବାର ଏହି ଘଟଣା ଘଟିଛି । କାବୁଲର ହାମିଦ କରଯାୟୀ ବିମାନ ବନ୍ଦରରେ ଭାରତୀୟ ସମୟ ସକାଳ ୮.୪୬ରେ କେଏଏମ୍ ଏୟାରଲାଇନ୍ସର ଫ୍ଲାଇଟ୍ ଆରକ୍ୟୁ-୪୪୦୧ ଟେକ୍‌ଅଫ୍ କରିଥିଲା ଓ ୧୦.୨୦ରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୩ ନଂ ଟର୍ମିନାଲରେ ଅବତରଣ କରିଥିଲା ।

କିନ୍ତୁ ବିମାନ ପାଖରେ ଜଣେ ବାଳକକୁ ବୁଲୁଥିବାର ଏୟାରଲାଇନ୍ କର୍ମଚାରୀ ଦେଖିବାକୁ ପାଇଥିଲେ । ତୁରନ୍ତ ଏ ନେଇ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା । ଏହାପରେ ସିଆଇଏସ୍‌ଏଫ୍ ଏହି ବାଳକକୁ ନେଇ ପୁଲିସକୁ ହସ୍ତାନ୍ତର କରିଥିଲେ । ବିମାନର ଲାଣ୍ଡିଂ ଗିୟରରେ ରହି ଆସିଲେ କିପରି ଲାଗୁଛି ତାହା ସେ ଦେଖିବାକୁ ଚାହୁଁଥିଲେ ବୋଲି ବାଳକ ଜଣକ ପୁଲିସକୁ କହିଥିଲା । ତେଣୁ ଜିଜ୍ଞାସା ପାଇଁ ସେ ଏପରି କହିଛନ୍ତି ବୋଲି ପୁଲିସ ହୃଦୟଙ୍ଗମ କରିଥିଲା । ଏହି ବାଳକ ଆଫଗାନିସ୍ତାନର କୁନ୍ଦୁଜ ସହରରେ ନିଜ ପରିବାର ସହ ରୁହନ୍ତି । ସୋମବାର କାବୁଲ ବିମାନ ବନ୍ଦରରେ ଏହି ବାଳକ କୌଣସି ପ୍ରକାର ପଶିଆସି ବିମାନ ପଛ ଭାଗରେ ଥିବା ଲ୍ୟାଣ୍ଡିଂ ଗିୟର କମ୍ପାର୍ଟମେଣ୍ଟରେ ପଶିବାକୁ ସକ୍ଷମ ହୋଇଥିଲେ । ବିମାନର ପୂରା ଯାଞ୍ଚ କରିବା ପରେ ସେହି ଦିନ ଏହି ବାଳକକୁ ସେହି ବିମାନରେ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା । କିନ୍ତୁ ସେ କିପରି ବଞ୍ଚି ରହିଲେ ସେ ନେଇ ବିଭିନ୍ନ ଏଜେନ୍ସି ଚକିତ ହୋଇଛନ୍ତି । ବିମାନର ଚକ ପାଖରେ ଲୁଚି କରି ଆସିବା ନିହାତି ବିପଜ୍ଜନକ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କୁହନ୍ତି । ପୁଣି ୩୦ ହଜାର ଫୁଟ ଉଚ୍ଚରେ -୪୦ରୁ ୬୦ ଡିଗ୍ରୀ ତାପମାତ୍ରାରେ ଓ ଅମ୍ଳଯାନ ଅଭାବରେ ଏହି ବାଳକ କିଭଳି ବଞ୍ଚି ରହିଲା ତାହା ସମସ୍ତଙ୍କୁ ଚକିତ କରିଛି । ଉଲ୍ଲେଖଥାଉ କି, ୪ ବର୍ଷ ତଳେ ତାଲିବାନ ଯେତେବେଳେ ଆଫଗାନିସ୍ତାନ ଶାସନ ହାତକୁ ନେଇଥିଲା, ସେତେବେଳେ କେତେ ଲୋକ ଦେଶ ଛାଡିବା ପାଇଁ ବିମାନ ବନ୍ଦରରେ ପଶି ବିମାନର ଚକରେ ଓଲି ଦେଶ ବାହରକୁ ଯିବା ପାଇଁ ପ୍ରୟାସ କରିଥିଲେ ।

## ଅବୈଧ ସମ୍ପର୍କ ଅପରାଧ ନୁହଁ, କିନ୍ତୁ ପରିଣତି ଭୟଙ୍କର: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯(ଏଜେନ୍ସି): ବିବାହତ୍ତୋର ତଥା ଅବୈଧ ସମ୍ପର୍କ ବା ବ୍ୟଭିଚାର ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବ୍ୟଭିଚାର କୌଣସି ଅପରାଧ ନୁହଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ତେବେ ଏହି ସମ୍ପର୍କ ବୈବାହିକ ଜୀବନକୁ ନଷ୍ଟ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହାର ପରିଣତି ମଧ୍ୟ ଭୟଙ୍କର । ଏହା ଦ୍ୱାରା ବିବାହ ବିଚ୍ଛେଦ ଓ ଅନ୍ୟ ଅପରାଧ ଭଳି ଚରମ ନିଷ୍ପତ୍ତି ନିଆଯିବାର ଅବକାଶ ସୃଷ୍ଟି କରିଥାଏ ବୋଲି କୋର୍ଟ କହିଛନ୍ତି । ପତି ଓ ପତ୍ନୀଙ୍କ ବୈବାହିକ ସମ୍ପର୍କରେ ବିଶ୍ୱାସ ହିଁ ମୂଳଦୁଆ ଭଳି କାମ କରିଥାଏ । ଯଦି ବିଶ୍ୱାସ ଭାଙ୍ଗିଯାଏ ତେବେ ବିବାହ ଭାଙ୍ଗି ଯାଇଥାଏ । ଜଷ୍ଟିସ ପୁରୁଷେନ୍ଦ୍ର କୌରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଯଦି କୌଣସି ତୃତୀୟ ପକ୍ଷ ବା ବ୍ୟକ୍ତିଙ୍କ ଲାଗି ପତି- ପତ୍ନୀଙ୍କ ସମ୍ପର୍କରେ ପ୍ରଭାବିତ ହୁଏ, ତେବେ ପ୍ରଭାବିତ ପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଅବଶ୍ୟ ପୂର୍ବରୁ ସୁପ୍ରିମକୋର୍ଟ ଏ ନେଇ ତାଙ୍କ ରାୟ ୨୦୧୮ ରେ ଦେଇସାରିଛନ୍ତି । ଅବୈଧ ସମ୍ପର୍କୁ ଅପରାଧ କହିବା ଅଣସାମ୍ବିଧାନିକ ବୋଲି କୋର୍ଟ ସେତେବେଳେ କହିଥିଲେ ।




**ସାର ଅଭାବ ଓ କଳାବଜାର**

# କିଷାନ କଂଗ୍ରେସ ଘେରିଲା ବିଧାନସଭା

ଭୁବନେଶ୍ୱର,୨୩।୯ (ସମିସ): ସାରା ରାଜ୍ୟରେ ସାର ଅଭାବ ଓ କଳାବଜାରୀ ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ସାର ଅଭାବ ଯୋଗୁଁ ଚାଷୀ ହତାଶ ଓ ଆତଙ୍କିତ ହୋଇ ପଡ଼ିଛନ୍ତି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ ଫେଲ। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟରେ ସାର ଅଭାବ, କଳାବଜାରୀ ଓ ସରକାରଙ୍କ ଅପାରଗତା ଆଦିକୁ ପ୍ରସଙ୍ଗ କରି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ କରାଯାଇଛି। ଶହ ଶହ କଂଗ୍ରେସ କର୍ମୀ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।



କିଷାନ କଂଗ୍ରେସ ଅଭିଯୋଗ ଅନୁସାରେ ରାଜ୍ୟରେ ବିଶେଷତଃ ୟୁରିଆ ସାରର ଘୋର ଅଭାବ ଏବଂ କଳାବଜାରୀ ଦେଖାଯାଇଛି। ସମବାୟ ସଂସ୍ଥା ଓ ମାର୍କଫେଡ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଇ ସଂସ୍ଥା ଦ୍ୱୟ ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି; କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। ସାର ପାଇଁ ଚାଷୀ ଦିନ ଦିନ ରାତିରାତି ଅଧିଆ ପଡୁଛି। ରୁଆ ବେଉଷଣ ସମୟରେ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେଇ ସମୟରେ ଚାଷୀଙ୍କୁ ସାର ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କିଷାନ କଂଗ୍ରେସ କହିଛି। ତେଣୁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି।

ବିଧାନସଭା ଘେରାଉ ପାଇଁ କିଷାନ କଂଗ୍ରେସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ଗିରଫ ପୁଲିସ ଗିରଫ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଏବଂ କିଷାନ କଂଗ୍ରେସ କେନ୍ଦ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକଙ୍କ ସହିତ ରାଜ୍ୟର ସମସ୍ତ ସ୍ଥାନରୁ ଆସିଥିବା କିଷାନ କଂଗ୍ରେସର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର

ଭୁବନେଶ୍ୱର/ମହାକାଳପଡ଼ା,୨୩।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ସେ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ ଚଢ଼ଉ କରିଛି।



**ଜବରଦଖଲ ଉଚ୍ଛେଦ ଅର୍ଡର ପାଇଁ ଲାଞ୍ଚ ମାଗିଥିଲେ**

ସୂଚନାନୁଯାୟୀ, ଗୋଜାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ତାହାକୁ ଉଚ୍ଛେଦ କରିବା ପାଇଁ ସେ ୨୦୨୪ରେ ଆବେଦନ କରିଥିଲେ। ଆର୍‌ଆଇ ଯାଞ୍ଚ କରିବା ପରେ ତହସିଲଦାରଙ୍କୁ ଏ ସଂପର୍କିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। କିଛି ଦୁର୍ବୃତ୍ତ ସାଧାରଣ ରାସ୍ତା ଅବରୋଧ କରି ସରକାରୀ ଜାଗା ଜବରଦଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାପରେ ମଧ ଜବରଦଖଲ ଉଚ୍ଛେଦ କରାନଯିବାରୁ ପୀତାମ୍ବର ତହସିଲଦାରଙ୍କୁ ଦୁଇଥର ଭେଟି ଅଭିଯୋଗ କରିଥିଲେ। ୨୦ହଜାର ଟଙ୍କା ଲାଞ୍ଚ ନଦେଲେ ଜବରଦଖଲ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ତହସିଲଦାର କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ପୀତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟର୍‌ରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଆନନ୍ଦପୁର, ୨୩।୯ (ସମିସ): ଆନନ୍ଦପୁର ଉପକାରାଗାରରେ ଆଜି ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଅଭି ମୁଣ୍ଡା। ସୋସୋ ଥାନା ଅଞ୍ଚଳର ଏକ ହତ୍ୟା ମାମଲାରେ ସେ ୨୦୨୪ ମାର୍ଚ୍ଚ ୨୪ରୁ ବିଚାରାଧୀନ କଏଦୀ ଭାବେ ଆନନ୍ଦପୁର ଜେଲ୍‌ରେ ଥିଲେ। ଆଜି ସକାଳୁ ଅଭିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କର ବାନ୍ତି ହେବା ସହ ଛାତିରେ ଯନ୍ତ୍ରଣା ହୋଇଥିଲା। ସବ୍-ଜେଲର୍ ସୁଶୀଲ କୁମାର ପଣ୍ଡା ଚିକିତ୍ସା ଲାଗି ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ତେବେ ଏହି ଘଟଣାର ପ୍ରଶାସନିକ ତଦନ୍ତ ଚାଲିଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ।

■ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

# ଶ୍ରୀମୟୀ ମିଶ୍ରଙ୍କ ସହ ୨ ନେତା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସମିସ): ଦଳବିରୋଧୀ କାର୍ଯ୍ୟରେ ସଂପୃକ୍ତି ପାଇଁ ମଙ୍ଗଳବାର ବିଜେଡି ୨ଜଣ ନେତା ଏବଂ ଜଣେ ନେତ୍ରୀଙ୍କୁ ଦଳରୁ ନିଲମ୍ବନ କରିଛି। ସେମାନେ ହେଲେ, ବିଜେଡି ସାଧାରଣ ସମ୍ପାଦକ (ମହିଳା ବ୍ୟାପାର) ଶ୍ରୀମୟୀ ମିଶ୍ର, ମୟୂରଭଞ୍ଜ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାଏ ଓ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ। ଉପରୋକ୍ତ ୩ ନେତାଙ୍କୁ ଦଳ ପକ୍ଷରୁ ନିଲମ୍ବନ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

**କୁର୍ତ୍ତାଙ୍ଗ ଛାତ୍ରୀ ନିର୍ଯାତନା ମାମଲା**

# ଆତ୍ମସମର୍ପଣ ପରେ ଜେଲ୍ ଗଲେ ଅଧ୍ୟକ୍ଷ

ଜଗତସିଂହପୁର/ରଘୁନାଥପୁର, ୨୩।୯ (ସମିସ): କୁର୍ତ୍ତାଙ୍ଗ ସ୍ୱାମୀ ଅରୂପାନନ୍ଦ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଆଜି ଜଗତସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଥାନାରେ ମଧ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ, ସେମାନେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ଦୁହିଁଙ୍କୁ ତଳକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏକ ମାସରୁ ଅଧିକ ସମୟଧରି ଫେରାର୍ ରହିବା ପରେ ଆଜି ଅଧ୍ୟକ୍ଷ ଶ୍ରୀ ସାହୁ ପକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଶିବପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଏବେ ମଧ ଫେରାର୍ ଅଛନ୍ତି।

**ସାର ଯୋଗାଣରେ ବିଫଳ ପ୍ରଶାସନ**

# ପୁଲିସ ଉପସ୍ଥିତିରେ ବୋହିନେଲେ ଚାଷୀ

ସାନଖେମୁଣ୍ଡି, ୨୩।୯ (ସମିସ): ସାରା ରାଜ୍ୟରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ବିଭାଗୀୟ ମନ୍ତ୍ରୀ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ବାହାସ୍ଫୋଟ ମାରୁଥିବା ବେଳେ ବିଭିନ୍ନ ଜିଲ୍ଲାରେ ସାର ନପାଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ଚଳିତବର୍ଷ ଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କେଉଁଠି ସାର ପାଇଁ ଚାଷୀ ରାତି ଅନିଦ୍ରା ହୋଇ ସମିତି ଆଗରେ ଧାଡ଼ି ଲଗାଉଛନ୍ତି ତ ଆଉ କେଉଁଠି ଧୁ'ଧୁ' ଖରାରେ ମହିଳା ଚାଷୀ ଘଣ୍ଟାଘଣ୍ଟା ଧାଡ଼ିରେ ଠିଆ ହୋଇ ଅଚେତ ହୋଇପଡୁଛନ୍ତି। ଏବେ ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସମବାୟ ସମିତିରେ ଚାଷୀଙ୍କ ଧୈର୍ଯ୍ୟଚ୍ୟୁତି ହେବାରୁ ସମିତି ପାଚେରି ଡେଇଁ ପଶି ସାର ବୋହି ନେଇଯାଇଥିବା ଭଳି ଅଭାବନୀୟ ଘଟଣା ଘଟିଛି।

ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ସାରର ଅଭାବ ରହିଛି। ମୌଳାଭଞ୍ଜା ସେବା ସମବାୟ ସମିତିର



ଚାଷୀ ସାର ପାଇଁ ଗଞ୍ଜାମ-ଗଜପତି ଜାତୀୟ ରାଜପଥ ଅବରୋଧ କରିଥିଲେ ମଧ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଚାଷୀ ମୌଳାଭଞ୍ଜା ସେବା ସମବାୟ ସମିତି ଆଗରେ ରହି ପ୍ରତିବାଦ କରିଥିଲେ, କିନ୍ତୁ ସାର ପାଇନଥିଲେ। ଚାଷୀ ଅଭିଯୋଗ କରିଥିଲେ ଯେ ସେବା ସମବାୟ ସମିତିଗୁଡ଼ିକରେ ସାର ଥାଇ ମଧ ତାଙ୍କୁ ଦିଆଯାଉନାହିଁ। ଅନେକ ଚାଷୀ ଅଭିଯୋଗ କରିଛନ୍ତି କି, ସମବାୟ ସମ୍ପାଦକ ଓ ସଭାପତି ସାରଗୁଡ଼ିକୁ କଳାବାଜରରେ ବିକ୍ରି କରୁଛନ୍ତି ଏବଂ ବିଳମ୍ବିତ ରାତିରେ ନିଜର ଲୋକଙ୍କୁ ଡକାଇ ସାର ଦେଉଛନ୍ତି। ସାର ଥିଲେ ମଧ କାହିଁକି ଦିଆଯାଉନାହିଁ କହି ରାସ୍ତାରେ ହୋହାଲ୍ଲା କରିବା ପରେ ସେବା ସମବାୟ କେନ୍ଦ୍ରରେ ଧସେଇ ପଶି ପୁଲିସ ଉପସ୍ଥିତିରେ ବହୁ ଚାଷୀ ସାର ବୋହି ନେଇଥିଲେ। ସମିତି ସମ୍ପାଦକ ଓ ପୁଲିସ ସବୁ ଦେଖି ଜଳକା ହୋଇ ରହିଥିଲେ।

# ରତ୍ନଭଣ୍ଡାରକୁ ଫେରିଲା ମହାପ୍ରଭୁଙ୍କ ଅଳଙ୍କାର

ପୁରୀ, ୨୩।୯ (ସମିସ): ରତ୍ନଭଣ୍ଡାରକୁ ଫେରିଛି ମହାପ୍ରଭୁଙ୍କ ରତ୍ନାଳଙ୍କାର। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆଜି ସକାଳ ୧୦ଟା ୫୫ରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଅପରାହ୍ଣ ୨ଟା ୫୫ ପର୍ଯ୍ୟନ୍ତ ୪ ଘଣ୍ଟା ଧରି ଚାଲିଥିଲା।



■ ୪ ଘଣ୍ଟାରେ ଶେଷ ହେଲା ସ୍ଥାନାନ୍ତର ପ୍ରକ୍ରିୟା
■ ଟ୍ରେଜେରୀରେ ରହିଲା ଭିତର ଭଣ୍ଡାରର ଚାବି
■ ରାଜ୍ୟ ସରକାରଙ୍କ ଅନୁମୋଦନରେ ଗଣତିମଣତି ହେବ

ରତ୍ନଭଣ୍ଡାର କମିଟି ଓ ଉଚ୍ଚସ୍ତରୀୟ କମିଟିର ୧୧ ଜଣିଆ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ମଧୁସୂଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ରହିଥିଲେ। ଏତ୍‌ଦବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସାମିଲ ଥିଲେ। ସମସ୍ତେ ମହାପ୍ରଭୁ ଏବଂ ପାର୍ଶ୍ୱଦେବୀଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଥିଲେ। ପୂର୍ବାହ୍ନ ୧୦ଟା ୫୫ରେ ଆରମ୍ଭ ହୋଇଥିଲା ସ୍ଥାନାନ୍ତର ପ୍ରକ୍ରିୟା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖଟଶେଯ ଘର ଖୋଲାଯାଇଥିଲା। ସମସ୍ତ ବହୁମୂଲ୍ୟ ସାମଗ୍ରୀ ସେଠାରୁ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରରେ ୨ଟି ତାଲା ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଏହାର ଚାବି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଟ୍ରେଜେରୀରେ ଜମା ଦିଆଯାଇଛି।

ପରେ ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟିଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୁରକ୍ଷା ଯାଞ୍ଚ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୮ଟାଠାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା। ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କୁ ଯାଞ୍ଚ କରି ଛଡ଼ାଯାଉଥିଲା।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରାୟ ୧୫ମାସର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୬ଟି ଟ୍ରଙ୍କ୍ ଓ ୬ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଏବଂ ନିର୍ଦ୍ଦେଶ ଅନୁସାରେ ହିଁ ହେବ।

**୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ**

# 'ପୁଷ୍କରା' ଶ୍ରେଷ୍ଠ ଫିଚର୍ ଫିଲ୍ମ

## 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓ 'ମୋ ବୋଉ ମୋ ଗାଁ' ପୁରସ୍କୃତ

ଭୁବନେଶ୍ୱର, ୨୩।୯ (ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍'କୁ ଅଣଫିଚର୍ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଇତିହାସ ଆଧାରିତ ସୁବାସ ସାହୁଙ୍କ ନିର୍ଦ୍ଦେଶିତ 'ମୋ ବୋଉ ମୋ ଗାଁ'କୁ ମଧ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।





ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'ରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ରଙ୍କ ନିଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଚଳଚ୍ଚିତ୍ରରେ ଓଲିଉଡ୍ ନାୟିକା ସୁପ୍ରିୟାଙ୍କ ଦମଦାର ଅଭିନୟ ମଧ ବେଶ୍ ପ୍ରଶଂସା ସାଉଁଟିଛି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି ମଧ ଅଭିନୟ କରିଛନ୍ତି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ସିନେମାରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ମୌଳିକ ପରମ୍ପରାକୁ ନିଖୁଣ ଶୈଳୀରେ ଉପସ୍ଥାପନ କରାଯାଇଛି। ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ପ୍ରାମାଣିକ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଗବେଷଣା ଉପରେ ଆଧାରିତ। ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଓ ସଂଘର୍ଷ ଚିତ୍ରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ଇତି ସାମନ୍ତ।

**ରାଜ୍ୟ ବାର୍ କାଉନସିଲ କର୍ପସ ଫଣ୍ଡ ନିୟମାବଳୀକୁ ବେଆଇନ ଘୋଷଣା ପାଇଁ ମାମଲା**

# ଆପୋସ ଆଲୋଚନାରେ ସମାଧାନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ, ୨୩।୯ (ସମିସ): ରାଜ୍ୟ ବାର କାଉନସିଲ କର୍ପସ ଫଣ୍ଡ ରୁଲ-୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଆପୋସ ସମାଧାନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନଜୀବୀ କବିରାଜ ପ୍ରଧାନ ଓ ବିପ୍ଳବ ଶିଳାଦିତ୍ୟଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିବା କ୍ଷମତା ରାଜ୍ୟ ବାର୍ କାଉନସିଲର ନଥିବା ବେଳେ ବେଆଇନ ଭାବେ ଏହି ନିୟମାବଳୀ କରାଯାଇଛି। ଏଥିସହ ନିୟମାବଳୀ ଆଧାରରେ ଓକିଲାତିନାମାରେ ୧୦୦ ଟଙ୍କାର ଷ୍ଟାମ୍ପକୁ ବାଧ୍ୟତାମୂଳକ କରିବା ଆଇନସମ୍ମତ ନୁହେଁ। ଏହା ଦ୍ୱାରା ଜନସାଧାରଣଙ୍କ ପାଇଁ ଆଇନସେବା ପ୍ରଭାବିତ ହେବା ସହ ଯୁବ ଆଇନଜୀବୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ହୋଇଥିବା ନେଇ ଆବେଦନରେ ଅଭିଯୋଗ କରାଯାଇଛି। ସେହିଭଳି ଏହି ନିୟମ ଅନୁପାଳନ ନକରିବା କ୍ଷେତ୍ରରେ ଆଇନଜୀବୀ ଓ ବାର୍ ଆସୋସିଏସନଗୁଡ଼ିକ ପାଇଁ କରାଯାଇଥିବା ଦଣ୍ଡ ବ୍ୟବସ୍ଥା ବେଆଇନ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ଓ ଦିପକ କୁମାର ମହାପାତ୍ର ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲା ପରିଚାଳନାରେ ଆଇନଜୀବୀ ରୋମିତ ପାଣିଗ୍ରାହୀ, ସ୍ୱରାଜ ଓ ଦୀପ୍ତାଂଶୁ ନନ୍ଦ ସହାୟତା କରୁଛନ୍ତି। ଏହି ମାମଲାରେ ରାଜ୍ୟ ବାର୍ କାଉନସିଲ ସମେତ ବିଭିନ୍ନ ବାର ଆସୋସିଏସନକୁ ପକ୍ଷଭୁକ୍ତ କରାଯାଇଛି।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବୁଦ୍ଧାଦିତ୍ୟ

ଭୁବନେଶ୍ୱର,୨୩।୯ (ସମିସ): ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଆଜି ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଥିବାରୁ ଘରେ ରହି ନିୟମିତ ଔଷଧ ନେବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ପାଖାପାଖି ୮ଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୁଦ୍ଧାଦିତ୍ୟ। ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତ ଥିଲେ।

## ଜୟନ୍ତରା ସେବାଶ୍ରମରେ ଛାତ୍ର ମୃତ୍ୟୁ ଘଟଣା

# ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ତଦନ୍ତ



■ ଚିକିତ୍ସା ଅବହେଳାରୁ ଚାଲିଗଲା ଜୀବନ !

■ ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**ଦଶରଥପୁର,୨୩।୯ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଜୟନ୍ତରା ସେବାଶ୍ରମ ବିଦ୍ୟାଳୟରେ ଗତକାଲି ଜଣେ ଅସୁସ୍ଥ ଛାତ୍ରକୁ ଡାକ୍ତର ମୃତ ଘୋଷଣା କରିବା ଏବଂ ଅନ୍ୟ ଜଣେ ଛାତ୍ର ଗୁରୁତର ଅସୁସ୍ଥ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଘଟଣାରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ ସେବାଶ୍ରମର ମୋଟ ଉପସ୍ଥିତ ଥିବା ୧୯୨ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବିଡିଓ ଆକାଶ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳପୁର ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର ଅମ୍ରିତା ପ୍ରୀତମ ମଲ୍ଲ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଯୋଜନାରେ କାର୍ଯ୍ୟରତ ଡାକ୍ତର ଦେବଯାନୀ ପତି, ଡାକ୍ତର ସୁଶାନ୍ତ ଦାସଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଓ ଟେକ୍ନିସିଆନ ସେବାଶ୍ରମରେ ପହଞ୍ଚି ଅବଶିଷ୍ଟ ଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସମୟରେ ସେବାଶ୍ରମର ପ୍ରାୟ ୫୦ରୁ ଅଧିକ ଛାତ୍ରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ଜଣାପଡିଥିଲା। କିଛି ଛାତ୍ର ଥଣ୍ଡା, ସର୍ଦ୍ଦି, ଜ୍ୱର ଜନିତ ରୋଗ ସମସ୍ୟାରେ ପୀଡ଼ିତ ରହିଥିବା ଜଣାପଡିଥିଲା। ମୁଖ୍ୟତଃ ସେବାଶ୍ରମର ପାନୀୟଜଳ ବ୍ୟବସ୍ଥା ଓ ସ୍ୱଚ୍ଛତା ଉପରେ ସ୍ୱାସ୍ଥ୍ୟ ବିଭାଗ ବିରକ୍ତି ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ବିଡିଓ ଆକାଶ ପଟ୍ଟନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶରତ ଚନ୍ଦ୍ର ବେହେରା ପ୍ରମୁଖ ସେବାଶ୍ରମରେ ପହଞ୍ଚି ୩୦ ରୁ ଅଧିକ ଛାତ୍ରଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଖାଦ୍ୟ ପରିଚାଳନା, ପାନୀୟ ବ୍ୟବସ୍ଥା ଉପରେ ତନାଘନା କରିବା ସହିତ ସେବାଶ୍ରମର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ମୃତ ୧ମ ଶ୍ରେଣୀ ଛାତ୍ର ବୁଦ୍ଧିରାମ ପୂର୍ତ୍ତି ଗତ ଗୁରୁବାର ଠାରୁ ଜ୍ୱର ଏବଂ ପେଟ ଜନିତ ସମସ୍ୟାରେ ପୀଡ଼ିତ ଥିବା ସତ୍ତ୍ୱେ ତାକୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବା ପରିବର୍ତ୍ତେ ଅବହେଳା କରାଯାଇଥିବା କିଛି କୁନି କୁନି ସହପାଠୀ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିଲେ। ମାତ୍ର ସେବାଶ୍ରମର ମୁଖ୍ୟ ତଥା ପ୍ରଧାନ ଶିକ୍ଷକ ଦଶରଥ ଜେନା ଏସବୁର ଉତ୍ତର ରଖିବା ପରିବର୍ତ୍ତେ ତଦନ୍ତ ସମୟରେ ଅନୁପସ୍ଥିତ ରହିବାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷେ ଆଜି ସନ୍ଧ୍ୟାରେ ମୃତ ଛାତ୍ର ବୁଦ୍ଧିରାମ ପୂର୍ତ୍ତିର ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ଖୁବଶୀଘ୍ର କେଉଁ କାରଣରୁ ଛାତ୍ରଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହେବ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ମଲ୍ଲିକ ସୂଚନା ଦେଇଛନ୍ତି। ବର୍ତ୍ତମାନ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସେବାଶ୍ରମ କର୍ତ୍ତୃପକ୍ଷ ତୁରନ୍ତ ସେବାଶ୍ରମର ପରିମଳ, ସ୍ୱଚ୍ଛତା ଓ ପାନୀୟଜଳ ବ୍ୟବସ୍ଥା ସମେତ ସରୀସୃପଙ୍କ ପାଦୁର୍ଭାବ ଉପରେ ତ୍ୱରିତ ନିରାକରଣ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଥାଉକି ଗତକାଲି ଜୟନ୍ତରା ସେବାଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଛାତ୍ର ଗୁରୁତର ଅସୁସ୍ଥ ହୋଇପଡିବାରୁ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ସୁକିନ୍ଦା,୨୩।୯ (ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର କଲେଜ ଛକ ନିକଟରେ ଏକ ୧୪ଚକିଆ ଟ୍ରକ୍ ଦୁର୍ଘଟଣା ଘଟିବା ସହ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଗତ ସୋମବାର ବିଳମ୍ବିତ ରାତିରେ ହରିପୁର ଗ୍ରାମର ରମେଶ ଭୂୟାଁ (୩୫) ଏକ ଟ୍ରକ୍ ନେଇ ହରିପୁର ଗ୍ରାମକୁ ଯାଉଥିବା ସମୟରେ ହରିପୁର କଲେଜ ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ରମେଶ ଟ୍ରକ୍ ଷ୍ଟିୟରିଂରେ ଚାପିହୋଇ ରହିଥିଲା। ସେହି ରାସ୍ତାରେ ଯାଉଥିବା ପଥଚାରୀ ଏହି ଦୁର୍ଘଟଣା ଦେଖି ସୁକିନ୍ଦା ଅଗ୍ନିଶ୍ରମ ବିଭାଗକୁ ସୂଚନା ଦେଇଥିଲେ ଦଅଗ୍ନିଶ୍ରମ ବାହିନୀ ଅଧିକାରୀ ରଜନୀକାନ୍ତ ସାମଲ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ଟ୍ରକ୍ କ୍ୟାବିନ କାଟି ଫସି ରହିଥିବା ଚାଳକ ରମେଶକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଚୋରାମଦ କାରବାର ବନ୍ଦ ଦାବି

**ମଙ୍ଗଳପୁର,୨୩।୯ (ସମିସ):** ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତରେ ଦିନକୁ ଦିନ ବୃଦ୍ଧି ପାଉଛି ଚୋରା ମଦର ବେପାର। ଜନସାଧାରଣ ସମେତ ଛାତ୍ରଛାତ୍ରୀ ଅସୁରକ୍ଷିତ ମଣୁଛନ୍ତି କୟାଁଗୋଲା ଅଞ୍ଚଳରେ। କୟାଁଗୋଲା ଅଞ୍ଚଳରେ କୟାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୟାଁଗୋଲା ହାଇସ୍କୁଲ, ଇଣ୍ଡିଆନ ବ୍ୟାଙ୍କ, କୟାଁ ପଞ୍ଚାୟତ ଅଫିସ ସହିତ ବଜାର ମଧ୍ୟ ଅଛି। ଉକ୍ତ ବଜାରରେ କିଛି ବ୍ୟବସାୟୀ ଚୋରା ମଦ ବହୁଳ ଭାବରେ ବିକ୍ରି କରୁଥିବାରୁ ମଦୁଆମାନେ ମଦ ପିଇ ନିଜ ନିଜ ଭିତରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ମାରପିଟ ମଧ୍ୟ ଲାଗିଥାନ୍ତି। ବିଭିନ୍ନ ସମୟରେ ଉକ୍ତ ମଦୁଆ ମାନେ ବ୍ୟାଙ୍କ ପରିସରରେ, ପଞ୍ଚାୟତ ଅଫିସ ନିକଟରେ, ସ୍କୁଲ ନିକଟରେ ମଦ ପିଇ ଗାଳି କରୁଥିବାର ଲକ୍ଷ କରାଯାଇଛି। ତେଣୁ ଉକ୍ତ ଚୋରା ମଦ ଦୋକାନ ବନ୍ଦ କରିବା ପାଇଁ କୟାଁ ଅଞ୍ଚଳର ଜନସାଧାରଣ ମାନେ ଏବିଷୟରେ ଯାଜପୁର ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ଆଜି ମଙ୍ଗଳପୁର ଥାନରେ ଲିଖିତ ଅଭିଯୋଗ କରିଛନ୍ତି।

## ବର୍ଷରେ ପଡିଲା କାନ୍ଥ

**ପାଣିକୋଇଲି,୨୩।୯ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଗୋଳେଇପୁର (କେଳାଗଡିଆ) ଗ୍ରାମର ସୁଶାନ୍ତ ମଳିକ ପରିବାର ଆଜି ବେସହରା ହୋଇଛି। ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ପଡିଯାଇଛି। ଫଳରେ ରାତିରେ ମୁଣ୍ଡ ଗୋଞ୍ଜିବାକୁ ଆଉ ସ୍ଥାନ ନାହିଁ। ଘରର କାନ୍ଥ ପଡିବା ସହ ଘରର ଚାଳ ଭୁଷୁଡିପଡିଛି। ହେଲେ ଅସହାୟ ପରିବାର ନିକଟରେ ପ୍ରଶାସନ ପହଞ୍ଚିନାହିଁ। ବର୍ଷା ରାତିରେ ରାତି କେମିତି କଟାଇବେ ସେହି ଚିନ୍ତାରେ ଏବେ ପରିବାର। ତୁରନ୍ତ ପ୍ରଶାସନ ସୁଶାନ୍ତ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ବଞ୍ଚିବାର ରାହା ଦେବା ସହ ଆବଶ୍ୟକତା ପୂରଣ ପାଇଁ ସାଧାରଣରେ ଦାବି ହୋଇଛି। ବର୍ତ୍ତମାନ ଅସ୍ଥାୟୀଭାବେ ତାଙ୍କୁ ରଖାଯାଇ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ଦାବି ହୋଇଛି।



## ଜହ୍ନାରେ ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଶଙ୍ଖଚିଲା,୨୩।୯ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଲକ୍ଷ୍ମୀ ପୂଜା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ୫ ଦିନ ଆୟୋଜନ କରାଯିବ ଏବଂ ଏହା ପରେ ପରେ ଅପେରା ଦ୍ୱାରା ଯାତ୍ରା ପରିବେଷଣ ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଏକ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ପୂଜା କମିଟିର ସମ୍ପାଦକ ନିମାଇଁ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କର୍ମକର୍ତ୍ତା ପ୍ରାଣକୃଷ୍ଣ ବିଶ୍ୱାଳ, କୁଳମଣୀ ରାଉତ, ପ୍ରଦୀପ୍ତ ବିଶ୍ୱାଳ, ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ବେହେରା, ବାବାଜୀ ବେହେରା, ଲଲାଟେନ୍ଦୁ ନାୟକ, ଜୁଲୁ ପାଢ଼ୀ, କୃଷ୍ଣଚନ୍ଦ୍ର ଦାସ, ଜଗଦୀଶ ସାହୁ, ରାଣା ପ୍ରତାପ ସିଂ, ଅନାମ ବିଶ୍ୱାଳ, ଶତ୍ରୁଘ୍ନ ପାତ୍ର, ଲକ୍ଷ୍ମୀଧର କବି, ବାଇଧର ବିଶ୍ୱାଳ, ସନ୍ୟାସୀ ମଲ୍ଲିକ, ଭୀମସେନ ମଲ୍ଲିକ, ଅତୁଳ ପଥାଳ, ଅନିଲ ବିଶ୍ୱାଳ, ଶରତ ବିଶ୍ୱାଳ, ବିଦ୍ୟାଧର ମଲ୍ଲିକ, ପ୍ରଶାନ୍ତ ରାଉତ, ମୁନା ବଳ, ଶରତ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ପ୍ରଭାସ ରାଉତ, ଶୁଭାଂଶୁ ନାୟକ, ବଳରାମ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପସଭାପତି ଜଗବନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ।

## ସୂଚନା ଅଧିକାର ଆଇନ ଜନିତ ପ୍ରଶିକ୍ଷଣ ଶିବିର



**ସୁକିନ୍ଦା,୨୩।୯ (ସମିସ):** ସୁକିନ୍ଦାରେ ଦୁଇଦିନିଆ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଅଧିକାର ଆଇନ ଆବାହକ ପ୍ରଦୀପ ପ୍ରଧାନ, ସାମାଜିକ କର୍ମୀ ସର୍ବେଶ୍ୱର ବେହେରା ଏବଂ ଶ୍ରୀମନ୍ତ କୁମାର ପାତ୍ର ପ୍ରମୁଖ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ନିୟମାବଳୀ, ଆବେଦନ ପ୍ରକ୍ରିୟା, ଦାୟିତ୍ୱ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିନରେ ଗ୍ରୁପ୍ ଡିସ୍‌କସନ ଓ ପ୍ରାୟୋଗିକ ଅଭ୍ୟାସ ହେବା ସହିତ ସୁକିନ୍ଦା ଗଡ ସ୍ଥିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାବୁଲି ପାତ୍ର, ମୁରଲୀ ପାତ୍ର, ସଞ୍ଜୟ କୁମାର ନାୟକ, ଅଶୋକ କୁମାର ସାହୁ, କୈଳାସ ଚନ୍ଦ୍ର ନାୟକ, ତପସ୍ୱିନୀ ମଲ୍ଲିକ, ଗୌତମ ପାତ୍ର, ରୋହିତ କୁମାର ଖୁଣ୍ଟିଆଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ।

## ଜାତୀୟ ରାଜପଥ କଡ଼ରେ ଗଦା ଗଦା ବାଲି



**କୟାଁଗୋଲା,୨୩।୯ (ସମିସ):** କୁଆଖିଆ-ସାତଭାୟା ନିର୍ମାଣାଧୀନ ୨୦ ନଂ. ଜାତୀୟ ରାଜପଥ ପାଶ୍ୱର୍ ହଳଦିପଦା ଛକଠାରୁ କୟାଁଗୋଲା ପର୍ଯ୍ୟନ୍ତ ପ୍ରାୟ ବିଭିନ୍ନ ସ୍ଥାନରେ ୫୦ରୁ ଉର୍ଦ୍ଧ୍ୱ ବାଲି ଟ୍ରିପ୍ ଗଦା ହୋଇଥିବା ଦେଖିବାକୁ ମିଳିଛି। ଏହି ସବୁ ବାଲିକୁ ଚୋରା ବାଲି ବ୍ୟବସାୟୀମାନେ ଠୁଳକରି ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହି ସବୁ ବାଲି ରାସ୍ତା କଡ଼ରେ ଗଦା ହେଉଥିବା ବେଳେ ଧିରେ ଧିରେ ଏହା ରାସ୍ତା ଅଧା ପର୍ଯ୍ୟନ୍ତ ଧସିକରି ମାଡ଼ିଆସି ପଥଚାରୀଙ୍କ ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏପରି ଅବସ୍ଥାରେ ରାସ୍ତା ଥିବାରୁ ଏହି ସବୁ ସ୍ଥାନ ମାନଙ୍କରେ ଛୋଟ ବଡ଼ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ଏସବୁ ଚୋରା ବାଲି ରାସ୍ତା କଡ଼ରେ ଗଦା ହୋଇଥିବା ବେଳେ ତହସିଲ ପ୍ରଶାସନ କିମ୍ବା ଲଘୁଖଣି ବିଭାଗ ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି କାର୍ଯ୍ୟାନୁଷ୍ଠାନ ନ ହେବା ପଛରେ ଚୋରା ବାଲି ବେପାର କରୁଥିବା ପ୍ରଭାବଶାଳୀ ବାଲି ମାଫିଆମାନେ ସମ୍ପୃକ୍ତି ଥାଇ ବିଭିନ୍ନ ରାଜନେତାଙ୍କ ଛତ୍ରଛାୟା ତଳେ ଏପରି ବ୍ୟବସାୟ କରୁଥିବାର ଅଭିଯୋଗ ହୋଇଛି। ପ୍ରତିଦିନ ଶହ ଶହ ଗାଡ଼ିମଟର ଏହି ରାସ୍ତା ଉପରେ ଯାତାୟତ କରୁଥିବା ବେଳେ ବାଲି ପାଇଁ ଯାତାୟତରେ ସାଧାରଣ ଲୋକଙ୍କ ସହିତ ଗାଡ଼ିଗୁଡିକର ମଧ୍ୟ ସମସ୍ୟା ଦେଖା ଦେଉଛି। ଯାଜପୁରର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କେବଳ ଧର୍ମକୁ ଆଖିଠାର ମାରିଲା ଭଳି ସେଠାରେ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ପ୍ରକାରର ଚୋରା ବାଲି, ମାଟି ଲୁଟ୍ ପ୍ରତି ଖଣି ଉପନିର୍ଦ୍ଦେଶକ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏପରି ବେଆଇନ ବାଲି କୟାଁଗୋଲା ଠାରୁ କୟାଁଗୋଲା ଛକ, ଖାନନଗର, କମାରଡିହି, ଲାଲବାଗ, ବିରିପଟା, କରାଣ୍ଡିପୁର, ଥାଲକୁଡ଼ି ପ୍ରଭୃତି ସ୍ଥାନରେ ଜାତୀୟରାଜପଥ କଡ଼ରେ ଠୁଳ ହୋଇଥିବାର ଦେଖିବାକୁ ମିଳୁଛି। ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଭାବେ ଗଚ୍ଛିତ ବାଲିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ନ୍ୟାୟାଳୟର ନିର୍ଦ୍ଦେଶ ପରେ ଜବରଦଖଲ ଉଚ୍ଛେଦ



**ମଙ୍ଗଳପୁର,୨୩।୯ (ସମିସ):** ଝିଟିଟ ଖେଳରୁ ମହାଭାରତ। କ୍ଲବ ଘର ଛାତ ନ ପକାଇଦେବାରୁ ଆରମ୍ଭ ହେଲା ବିବାଦ। ଶେଷରେ ଭଙ୍ଗାଗଲା କୋଠାଘର। ମାଟିରେ ମିଶିଲା ଗୋଟି ଗୋଟି କୋଠା। ଏମିତି ପରିସ୍ଥିତି ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ତରପଦା ପଞ୍ଚାୟତସ୍ଥ ପତିରି ଗାଁରେ। ପତିରି ଗାଁର ଯୁବକ ସଂଘ ପିଲା କ୍ଲବ ଘର ଛାତ ପକାଇବା ବେଳେ କ୍ଲବ ଘର ଉପର ଦେଇ ଯାଇଥିବା ବାଉଁଶ କାଟିବାରୁ ଆରମ୍ଭ ହୋଇଥିଲା ବିବାଦ। ବିବାଦ ପରେ କେଶ୍ ଦଶରଥପୁର ଥାନାରେ ଓ ପରେ ହାଇକୋର୍ଟରେ କେଶ ପହଞ୍ଚିଥିଲା। ସରକାରୀ ଜମି ଉପରେ ଘର କରିଥିବା ୪ ଜଣଙ୍କ ଉପରେ ଉଚ୍ଚ ନ୍ୟାୟାଳୟରେ ଆରମ୍ଭ ହୋଇଥିଲା ମାମଲା। ୫ଦିନ ପୂର୍ବରୁ ଉଚ୍ଚ ନ୍ୟାୟାଳୟ ବିଚାର କରି ପତିରି ଗାଁର ମାନଗୋବିନ୍ଦ ଯେନା, ଖଗେଶ୍ୱର ଯେନା, ରବି ଯେନା, ଚନ୍ଦ୍ରକାନ୍ତ ଯେନାଙ୍କ ଘର ଭାଙ୍ଗିବା ପାଇଁ ଦଶରଥପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଦଶରଥପୁର ପୁଲିସଙ୍କ ସହଯୋଗରେ ଡ୍ରୋଜର ଲଗାଇ ଘର ଭଙ୍ଗାଯାଇଥିଲା। ଏହି ଘର ଗୁଡିକ ଭାଙ୍ଗିବା ପରେ ଗାଁର ଅନ୍ୟ ଅନାବାଦୀ ଜାଗା ଉପରେ ଘର କରିଥିବା ଲୋକଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଅଞ୍ଚଳବାସୀ କହିଛନ୍ତି।

## ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି

# କାର୍ଯ୍ୟନିର୍ବାହୀ ଅଧିକାରୀ ନିଜେ ଠିକାଦାର

**କାଳିଆପାଣି,୨୩।୯ (ସମିସ):** ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତର ପ୍ରମୁଖ ପଦ। ପଞ୍ଚାୟତରେ ବିନିଯୋଗ ହେଉଥିବା ସରକାରୀ ଅର୍ଥ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧୀନରେ ପଞ୍ଚାୟତର ସରପଞ୍ଚ ଓ ଏକାଧିକ ପ୍ରମୁଖ ବ୍ୟକ୍ତିଙ୍କ ସହଯୋଗରେ ବିନିଯୋଗ ହୁଏ। ହେଲେ ଚିଙ୍ଗୁଡ଼ିପାଳ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ବେହେରା ଗୋଟିଏ ପଞ୍ଚାୟତରେ ୧୦ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ବେଳେ ସରକାରୀ ଅର୍ଥ ଆତ୍ମସାତ କରିଥିବାର ଅଭିଯୋଗ ହୋଇଛି। ଚିଙ୍ଗୁଡ଼ିପାଳ ଆଶ୍ରମ ବିଦ୍ୟାଳୟ ପରିସର, ଦେଉଗାଁ ପ୍ରାଥମିକ ବିଦ୍ୟାଳୟ, ଗୁଆଖିଆ ଆଦି ଗ୍ରାମରେ ମନରେଗା ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟ ଚାଲିଥିବା ବେଳେ ଜବକାର୍ଡଧାରୀଙ୍କୁ ନେଇ କାର୍ଯ୍ୟ କରିବା ପ୍ରତିବଦଳରେ ମେସିନ ଲଗାଇ କାର୍ଯ୍ୟ କରାଯାଉଛି। ଗଛ ଲଗାଇବାକୁ ହେଲେ ୮ ରୁ ୧୦ ଜଣ ଦୈନିକ ମଜୁରିଆଙ୍କୁ ଗୋଟେ ଚାରା ପ୍ରତି ୫ରୁ ୭ ଟଙ୍କା ଦେଇ ଦିନ ମଜୁରିଆ ଭାବରେ କାର୍ଯ୍ୟ କରାଉଛନ୍ତି ଖୁଦ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ବେହେରା। ମନରେଗା ଯୋଜନାରେ ଅର୍ଥ ବିନିଯୋଗ ହେଉଥିଲେ ମଧ୍ୟ ଗ୍ରାମପଞ୍ଚାୟତ ଫଣ୍ଡର ଅର୍ଥ ମଧ୍ୟ ନିଜ ଇଚ୍ଛାରେ ବିନିଯୋଗ କରି ଅର୍ଥ ଆତ୍ମସାତ କରୁଥିବାର ଅଭିଯୋଗ ମଧ୍ୟ ହୋଇଛି। ସରକାରୀ ଅର୍ଥ ବ୍ୟାପକ ହାରିଲୁଟ କରି ସରକାରୀ ପଦବୀରେ ଥାଇ ନିଜର ଦବଦବା ଜାହିର କରିଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା ପାଇଁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି।

## ଗଣେଶ ଭସାଣିରେ ଦୁଲୁକିଲା ବ୍ରହ୍ମବରଦା



**ବ୍ରହ୍ମବରଦା,୨୩।୯ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଢିଅସାହି ଗ୍ରାମରେ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦ ପକ୍ଷରୁ ଆୟୋଜିତ ଏହି ଭସାଣି ଶୋଭାଯାତ୍ରାରେ ଅନୁଗୁଳରୁ ଆସିଥିବା ଡିଜେ, ଲାଇଟ୍ ସୋ, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁରର ଦମାଳ ବାଜା, ଯାଜପୁର ଟାଉନ ଅଞ୍ଚଳରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ କାଞ୍ଚନ ଓ ଗୁରୁବାରି ଆର୍କ୍ଟ, ଗରିଲା କାର୍ଟୁନ ଆଦି ଦର୍ଶକଙ୍କ ମନ ମୋହିଥିଲା। ଶୋଭାଯାତ୍ରାଟି ବ୍ରହ୍ମବରଦା ଢିଅସାହି ଗ୍ରାମରୁ ବାହାରି ମୁଖ୍ୟ ବଜାର ତାରିଣୀ ଛକ ପରିକ୍ରମା କରି ଚଣ୍ଡିମନ୍ଦିର ଦେଇ ସାନପୋଖରିରେ ବିସର୍ଜନ କରାଯାଇଥିଲା।

## ରାଜପଥରେ ଗୋରୁଙ୍କ ମୃତଦେହ

# ଉଠାଇବାରେ ବିଳମ୍ବ କରୁଛି ଠିକାସଂସ୍ଥା

**ପାଣିକୋଇଲି,୨୩।୯ (ସମିସ):** ରାଜପଥ ଦୁର୍ଘଟଣାରେ ପ୍ରତ୍ୟେହ ଏକାଧିକ ଗୋରୁ ବା ଷଣ୍ଢଙ୍କର ମୃତ୍ୟୁ ଘଟୁଛି। ପୂର୍ବରୁ ଏହାକୁ ରାଜପଥ ବିଭାଗୀୟ କମ୍ପାନୀ ଡିବିଏଲ ଖବର ପାଇବା କ୍ଷଣି ଉକ୍ତ ମୃତ ଗୋରୁଗାଈ ବା ଷଣ୍ଢଙ୍କୁ ରାସ୍ତାରୁ ହଟାଉଥିଲା। ଏବେ ରାଜପଥରେ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛନ୍ତି ଗୋରୁଗାଈ। ହେଲେ ଦାୟିତ୍ୱରେ ଥିବା ଡିବିଏଲ କମ୍ପାନୀର କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ମନମୁଖି ଭାବେ କାର୍ଯ୍ୟକରିବା ସହ ଖବର ଦେବାର ବହୁ ବିଳମ୍ବରରେ ସେମାନଙ୍କ ଶବ ଉଠାଯାଉଛି। ଏମିତିକି ବହୁସମୟ ଧରି ଶବ ପଡ଼ିରହିବାରୁ ଦୁର୍ଗନ୍ଧ ହେଉଛି। ସକାଳୁ ଖବର କଲେ ୪ଟା ବେଳକୁ ସେମାନେ ଆସି ପହଞ୍ଚିଛନ୍ତି। ପୁଣି କର୍ମଚାରୀ ଅଭାବ ଯୋଗୁ ସାଧାରଣ ଲୋକ ବା ସମାଜିକ କର୍ମୀଙ୍କ ସହାୟତା ନେବାକୁ ପଡୁଛି। ସୋମବାର ଦୁର୍ଘଟଣାରେ ଆହତ ହୋଇଥିବା ଏକ ଷଣ୍ଢ ଓଭରବ୍ରିଜ ତଳେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲା। ମାତ୍ର ସକାଳୁ ଖବର ଦେବା ପରେ ସନ୍ଧ୍ୟା ବେଳକୁ ତାକୁ ଉଠାଯାଇଥିଲା। ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରୁନି। ଯାହା ଫଳରେ ଡିବିଏଲ୍ କମ୍ପାନୀ ଏବେ ନିଜ ମନମୁଖିରେ କାର୍ଯ୍ୟ କରୁଛି। ବୁଲାଗୋରୁଗାଈଙ୍କୁ ସାମାଜିକ କର୍ମୀ ବା ଗୋମିତ୍ର ମାନେ ରେଡିୟମ ଫିତା ବାନ୍ଧୁଥିବା ବେଳେ ବିଭାଗ ନୀରବଦ୍ରଷ୍ଟା ସାଜିଛି। ବୁଲା ଗୋରୁଗାଈଙ୍କୁ ରେଡିୟମ ଫିତା ବାନ୍ଧିବା ସହ ଦୁର୍ଘଟଣାରେ ଆହତ ବା ମୃତ ଗୋରୁମାନଙ୍କୁ ତୁରନ୍ତ ଉଠାଇବାର ବା ଚିକିତ୍ସା କରିବା ଦିଗରେ ବିଭାଗ ଅବହେଳା କରୁଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ଉପଦେଷ୍ଟା ସୁବାସ ଧଳ ଓ ସଭାପତି ଅଶୋକ କୁମାର ଦାସ ଦାବି କରୁଛନ୍ତି।

## ବାଲିଚନ୍ଦ୍ରପୁର ବଜାରରୁ ଚୋରି

**ବାଲିଚନ୍ଦ୍ରପୁର,୨୩।୯ (ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଲୁହା କଣ୍ଟା ଓ ରଙ୍ଗ ଦୋକାନ କରିଥିବା ରଞ୍ଜନ କୁମାର ବଳଙ୍କ ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଏ ନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାଲିଚନ୍ଦ୍ରପୁର ସ୍ଥିତ ଶ୍ୟାମସୁନ୍ଦର ବଜାର କମିଟିରେ ନଳିପୁର ଗ୍ରାମର ରଞ୍ଜନ କୁମାର ବଳ ମା' ତାରିଣୀ ହାର୍ଡୱେଆର ଷ୍ଟୋର କରିଛନ୍ତି। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଗୃହ ଉପର ଆଜବେଷ୍ଟସ ଭାଙ୍ଗି ଦୋକାନ ଭିତରେ ପଶି ନଗଦ ୧୫ ହଜାର ଟଙ୍କା ସହିତ ଦୋକାନରେ ଥିବା କିଛି ଜିନିଷ ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ସକାଳେ ରଞ୍ଜନ ଆସି ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜଣା ପଡିଥିଲା। ସୂଚନା ଥାଉ କି ଗତ ଏକ ସପ୍ତାହ ତଳେ ବାଲିଚନ୍ଦ୍ରପୁର ବଜାରରେ ଥିବା ଏକ ଗ୍ରୋସରୀ ଦୋକାନରେ ଚୋରମାନେ ସ୍କାଏଲାଇଟ ଭାଙ୍ଗିଥିଲେ ମଧ୍ୟ କିଛି ନେଇ ପାରି ନ ଥିଲେ। ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବଜାର କମିଟି ପକ୍ଷରୁ ଦାବି ହୋଇଛି।

# ଜଳବନ୍ଦୀରେ ବଳଭଦ୍ରପୁର ଗ୍ରାମବାସୀ



**କବାଟବନ୍ଧ,୨୩।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମ ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ୯ ନମ୍ବର ୱାର୍ଡ ଜଳମଗ୍ନ ରହିଥିବା ଦେଖିବାକୁ ମିଳିଛି। ଯାହା ଦ୍ୱାରା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହେଉଛନ୍ତି। ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ ଦୀର୍ଘ ପ୍ରାୟ ୧୦ ବର୍ଷ ହେଲା ଏହି ଜଳବନ୍ଦୀ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯାହା ଦ୍ୱାରା ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସମାନ ଭାବରେ ଅସୁବିଧା ଭୋଗ କରୁଛନ୍ତି। କିଛି ପରିବାର ଘରୁ ବାହାରି ପାରୁନାହାଁନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ପ୍ରତିବର୍ଷ ବର୍ଷା ଋତୁରେ ସେମାନେ ଏକ ପ୍ରକାର ଜଳବନ୍ଦୀ ହୋଇ ଜୀବନ ଯାପନ କରୁଛନ୍ତି। ରଜ ପର୍ବ ପରେ ପରେ ମୌସୁମୀ ଆଗମନରେ ବର୍ଷା ହେଲେ ଏହି ସମସ୍ୟା ସୃଷ୍ଟି ହୁଏ। ଡ୍ରେନେଜ୍ ବ୍ୟବସ୍ଥା ଏହି ଜଳବନ୍ଦୀର ମୁଖ୍ୟକାରଣ ହୋଇଥିବା ବେଳେ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଜୁନ ମାସ ଶେଷ ଠାରୁ ବର୍ଷା ଋତୁ ୪ ମାସ ଅର୍ଥାତ ଅକ୍ଟୋବର ମାସ ପର୍ଯ୍ୟନ୍ତ ଏହି ୱାଡର୍‌ରେ ପାଣି ଜମି ରହିଥାଏ। ପ୍ରାୟ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମି ରହିବା କାରଣରୁ ମହିଳା ମାନେ ଯିବା ଆସିବା କରିବା ପାଇଁ ଲଜ୍ଜା ଅନୁଭବ କରୁଛନ୍ତି। କେବେ କେବେ ଘରୁ ବାହାରି ପାରୁ ନଥିବା ପରିବାର କୌଣସି ଜରୁରୀ ଆବଶ୍ୟକତା ରହିଥିବା କାର୍ଯ୍ୟ ମଧ୍ୟ କରି ପାରୁ ନାହାଁନ୍ତି। ଗ୍ରାମର କିଛି ଲୋକ କେବେ କେବେ ପାଣି ପମ୍ପ ଲଗାଇ ପାଣି ନିଷ୍କାସନ କରୁଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବେ କରିବା ସମ୍ଭବ ହେଉନାହିଁ। ଘର ଚାରିପଟେ ପାଣି ଜମି ରହିଥିବା କିଛି ପରିବାରର ଭିତର ଘର ଓଦା ହୋଇ ରହୁଛି। ଏହିପରି ସମସ୍ୟା ପାଇଁ ବହୁ କଷ୍ଟ ପାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗାଁ ଭିତର ରାସ୍ତା କଂକ୍ରିଟ ହୋଇଥିଲେ ମଧ୍ୟ ତାହା ଉପରେ ଆଣ୍ଠୁଏ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଏମିତି ହୋଇଛି ପାନୀୟ ଜଳଯୋଗାଣ ପାଇଁ ଲଗା ଯାଇଥିବା ପାଣିଟ୍ୟାପ୍ ସେହି ଅପରିଷ୍କାର ଜଳ ଘେରରେ ରହିଛି। ଛୋଟ ଛୋଟ ପିଲାମାନେ ଏହି ପାଣି ଭିତରେ ପଶି ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଯିବା ଆସିବା କରୁଛନ୍ତି। ଏହା ଦ୍ୱାରା ଛୋଟ ପିଲାଙ୍କ ଥଣ୍ଡା ଓ ଜ୍ୱର ଭଳି ନାନାଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଆବର୍ଜନା ପାଣିରେ ଯିବା ଆସିବା କରିବା ଦ୍ୱାରା ବିଭିନ୍ନ ରୋଗ ସଂକ୍ରମଣ ତଥା ଗୋଡ଼ ବାଲି ଖାଇବା କଣନଖା ଏବଂ ଗୋଡ଼ କୁଣ୍ଡାଇ ହେବା ଭଳି ଚର୍ମରୋଗ ଦେଖାହେଉଛି। କିଛି ପରିବାର ନିଜ ଘରକୁ ବଡ଼ବଡ଼ ପଥର ପକାଇ ଯିବା ଆସିବା କରୁଛନ୍ତି। ଆବର୍ଜନା ପାଣି ଦୁର୍ଗନ୍ଧ ହେଇବାରୁ ଲୋକମାନେ ଘରେ ଭଲରେ ଖାଇପିଇ ପାରୁ ନ ଥିବା ବେଳେ ଘରେ ସାପ ଓ ବେଙ୍ଗ ପଶି ଯାଉଛନ୍ତି। ଯାହାକୁ ନେଇ ଲୋକମାନେ ଭୟଭୀତ ହୋଇପଡୁଛନ୍ତି। ଏହି ୱାର୍ଡର ପ୍ରବେଶ ପଥ ୮ ନମ୍ବର ୱାର୍ଡରେ ମଧ୍ୟ ସାମାନ୍ୟ ବର୍ଷାରେ ପାଣିଜମି ରହୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏହି ଜଳକୁ ନିଷ୍କାସନ ଏବଂ ସ୍ଥାୟୀ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ମିଶନ ଶକ୍ତି କର୍ମଚାରୀଙ୍କ ଗଣଧାରଣା

ବିଞ୍ଝାରପୁର, ୨୩।୯ (ସମିସ): ବିଞ୍ଝାରପୁର ବ୍ଲକରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଙ୍ଘ ପକ୍ଷରୁ ବିଭିନ୍ନ ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସଂଘର କର୍ମକର୍ତ୍ତା ବିଡିଓଙ୍କୁ ଭେଟି ନିଜର ଦାବି ସମ୍ପର୍କରେ ଜଣାଇବା ସହ ବ୍ଲକ ପରିକ୍ରମା କରିଥିଲେ। ୨୯ ପଞ୍ଚାୟତରେ ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଏଥିରେ ସାମିଲ ହୋଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ଉତ୍ପଳବର୍ଣ୍ଣା ସାମଲ ଓ ସମ୍ପାଦିକା ପ୍ରଭାତୀ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।

ଧର୍ମଶାଳା: ଧର୍ମଶାଳା ବ୍ଲକରେ ମିଶନ ଶକ୍ତିରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ନିଜର ପ୍ରାପ୍ୟ ହାସଲ ନିମନ୍ତେ ବ୍ଲକ ସମ୍ମୁଖରେ ଗତକାଲି ଠାରୁ ଧାରଣା ଦେଇଛନ୍ତି। ସମସ୍ତ କର୍ମଚାରୀଙ୍କୁ ୬ ମାସର ବକେୟା ଦରମା ପ୍ରଦାନ କରିବାକୁ ସେମାନେ ଦାବି କରିଆସୁଛନ୍ତି। ଏନେଇ ସଂଘ ପକ୍ଷରୁ ବହୁବାର ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ଜଣାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ସରକାର ସେମାନଙ୍କ ଦାବି ନମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ସଙ୍ଘର ସଦସ୍ୟମାନେ ସୂଚନା ଦେଇଛନ୍ତି।

ଉପଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର

# ପାଦଦର୍ଶନରେ ଆସିଲେନି ମାଜିଷ୍ଟ୍ରେଟ୍

ଯାଜପୁର, ୨୩।୯ (ସମିସ)




ଆଜି ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଦଶମ ଦିନରେ ପାଳିତ ହୋଇଥିବା ବେଳେ ମା' ବିରଜାଙ୍କ ରଥଯାତ୍ରା ଓ ମୁଖ ଦର୍ଶନ ଆଜି ଦ୍ୱିତୀୟ ଦିନ ପାଳିତ ହୋଇଛି। ଆଜି ସକାଳ ୬ଟାରେ ବୈତରଣୀ ଜଳରେ ମା'ଙ୍କ ସ୍ନାନ କରାଯିବା ପରେ ୭ଟାରେ ଭକ୍ତମାନଙ୍କୁ ଗର୍ଭଗୃହକୁ ପ୍ରବେଶ କରାଯାଇଥିଲା। ମହିଳା ଓ ପୁରୁଷ ଭକ୍ତମାନେ ୨ ଧାଡ଼ିରେ ଗର୍ଭ ଗୃହକୁ ପ୍ରବେଶ କରି ମା'ଙ୍କ ପାଦ ସ୍ପର୍ଶ କରିବା ସହିତ ମା' ବିରଜାଙ୍କ ମୁଖ ଦର୍ଶନ ଅର୍ଥାତ୍ ମା'ଙ୍କ ମସ୍ତକରେ ଥିବା ପଞ୍ଚ ଦେବତାଙ୍କୁ ଦର୍ଶନ କରିଥିଲେ। ଭକ୍ତମାନେ ହାତରେ ଧରିଆସିଥିବା ଫୁଲ, ବେଲପତ୍ର ନିଜେ ମା'ଙ୍କ ପାଦରେ ଅର୍ପଣ କରି ଆଶିଷ କାମନା କରିଥିଲେ। ସକାଳେ ବର୍ଷା ସତ୍ତ୍ୱେ ମଧ୍ୟ ଭକ୍ତମାନେ ଲମ୍ବା ଧାଡ଼ିରେ ରହି ମା'ଙ୍କ ଗର୍ଭ ଗୃହକୁ ଯାଇ ପାଦ ସ୍ପର୍ଶ କରିଥିଲେ। ୧ଘଣ୍ଟା ଏହି ଦର୍ଶନ ଚାଲିବା ପରେ ବନ୍ଦ କରାଯାଇ ସାଧାରଣ ଦର୍ଶନ କରାଯାଇଥିଲା। ୮ଟାରୁ ୯ଟା ମଧ୍ୟରେ ମା'ଙ୍କର ଶାଢ଼ି ବେଶ, ଚନ୍ଦନ ବେଶ, ଗହଣା ବେଶ ଇତ୍ୟାଦି କାର୍ଯ୍ୟ ସମାପନ କରାଯାଇଥିଲା। ଦିନ ୧୧ଟା ୩୦ ମିନିଟରେ ବଡ଼ଶୃଙ୍ଗାର ବେଶ ପରେ ଗର୍ଭ ଗୃହକୁ ଧୂଆ କରାଯାଇ ୧୨ଟାରେ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ୨ଟା ୧୫ ମିନିଟରେ ସମସ୍ତ ପୂଜା ସମାପନରେ ୨ଟା ୩୦ ମିନିଟରେ ରୋଷିଆ ସେବାୟତ ମାନେ ସିଂହାସନ ନିକଟକୁ ପ୍ରସାଦ କୁଡୁଆ ନେଇଥିଲେ। ପ୍ରସାଦ ଲାଗ ପରେ ଆତଳୀ, କଳସ ପୂଜା ସରିବା ପରେ ୨ଟା ୪୫ ମିନିଟରେ ପହୁଡ଼ କରାଯାଇଥିଲା। ତାପରେ ଆଜି ଠାରୁ ରଥ ଉପରେ ମା' ବିରଜାଙ୍କ ବିଜୟ ପ୍ରତିମା ନିକଟରେ ପୂଜା ଓ ନୈବେଦ୍ୟ କରାଯାଇଛି। ପରେ ଆର୍ଥାତ୍ ୪ଟାରେ ପହୁଡ଼ ଖୋଲା ଯିବା ପରେ ଅପେକ୍ଷାରେ ଭକ୍ତମାନେ ମାଙ୍କୁ ଦର୍ଶନ କରିଥିଲେ। ଅପରାହ୍ନ ୪ଟା ୪୫ ମିନିଟରେ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ଗର୍ଭ ଗୃହରୁ ମା'ଙ୍କ ଆର୍ଶୀ ଦଣ୍ଡକୁ ଆର୍ଶୀ ପାଳିଆ ସେବାୟତ ଆଣିବା ପରେ ସିଂହଦ୍ୱାରରେ ଉପସ୍ଥିତ ରହିଥିବା ଛତ୍ର, ତରାଶ ସାମିଲ ହୋଇଥିଲେ। ଅପରାହ୍ନ ୫ଟାରେ ଆରମ୍ଭ କରାଯାଇଥିବା ରଥଯାତ୍ରା କାର୍ଯ୍ୟ ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ୬ଟା ୧୫ ମିନିଟରେ ରଥ ଚାଳନା ବନ୍ଦ ରେ ରଥରୁ ଆର୍ଶୀ, ଛତ୍ର, ତରାଶ, ମସାଲ ଅବତରଣ କରାଯାଇ ଆର୍ଶୀ ଦଣ୍ଡକୁ ମା'ଙ୍କ ସିଂହାସନ ନିକଟକୁ ନିଆଯାଇଥିଲା। ଆଜି ରଥକୁ ଏକ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ଦକ୍ଷିଣ ପଶ୍ଚିମ କୋଣରେ ରଖାଯାଇଛି। ରଥଯାତ୍ରା ଶେଷ ହେବା ପରେ ରାତି ୮ଟାରେ ବଡ଼ ଶୃଙ୍ଗାର ବେଶ ପରେ ରାତ୍ର ପୂଜାର ଆୟୋଜନ କରାଯାଇଛି। ଆଜିର ଦିନ ଓ ରାତ୍ରିର ପୂଜା କାର୍ଯ୍ୟକୁ ପୁରୋଧା ସରୋଜ କୁମାର ପତି, ପ୍ରମୋଦ କୁମାର ପତି, ପ୍ରତାପ ପତି, ବିରଜା ଶଙ୍କର ପତି ପରିଚାଳନା କରିଥିଲେ। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବ ସହକାରୀ ଜିଲ୍ଲାପାଳ ଜି ହରେକୃଷ୍ଣ ଉପସ୍ଥିତ ଥିବା ବେଳେ ଟାଉନ ଥାନା ପକ୍ଷରୁ ପୁଲିସ, ଅଗ୍ନିସେବା, ସ୍ୱାସ୍ଥ୍ୟସେବା, ଯାଜପୁର ପୌରପାଳିକାର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ପାଦ ଦର୍ଶନ ସମୟରେ ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଆସିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଉଅଛି। ଏଥି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜଣେ ଲେଖାଏଁ ମାଜିଷ୍ଟ୍ରେଟ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଆଜି ପାଦ ସ୍ପର୍ଶ ସମୟରେ ସହକାରୀ ଜିଲ୍ଲାପାଳ ବିଜୟ କୁମାର ମାରାଣ୍ଡିଙ୍କ ନାମ ତାଲିକାରେ ପ୍ରକାଶ ପାଇଥିଲେ ମଧ୍ୟ ବାବୁ ଜଣଙ୍କର ଦେଖା ନଥିଲା। ତାଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗଯୋଗ ହୋଇ ପାରି ନଥିଲା। ଘଟଣାଟିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ଦିରର ସେବାୟତଙ୍କ ସମେତ ଜନସାଧାରଣଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

ଦଶରଥପୁରରେ ସାର ଅଭାବ

# ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ

**ଦଶରଥପୁର, ୨୩।୯ (ସମିସ):** ବେଉଷଣ ପରେ ଧାନଗଛ ବଢ଼ିବା ସମୟରେ ବିଭିନ୍ନ ପ୍ରକାରର ସାର ଅଭାବ ହେତୁ ଦଶରଥପୁର ବ୍ଲକର ଖରିଫ ଧାନ ଚାଷ ଅହେତୁକ ପ୍ରଭାବିତ ହେଉଛନ୍ତି। ସରକାରୀ ଗୋଦାମ ଏବଂ ଲାଇସେନ୍ସପ୍ରାପ୍ତ ଦୋକାନରେ ଆବଶ୍ୟକ ସାର ଉପଲବ୍ଧ ନଥିବାରୁ ଚାଷୀମାନଙ୍କୁ ନିରାଶ ହେବାକୁ ପଡ଼ିଛି। ମୁଖ୍ୟତଃ ୟୁରିଆ ସାର ସଙ୍କଟ ସମୟରେ ବ୍ଲକର ଚାଷିକୂଳ ଗ୍ରୋମର ଏବଂ ଡିଏପି ସାର ଉପରେ ନିର୍ଭର କରୁଥିବା ସୁଯୋଗରେ କିଛି କଳାବଜାରୀ ସାରକୁ ଗୋପନୀୟ ଭାବେ ମହଜୁଦ କରି ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ନେଇ 'ସକାଳ'ରେ ଖବର ପ୍ରକାଶ ହୋଇଥିଲା। ଯାହାକୁ ଗୁରୁତ୍ୱ ପ୍ରଦାନ କରିଆଜି ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ବ୍ଲକର କଟିକଟା, ଗ୍ରାମନନ୍ଦିପୁର, ମଙ୍ଗଳପୁର ପ୍ୟାକ୍ସ ସମେତ ବିଭିନ୍ନ ବେସରକାରୀ ସାର ଦୋକାନ ମାନଙ୍କରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ମହଜୁଦ ସାର ପରିମାଣ ଏବଂ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରାଯାଇଥିଲା। ବ୍ଲକ କୃଷି ଅଧିକାରିଣୀ ଶ୍ରୀମତୀ ମିଶ୍ର ଚାଷୀଙ୍କ ସମସ୍ୟାକୁ ବିଭାଗ ଗୁରୁତର ସହ ଗ୍ରହଣ କରି ଚାଷୀ ମାନଙ୍କୁ ଆବଶ୍ୟକ ସାର ଯୋଗାଇ ଦେବାକୁ ଉଦ୍ୟମ ଚଳାଇଛି ଏବଂ ଖୁବଶୀଘ୍ର ଏହି ସମସ୍ୟା ଦୂର ହେବ ବୋଲି କହିଛନ୍ତି।



# ଉଚ୍ଚଶିକ୍ଷା ପାଇଁ ବାଳିକାଙ୍କୁ ସହାୟତା

**ଧର୍ମଶାଳା, ୨୩।୯ (ସମିସ):** ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ଜଣେ ମେଧାବୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ଲାଗି ଅର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନା ମୁତାବକ କ୍ଷେତ୍ରପାଳ ପଞ୍ଚାୟତ ସିଦ୍ଧିପୁର ଗ୍ରାମର ଗ୍ରେସିପି ରାଉତଙ୍କ ଭଉଣୀ ଉଚ୍ଚଶିକ୍ଷା ନିମନ୍ତେ ହରିୟାଣା ଯିବାରେ ଅର୍ଥବାଧକ ସାଜିଥିଲା। ଏହା ଜାଣିବା ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଯୁବ ସଂଗଠକ ରଜେଶ ପାଳ ଓ ବରିଷ୍ଠ ସଦସ୍ୟ ରବୀନ୍ଦ୍ର ବରାଳ ଅନ୍ୟ ସଦସ୍ୟମାନଙ୍କ ସହିତ ସିଦ୍ଧିପୁର ଗ୍ରାମସ୍ଥିତ ଉକ୍ତ ଛାତ୍ରୀଙ୍କ ଘରେ ପହଞ୍ଚି ତାଙ୍କ ଭାଇ ଓ ପରିବାର ବର୍ଗଙ୍କ ଉପସ୍ଥିତିରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ବିଧାୟକ ଶ୍ରୀ ସାହୁଙ୍କୁ କୃତଜ୍ଞତା ଜଣାଯାଇଛି।

# ବାପାର କଟୁରି ଚୋଟରେ ପୁଅ ମୃତ

**କବାଟବନ୍ଧ, ୨୩।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ବାପାର ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଳବା ପଞ୍ଚାୟତ ବିଛାଖଣ୍ଡି (ଶବର ସାହି) ର କଣ୍ଡିଆ ନାଏକଙ୍କ ପୁଅ ଶମ୍ଭୁ ନାଏକ (୩୦) ବୋଲି ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ କଣ୍ଡିଆ ଏବଂ ତାଙ୍କ ପୁଅ ଶମ୍ଭୁ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। କଣ୍ଡିଆ ରାଗିଯାଇ ଏକ କଟୁରିରେ ତାଙ୍କ ପୁଅ ସମ୍ଭୁର ବେକକୁ ଆକ୍ରମଣ କରିଥିଲା। ଫଳରେ ଶମ୍ଭୁ ସେହିଠାରେ ଟଳି ପଡ଼ିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ସୁକିନ୍ଦା, ୨୩।୯ (ସମିସ):** ବିଦ୍ୟୁତ ଆଘାତରେ ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବସାର ଗ୍ରାମ ଅଭିରାମ ମୁଣ୍ଡାଙ୍କ ପୁଅ ବାଦଲ ମୁଣ୍ଡା (୨୮) ଘରେ ମୋବାଇଲ ଚାର୍ଜର ଲଗାଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ବାଦଲକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଦଲକୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

# କୋରେଇରେ ଭାରୀଯାନ ଚଳାଚଳରେ ନିଷେଧ

**ଯାଜପୁର, ୨୩।୯ (ସମିସ):** କୋରେଇ ବ୍ଲକର ଷଠୀପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳକୁ ଏକ ମାସ ପର୍ଯ୍ୟନ୍ତ ନିଷେଧ କରାଯାଇଛି। ମୋଟର ଭେହିକଲ୍ ଆଇନ ଅନୁଯାୟୀ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏହି ଆଦେଶ ଜାରି କରିଛନ୍ତି। ସଡ଼କ ବିସ୍ତାର, ସୁଦୃଢ଼ୀକରଣ କାମ ସମୟରେ ଯାତାୟାତ ଜାମ ଓ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମୟରେ ସମସ୍ତ ଭାରୀଯାନ ବୈତରଣୀ ସଡ଼କ ରାସ୍ତାରୁ ରଗଡ଼ି, ବରୁଣ୍ଡାଇ, ମୀନାବଜାର, ପଟିକୋଟେ ମାର୍ଗରେ ପରିଚାଳିତ ହେବ। ଏହି ନିଷେଧ ୨୦ ଅକ୍ଟୋବର ପର୍ଯ୍ୟନ୍ତ ୧ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

ସିନ୍ଦୁର ଦେବାକୁ ମନା କରିବାରୁ

# ପ୍ରେମିକକୁ କୁରାଢ଼ିରେ ହାଣିଦେଲା ପ୍ରେମିକା

**ଯଖପୁରା, ୨୩।୯ (ସମିସ):** ପ୍ରେମ କରୁଥିଲେ। ବିବାହ କରିବାକୁ ନିଷ୍ପତ୍ତି ନେଇ ଉଭୟ ଗତ ୨୦ ଦିନ ହେଲା ଏକାଠି ରହୁଥିଲେ। ସ୍ୱାମୀ-ସ୍ତ୍ରୀ ଭଳି ଚଳୁଥିଲେ। ହେଲେ ପ୍ରେମିକ ସିନ୍ଦୁର ଦେବାକୁ ପଛଘୁଞ୍ଚା ଦେଉଥିଲେ। ପ୍ରେମିକ ହାତରୁ ସିନ୍ଦୁର ପିନ୍ଧିବାକୁ ବାରମ୍ବାର ଦାବି କରି ବିଫଳ ହେବା ପରେ ଶେଷରେ ପ୍ରେମିକା କୁରାଢ଼ିରେ ହାଣିଦେଲା ପ୍ରେମିକକୁ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି କଳିଙ୍ଗନଗର ଥାନା ବାରବାଙ୍କି ଗ୍ରାମରେ। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତା ପ୍ରେମିକାକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାରବାଙ୍କି ଗ୍ରାମର କାହ୍ନୁ ସୋରେନ କଳିଙ୍ଗନଗର ଥାନାରେ କରିଥିବା ଅଭିଯୋଗ ଅନୁସାରେ, ପାର୍ବତୀ ବଦ୍ର (୨୪) ଓ ସଲଖାନ୍ ସୋରେନ୍‌ଙ୍କ ପୁଅ ପିଥା ସୋରେନ୍ (୨୩)ଙ୍କ ଉଭୟ ପରସ୍ପରକୁ ପ୍ରେମ କରୁଥିଲେ। ତେବେ ବିବାହ କରିବାର ନିଷ୍ପତ୍ତି ନେଇ ଗତ ୨୦ ଦିନ ହେଲା ଉଭୟ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ। ତେବେ କୌଣସି କାରଣରୁ ଆଜି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରେମିକା ତଥା ପତ୍ନୀ ପାର୍ବତୀ, ସ୍ୱାମୀ ପିଥା ସୋରେନଙ୍କୁ ଏକ କୁରାଢ଼ିରେ ହାଣି ଦେଇଥିଲେ। ଫଳରେ ପିଥାଙ୍କ ମୁଣ୍ଡ, ମୁହଁ ଓ ବେକରେ ଗଭୀର ଚୋଟ ଲାଗିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ତୁରନ୍ତ ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ପରେ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତା ପାର୍ବତୀ ବଦ୍ରଙ୍କୁ ଗିରଫ କରିଛନ୍ତି। ତାଙ୍କୁ ଆଜି ଯାଜପୁର କୋର୍ଟଚାଲାଣ କରାଯାଇଛି। ଗ୍ରାମରେ ଏହି ଘଟଣା ପରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।


୨୦ ଦିନ ହେଲା ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ

ଫୁଡ୍ ଲାଇସେନ୍ସ ହିତାଧିକାରୀ ହୁସିଆର

# ଫୋନ୍ କଲ୍ ମାଧ୍ୟମରେ ମଗାଯାଉଛି ଟଙ୍କା

**ପାଣିକୋଇଲି, ୨୩।୯ (ସମିସ):** ଏବେ ଏକ ଲୁଟେରା ଦଳ ବାହାରିଛନ୍ତି। ବିଭିନ୍ନ ଉପାୟରେ ଅର୍ଥ ଆଦାୟ କରିବା ପରେ ଏବେ ସେମାନଙ୍କ ଟାର୍ଗେଟରେ ହୋଟେଲ, ଜଳଖିଆ ଦୋକାନ ବା ଅନ୍ୟ ସଂସ୍ଥା ଯେଉଁମାନେ ଫୁଡ୍ ଲାଇସେନ୍ସ କରିଛନ୍ତି। ଫୁଡ୍ ଲାଇସେନ୍ସ ହିତାଧିକାରୀ ହୁସିଆର, ଫୋନ କଲ ମାଧ୍ୟମରେ ମାଗାଯାଉଛି ଟଙ୍କା। ହଠାତ ଏକ ନମ୍ବରରୁ ଫୋନ କଲ୍ ଆସୁଛି। ତୁମେ ହୋଟେଲ କରିଛ। ତୁମ ହୋଟେଲ ନାମରେ ଅଭିଯୋଗ ଆସିଛି। ଏବେ ସ୍କ୍ୱାର୍ଡ ଯାଇ ପହଞ୍ଚିବେ। ତୁମେ ତା' ପୂର୍ବରୁ କିଛି ବ୍ୟବସ୍ଥା କରିବ ନା ସ୍କ୍ୱାର୍ଡ ଯିବ। କିଏ କହୁଛ, କେଉଁ ଠାରୁ କହୁଛ, କେଉଁଠି ଦେଖା କରିବି କହିଲେ; କେବଳ ଉତ୍ତର ମିଳୁଛି- ସମୟ ନାହିଁ। ତୁରନ୍ତ ଯାହା କରିବାର ଅଛି କରିଦିଅ। ଏହି ନମ୍ବରେ ଫୋନ ପେ' କର। ନଚେତ ଚଢ଼ଉ ହେଲେ ଆଉ କହିବନି। କିଛି ଦିନ ପୂର୍ବରୁ ତୁମର ଫୁଡ୍ ଲାଇସେନ୍ସ ରିନ୍ୟୁ ହେବ। ସ୍କାନର ପଠାଇ ଟଙ୍କା ପଠାଅ ବୋଲି କହୁଛନ୍ତି। ଯେ ଜାଣି ନପାରିଲା ସେ ତାର ଶିକାର ହେଉଛି। ଆଜି ପାଣିକୋଇଲି ଅଞ୍ଚଳରେ ବିଭିନ୍ନ ହୋଟେଲ ବା ଅନ୍ୟାନ ସଂସ୍ଥାକୁ ଏପରି କଲ୍ ଆସିଛି। ଚଢ଼ଉ ହେବାର ଧମକ ମଧ୍ୟ ଦିଆଯାଇଛି। ଯେଉଁମାନଙ୍କର ଲାଇସେନ୍ସ ଅଛି; କିନ୍ତୁ ହୋଟେଲ ନାହିଁ ତାଙ୍କୁ ପଚରାଯାଉଛି ଆପଣଙ୍କ ହୋଟେଲ ନାମ କ'ଣ କୁହ। ଯେ ନଜାଣିପାରି କହିଲା ତା' ପରେ ଆରମ୍ଭ ହେଉଛି ଚଢ଼ଉର ଧମକ। ତୁରନ୍ତ ବ୍ୟବସ୍ଥା କର ଆମେ ଚଢ଼ଉ ଅଟକାଇ ଦେବ। ଆଜି ପାଣିକୋଇଲିର ବିଭିନ୍ନ ହୋଟେଲ ଓ ଫୁଡ୍ ଲାଇସେନ୍ସଧାରୀଙ୍କୁ ବିଭାଗୀୟ ଅଧିକାରୀ କହି ଏକ ମୋବଇଲ ନମ୍ବର ୭୭୪୯୯୮୬୦୮୨ରୁ କଲ୍ ଆସିଛି। ଟଙ୍କା ନଦେଲେ ଚଢ଼ଉ ହେବାର ଧମକ ଦିଆଯାଇଛି। ଏନେଇ ମଧ୍ୟ ଥାନାରେ ଅଭିଯୋଗ କରାଯାଇଛି। ଏ ଦିଗରେ ବିଭାଗୀୟ ଅଧିକାରୀ ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

**ଧର୍ମଶାଳା, ୨୩।୯ (ସମିସ):** ଧର୍ମଶାଳା ଥାନାର ବିଭିନ୍ନ ଅଞ୍ଚଳରେ ଖଣି ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ ଭାବେ ଅନେକ ଲଘୁଖଣିଜ ପଦାର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଆଜି ଯାଜପୁର ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀ ଅଶୋକ କୁମାର ମହାନ୍ତି ଓ ସିତେଶ କୁମାର ନାୟକ ଧର୍ମଶାଳା ପୁଲିସ ସହାୟତାରେ କାଏମା ଠାରେ ଏକ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଯାଉଥିବା ବେଳେ ଧରିଥିଲେ। ଟ୍ରାକ୍ଟର ଡ୍ରାଇଭର ଉପଯୁକ୍ତ ପ୍ରମାଣ ନଦେଇ ପାରିବାରୁ ଖଣି ବିଭାଗ ଅଧିକାରୀମାନେ ନମ୍ବର ବିହୀନ ଟ୍ରାକ୍ଟରଟିକୁ ଜବତ କରି ଧର୍ମଶାଳା ଥାନାରେ ରଖିଥିବା ଜଣାପଡ଼ିଛି। ତେବେ ଏହି ଟ୍ରାକ୍ଟରଟି କେଉଁ ଖାଦାନରୁ ବାଲି ଆଣୁଥିଲା ଏବଂ ଏହାର ମାଲିକ କିଏ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ତେବେ ଜବତ ଟ୍ରାକ୍ଟରରୁ ଜୋରିମାନା ଆଦାୟ କରାଯାଇ ଛଡାଯିବ ବୋଲି ଜଣାଯାଇଛି।



GANDHI +2 SCIENCE COLLEGE
Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
| --- | --- | --- | --- |
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview
Call & Whatsapp : 9439363437, 8144040281
Shantikanan Lane, Mallikashpur, Balasore
New Campus : Tarini Chhak, Mathasahi Near Nayanakumari School, Balasore

OFFICE OF THE UTKAL BALASHRAM, KHARIAR, DIST-NUAPADA
(GOVT. RUN CHILD CARE INSTITUTION)
Advertisement No: 30/UB/KRAR/NPD Date: 22.09.25

ADVERTISEMENT

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

CDPO Khariar-Cum-Secretary
Utkal Balashram Khariar

ବଜ୍ରପାତ କରିଦେଲା ଅକର୍ମଣ୍ୟ

# ୧୦ ବର୍ଷ ହେଲା ପଡ଼ିଛନ୍ତି ଶଯ୍ୟାରେ

ଦାନଗଦୀ, ୨୩।୯ (ସମିସ)



ଗାଈ ଚରାଉଥିବା ବେଳେ ଚଡ଼କ ମାରିବାରୁ ଅକର୍ମଣ୍ୟ ହୋଇଛନ୍ତି ଜଣେ ଆଦିବାସୀ ବୃଦ୍ଧ। ପରିବାର ଲୋକ ଉପଯୁକ୍ତ ଚିକିତ୍ସା କରିବାକୁ ସକ୍ଷମ ନ ଥିବା ବେଳେ ଦୀର୍ଘ ୧୦ ବର୍ଷ ହେବ ସେ ରୋଗ ଶଯ୍ୟାରେ ପଡ଼ିରହିଛି ଛଟପଟ ହେଉଛନ୍ତି। ଅନ୍ୟପଟେ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସେ ଶହେ ପ୍ରତିଶତ ଯୋଗ୍ୟ ଥିଲେ ବି ଏଥିରେ ବ୍ୟତିକ୍ରମ ଘଟିଛି। ଯାହା ପାଇଁ ଏକ ଦଦରା ପାଲ ଉପରେ ଶୋଇ ରହି ମରଣକୁ ଦିନ ଗଣୁଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ କିଆଝର ପଞ୍ଚାୟତର ୯ ନମ୍ବର ୱାର୍ଡ ସମରପିଟା ଗ୍ରାମରେ। ଗ୍ରାମର ଚକରା ତିରିଆ ବୟସ ୬୮ ହେଲାଣି। ଗତ ୧୦ ବର୍ଷ ତଳେ ଚକରା ପଡ଼ିଆରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ନେବାକୁ କହିଥିଲେ। ହେଲେ ଅଭାବି ପରିବାର ଅସମର୍ଥ ହୋଇ ଚକରାଙ୍କୁ ଘରକୁ ନେଇ ଆସିଥିଲେ। ବଜ୍ରପାତରେ ତାଙ୍କର ଡାହାଣ ପଟ ଗୋଡ଼ ହାତ ଅକର୍ମଣ୍ୟ ହୋଇଯାଇଥିବାରୁ ସେବେଠାରୁ ସେ ଶଯ୍ୟାଶାୟୀ ହୋଇ ଘରେ ପଡ଼ି ରହିଛନ୍ତି। ଗୋଟେ ଜରିପାଲରେ ସେ ଶୋଇ ରହିଥିବା ବେଳେ ପରିବାର ଲୋକ ଯଥାସାଧ୍ୟ ତାଙ୍କର ସେବା କରୁଛନ୍ତି। ଏତିକିରେ ତାଙ୍କ ଦୁଃଖ ସରିନି, ଶତ ପ୍ରତିଶତ ଯୋଗ୍ୟ ହୋଇ ମଧ୍ୟ ସାମାନ୍ୟ ଭତ୍ତା ଟିଏବି ତାଙ୍କ ଭାଗ୍ୟକୁ ଜୁଟିନି। ଅନ୍ୟପଟେ ଗତ ୬ ମାସ ହେବ ସେ ପାଉଥିବା ମାସିକିଆ ମାଗଣା ଚାଉଳକୁ ମଧ୍ୟ କାଟି ଦିଆଯାଇଥିବା ଅଭିଯୋଗ କରନ୍ତି ପୁଅ ବିପିନ। ତେବେ ସରକାରୀ ଯୋଜନାରୁ କେହି ଯୋଗ୍ୟ ହିତାଧିକାରୀ ବାଦ୍‌ପଡ଼ିବେ ନାହିଁ ବୋଲି ସରକାର ଘୋଷଣା କରୁଥିଲେ ମଧ୍ୟ ଚକରାଙ୍କ କ୍ଷେତ୍ରରେ ଏମିତି ବ୍ୟତିକ୍ରମ ଘଟିଛି। ଶତ ପ୍ରତିଶତ ଯୋଗ୍ୟ ଥାଇ୍ ମଧ୍ୟ ତାଙ୍କୁ ସବୁଥିରୁ ବାଦ୍ ଦିଆଯାଇଛି। ଯାହା ସରକାରୀ ବାବୁଙ୍କ କାର୍ଯ୍ୟଦକ୍ଷତା ସାଙ୍ଗକୁ ଜନପ୍ରତିନିଧିଙ୍କ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ଏଭଳି ଦୁଃଖୀ ପରିବାର ପାଖରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ କେବେ ତତ୍ପର ହେଉଛି ତାହା ଦେଖିବାକୁ ବାକି ରହିଲା।

୬ ମାସ ହେବ ଚାଉଳ ଓ ଭତ୍ତାରୁ ବଞ୍ଚିତ ବୃଦ୍ଧ

ସକାଳ
THE SAKALA

# ସମ୍ପାଦକୀୟ



ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।
-ମଦର ଟେରେସା

## ନବୀନ-ଅର୍ଥନୀତି

ଗତ ପ୍ରାୟ ଦଶ ବର୍ଷ(୨୦୧୩-୧୪ ରୁ ୨୦୨୨-୨୩ ଆର୍ଥିକ ବର୍ଷ) ଭିତରେ ୨୮ଟି ରାଜ୍ୟର ସାମଗ୍ରିକ ସରକାରୀ ଋଣ ପରିମାଣ ପ୍ରାୟ ୫୯.୬୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ତିନି ଗୁଣରୁ ଅଧିକ ହାରରେ ବଢ଼ିଛି। ରାଜ୍ୟ ଅର୍ଥସଚିବମାନଙ୍କର ଜାତୀୟସ୍ତରୀୟ ସମ୍ମିଳନୀରେ ଏହି ଉଦ୍‌ବେଗଜନକ ସୂଚନା ଦେଇଛନ୍ତି ସିଏଜି। ଦେଶରେ ପ୍ରଥମ ଥର ପାଇଁ ହୋଇଥିବା ଏଭଳି ସମୀକ୍ଷା ଆଧାରିତ ସୂଚନା ଅନୁଯାୟୀ ଏହି ସାମଗ୍ରିକ ଋଣ ପରିମାଣ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ର ପାଖାପାଖି ୨୩%। ଅଣ ଋଣ ଓ ରାଜସ୍ୱର ୧୫୦ ପ୍ରତିଶତ। ଏତେ ବିଶାଳ ଋଣ ଭାରରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ଚିତ୍ର ପ୍ରଦର୍ଶିତ ହେଉଛି ତାହାର ସମାବେଶୀ ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଏହି ରିପୋର୍ଟ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଋଣ-ଜିଏସ୍‌ଡିପି ଅନୁପାତରେ ଓଡ଼ିଶା ସମଗ୍ର ଦେଶରେ ସବୁଠାରୁ କମ୍(୮.୪୫ ପ୍ରତିଶତ) ରହି ବିତ୍ତୀୟ ପରିଚାଳନାରେ ଶୀର୍ଷସ୍ଥାନ ହାସଲ କରିଛି। ଋଣ ପରିଚାଳନା କ୍ଷେତ୍ରରେ ପଞ୍ଜାବ(୪୦.୩୫%), ପଶ୍ଚିମବଙ୍ଗ(୩୩.୭୦) ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି।

ଋଣ ପରିଚାଳନା ନିୟମ ଅନୁଯାୟୀ କେବଳ ନିବେଶ କିମ୍ବା ପୁଞ୍ଜି ବ୍ୟୟ ପାଇଁ ଋଣ କରାଯିବା ଉଚିତ। ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ସଂଯମ ଅବଲମ୍ବନ କରି ନୀତି ନିୟମର ଅନୁପାଳନ ଦ୍ୱାରା ରାଜସ୍ୱ ବଳକା ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନ ହାସଲ କରିପାରିଛି। ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଗରିବ ରାଜ୍ୟର କଳଙ୍କିତ ଟିକା ପିନ୍ଧିଥିବା ଓଡ଼ିଶାର ଏହି ଈର୍ଷଣୀୟ ସଫଳତା କେବଳ ସମ୍ଭବ ହୋଇପାରିଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରଙ୍କ ବିତ୍ତୀୟ ପରିଚାଳନାରେ ବିଚକ୍ଷଣତା ଯୋଗୁଁ। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ଏକ ଦ୍ରୁତପ୍ରଗତିଶୀଳ ରାଜ୍ୟ ଭାବରେ ପରିଗଣିତ କରିବା ଏତେ ସହଜ ନଥିଲା। ନବୀନ ବାବୁଙ୍କ ଦୂରଦର୍ଶୀ ବିତ୍ତୀୟ ପରିଚାଳନା ଓ ସଂଯମ ଯୋଗୁଁ ଋଣ ପରିମାଣ ଧାର୍ଯ୍ୟ ଅନୁପାତର ଲକ୍ଷଣରେଖା ମଧ୍ୟରେ ରହିପାରିଛି ଏବଂ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ଏପରିକି ରାଜ୍ୟର ଜିଡିପି ଏକଦା ଜାତୀୟ ହାରକୁ ଟପିପାରିଛି। ପ୍ରଗତିଶୀଳ ଓଡ଼ିଶାର ବିବର୍ତ୍ତନର ଇତିହାସରେ ବିକାଶର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଅର୍ଥନୀତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ- ଏହା ବିରୋଧୀ ମଧ୍ୟ ସ୍ୱୀକାର କରିବେ।

## ଶିକ୍ଷାକୁ 'ନା', ମଦକୁ 'ହଁ'

ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଜାତୀୟ ଶିକ୍ଷା ଶିକ୍ଷକ ପରିଷଦ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ପୂରଣ କରି ନ ଥିବା କାରଣରୁ ଓଡ଼ିଶାର ଗୋଟିଏ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ୍)ର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସୁପାରିସ କରାଯାଇଥିବା ବେଳେ ସମାନ କାରଣରୁ ରାଜ୍ୟର ସମସ୍ତ ୧୬ଟି ବିଇଡି କଲେଜ ଏବଂ ସେଥିରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଆଠଟି କଲେଜ୍‌କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇସାରିଥିବାରୁ ଆସନ୍ତା ଶିକ୍ଷାବର୍ଷରୁ ସେଠାରେ ନାମଲେଖା ଅନିଶ୍ଚିତ ହୋଇପଡ଼ିଛି। ବିଦ୍ୟାଳୟଗୁଡ଼ିକ ଶିକ୍ଷାମନ୍ଦିର ଓ ମଣିଷ ତିଆରି କାରଖାନା ଭାବେ ବିଦିତ। ତେଣୁ ମଣିଷଙ୍କୁ ତିଆରି କରୁଥିବା ଯନ୍ତ୍ର(ଶିକ୍ଷକ/ଶିକ୍ଷୟିତ୍ରୀ) ଯଦି ସୃଷ୍ଟି ନ ହେବେ ମଣିଷ ତିଆରି କରିବ କିଏ?

ଆମ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଯଦି ଗୋଟିଏ ପରେ ଗୋଟିଏ ବିଇଡି କଲେଜ୍ ବନ୍ଦ ହୋଇଯାଏ, ତେବେ ମଣିଷ ତିଆରି କାରଖାନାରୁ ସୃଷ୍ଟ ଉତ୍ପାଦମାନେ କେତେ ସାମାଜିକ ତତ୍ତ୍ୱ ପଦବାଚ୍ୟ ହେବେ ତାହା ଅନୁମାନସାପେକ୍ଷ। ଅପରପକ୍ଷରେ ବନ୍ଦ ପଡ଼ିଥିବା ୭୦ଟି ଅତିରିକ୍ତ ମଦଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଚାରିଟି ମଦ ତିଆରି କାରଖାନା ପ୍ରତିଷ୍ଠା ପ୍ରସ୍ତାବ ବିଚାରାଧୀନ ଥିବା ବିଧାନସଭାରେ ସୂଚନା ଦେଇଛନ୍ତି।

ଉପରୋକ୍ତ ଦୁଇ ସ୍ପର୍ଶକାତର ପ୍ରସଙ୍ଗକୁ ଏକାଠି ତର୍ଜମା କଲେ ଆଗାମୀ ଦିନରେ ରାଜ୍ୟରେ ସାମାଜିକ ସ୍ଥିତି କେତେ ସମ୍ବେଦନଶୀଳ ଓ ଉଦ୍‌ବେଗଜନକ ହେବାକୁ ଯାଉଛି ତାହା କେତେକାଂଶରେ ସ୍ପଷ୍ଟ ହେବ। ହୁଏତ ପ୍ରସ୍ତାବିତ ମଦ କାରଖାନା ଓ ମଦ ଦୋକାନ ପାଇଁ ବିଶେଷ ଗ୍ରାହକ ସମସ୍ୟା ସୃଷ୍ଟି ହେବନାହିଁ। କାରଣ ବିନା ଶିକ୍ଷକରେ ମଣିଷ ତିଆରି କାରଖାନାରୁ ଯେଉଁ ଉତ୍ପାଦମାନେ ବାହାରିବେ ସେମାନେ ଅଚିରେ କ୍ରମବର୍ଦ୍ଧିଷ୍ଣୁ ମଦ କାରଖାନା ଓ ଦୋକାନଗୁଡ଼ିକର ଗ୍ରାହକ ହୋଇଯିବେ। ସାମାଜିକ ଶାନ୍ତି ଓ ସ୍ଥିରତାରେ ସେହି ଗ୍ରାହକମାନଙ୍କର ଅବଦାନ କ'ଣ ହେବ ତାହା ବୁଝାଇ କହିବା ଅନାବଶ୍ୟକ। ଶିକ୍ଷା ଏକ ଜଞ୍ଜାଳମୟ ଓ ସମସ୍ୟାବହୁଳ କ୍ଷେତ୍ର(ରଗ୍‌ଣ ଶିଳ୍ପ)। ଶିକ୍ଷକ ବିନା ଛାତ୍ରଛାତ୍ରୀ ସ୍କୁଲ୍ ନ ଆସିଲେ ସେଗୁଡ଼ିକ ଆପେ ବନ୍ଦ ହୋଇଯିବ ଏବଂ ସେ ବାବଦ ଅର୍ଥ ଚିନ୍ତାରୁ ସରକାର ଅନ୍ତତଃ ମୁକ୍ତ ହୋଇପାରିବେ। ଅପରପକ୍ଷେ ମଦ ଦୋକାନ ଓ କାରଖାନାର ରାଜସ୍ୱରେ ରାଜକୋଷ ପୁଷ୍କଳ ହେବା ନିଶ୍ଚିତ। ତେଣୁ ଉପରୋକ୍ତ ଚତୁର ଓ ଅଭିନବ ସାମାଜିକ-ଅର୍ଥନୈତିକ ସମୀକରଣରେ ସରକାରଙ୍କୁ ଦୁଇ ପଟୁ ଫାଇଦା ହେବ ଏବଂ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇପାରିବ। ତେବେ ଏହା କ'ଣ ୨୦୩୬ର ବିକଶିତ ଓଡ଼ିଶାର ମୂଳଦୁଆ?

ଏହି ବ୍ୟଙ୍ଗଧର୍ମୀ ଉପସ୍ଥାପନା ଭିତରେ ଲୁଚି ରହିଥିବା ଗୂଢ଼ ସ୍ପର୍ଶକାତର ସଙ୍କେତକୁ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରନ୍ତୁ। ମାନଦଣ୍ଡ ସମ୍ପର୍କିତ ବିଷମ ପରିସ୍ଥିତିରୁ ବିଇଡି କଲେଜଗୁଡ଼ିକ ଏତେ ଶୀଘ୍ର ମୁକୁଳିବା ସହଜ ନୁହେଁ। ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ନିହାତି ଜରୁରୀ। ଡବଲ୍ ଇଞ୍ଜିନ୍ ସରକାରରେ ନୀତି ଓ ନିୟମ କୋହଳ କିମ୍ବା ପରିବର୍ତ୍ତନରେ ବିଶେଷ ଅସୁବିଧା ହେବନାହିଁ। ସରକାର ମଦ କାରଖାନା ଓ ମଦ ଦୋକାନ ଖୋଲିବା ନିଶାରୁ ମୁକୁଳି ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ। ସରକାରଙ୍କ ଏପରି ଅପରିଣାମଦର୍ଶୀ ନୀତି ରାଜ୍ୟର ଚପଳମତି କିଶୋରମାନଙ୍କୁ ପଥଭ୍ରଷ୍ଟ କରିବା ସହ 'ସର୍ବଶିକ୍ଷା ଅଭିଯାନ'ର 'ଚଲୋ ସ୍କୁଲ୍ ଚଲେ ହମ୍' ସ୍ଲୋଗାନ୍‌କୁ ଅର୍ଥହୀନ କରିବ। ଏଭଳି ଆଶଙ୍କିତ ପଦଧ୍ୱନି ଶୁଭିବା ପୂର୍ବରୁ ସରକାର ଆତ୍ମସମୀକ୍ଷା କରନ୍ତୁ। ସାମାଜିକ-ଅର୍ଥନୀତିରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରନ୍ତୁ। ମଦ କାରଖାନାର ତତ୍ପରତା ବନ୍ଦ ପଡ଼ିଥିବା ଚିନି ଓ ସୂତାକଳରେ ପ୍ରତିଫଳିତ ହେଲେ ଓଡ଼ିଶାର ଶିଳ୍ପାୟନ, ରୋଜଗାର ଓ ଅର୍ଥନୀତି ଗତିଶୀଳ ହେବ।

# ସାକ୍ଷର ଭାରତର ନବନିରକ୍ଷର

**ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ**

ଦେଶକୁ ଶକ୍ତିଶାଳୀ କରିବା ପାଇଁ କେବଳ ଜନସଂଖ୍ୟା ନୁହେଁ, ଜନସଂଖ୍ୟାର ମସ୍ତିଷ୍କଶକ୍ତିର ଆବଶ୍ୟକତା ଅଧିକ। ମସ୍ତିଷ୍କଶକ୍ତି ନିର୍ଭର କରେ ଶିକ୍ଷା ଉପରେ। ଶିକ୍ଷାର ମୂଳଭିତ୍ତି ହେଉଛି ସାକ୍ଷରତା। ସାକ୍ଷରତା ଅର୍ଥ କେବଳ ପଢ଼ିବା ଓ ଲେଖିବାର ମୌଳିକ କ୍ଷମତା ନୁହେଁ, ସାକ୍ଷରତା ହେଉଛି ଜ୍ଞାନର ଦ୍ୱାର। ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରାପ୍ତି, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ଆର୍ଥ-ସାମାଜିକ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସାକ୍ଷରତା ହେଉଛି ମାଧ୍ୟମ। ଶିକ୍ଷା, ରୋଜଗାର ଓ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ଏହା ଖୋଲିଦିଏ ପରିବର୍ତ୍ତନର ଦ୍ୱାର। ଅନ୍ୟପକ୍ଷରେ ନିରକ୍ଷର ଜାତି ପାଇଁ ପ୍ରଗତିର ସ୍ୱପ୍ନ ସର୍ବଦା ଅଧୁରା। ନିରକ୍ଷରତା ନିର୍ଦ୍ଦିଷ୍ଟ କୌଣସି ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା। ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ଗ୍ରେଟବ୍ରିଟେନରେ ପ୍ରୟାସ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ। ଏହାକୁ ଅନୁକରଣ କରି ବିଶ୍ୱର ବିଭିନ୍ନ ଦେଶରେ ଆୟୋଜିତ ହେଲା ସାକ୍ଷରତା କାର୍ଯ୍ୟକ୍ରମ। ତେବେ ସାରାବିଶ୍ୱରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା ୟୁନେସ୍କୋ ପ୍ରତିଷ୍ଠା ହେବା ପରେ। ବିଶେଷ କରି ୧୯୪୯ ମସିହାରେ ଡେନମାର୍କର ଏଲସିନୋଠାରେ ଆୟୋଜିତ ୟୁନେସ୍କୋର ସ୍ୱତନ୍ତ୍ର ଅଧିବେଶନ ପରେ ବ୍ୟାପକ ହେଲା ସାକ୍ଷରତା ଅଭିଯାନ। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ୟୁନେସ୍କୋ ସମ୍ମିଳନୀରେ ସେହି ଦିବସଟିକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଏବଂ ଜାତିସଂଘର ଅନୁମୋଦନକ୍ରମେ ୧୯୬୬ ମସିହାରୁ ଏହା ପାଳିତ ହୋଇଆସୁଛି। ଇତିମଧ୍ୟରେ ପ୍ରାୟ ୫୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏବଂ ସାକ୍ଷରତା ଅଭିଯାନକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପ୍ରାୟତଃ ଶତ ପ୍ରତିଶତ ସଫଳତା ହାସଲ କରିପାରିଛନ୍ତି ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆ ଆଦି ବିକଶିତ ରାଷ୍ଟ୍ର।

ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ହେବାର ଗୋଟିଏ ଦଶନ୍ଧି ପରେ ଭାରତ ନିରକ୍ଷରତାକୁ ଏକ ଜାତୀୟ ସମସ୍ୟାଭାବେ ଗ୍ରହଣ କଲା ଏବଂ ୧୯୭୭ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ଦେଶରେ ଆରମ୍ଭ ହେଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ। ୧୯୮୬ ମସିହାରେ ଦେଶରେ ଜାତୀୟ ଶିକ୍ଷାନୀତି ଘୋଷଣା ହେବା ସହିତ ୨୦୦୦ ମସିହା ସୁଦ୍ଧା ଦେଶରୁ ନିରକ୍ଷରତା ବ୍ୟାଧିର ମୂଳୋତ୍ପାଟନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ୧୯୮୮ ମସିହାରୁ କାର୍ଯ୍ୟକାରୀ ହେଲା ଜାତୀୟ ସାକ୍ଷରତା ମିଶନ। ସାର୍ବଜନୀନ ଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରଣୟନ ହେଲା ସ୍ୱତନ୍ତ୍ର ଜାତୀୟ ଶିକ୍ଷାନୀତି। ୧୯୯୩ ମସିହାରେ ଏକ ଐତିହାସିକ ରାୟ ପ୍ରଦାନ କରି ମାଗଣାରେ ପାଠ ପଢ଼ି ଶିକ୍ଷିତ ହେବା ଏ ଦେଶର ସବୁ ପିଲାଙ୍କର ମୌଳିକ ଅଧିକାର ବୋଲି ଘୋଷଣା କଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଏହାଦ୍ୱାରା ଆଇନର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ହାସଲ ଦିଗରେ ପ୍ରକାଶ ପାଇଲା ତତ୍ପରତା। ମାତ୍ର ସବୁ ସତ୍ତ୍ୱେ ବି ଦେଶରୁ ହଟିଲାନି ନିରକ୍ଷରତା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ସମୟରେ ଆମର ସାକ୍ଷରତା ହାର ଥିଲା ୧୨ ଶତାଂଶ। ସାକ୍ଷରତା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟା, ମହିଳା ଓ ଦଳିତ ଜାତିର ଲୋକଥିଲେ ବହୁ ପଛରେ। ତେଣୁ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ନିରକ୍ଷରତାକୁ ଏକ ମହାବ୍ୟାଧି ରୂପେ ଚିହ୍ନଟ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ଏହାର ନିରାକରଣ ପାଇଁ ନାରୀ ଶିକ୍ଷା ଓ ପ୍ରୌଢ଼ଶିକ୍ଷାକୁ ସେ ସ୍ଥାନ ଦେଇଥିଲେ ତାଙ୍କ ୧୮ ଦଫା ରଚନାତ୍ମକ କାର୍ଯ୍ୟକ୍ରମରେ। ସ୍ୱାଧୀନତା ପରେ ଆମ ସମ୍ବିଧାନର ୪୫ ଧାରା ଅନୁଯାୟୀ ୧୦ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହେଲା ଯୋଜନା। ୧୯୫୦ ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ବେଳକୁ ଦେଶର ସାକ୍ଷରତା ହାର ଥିଲା (୧୯୫୧ ଜନଗଣନା ତଥ୍ୟ ଅନୁଯାୟୀ) ୧୬.୭ ପ୍ରତିଶତ। ୨୦୧୧ ଜନଗଣନା ବେଳକୁ ସେହି ହାର ପହଞ୍ଚିଲା ୭୪.୪ ପ୍ରତିଶତ ପାଖରେ। ଅର୍ଥାତ୍ ୬୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସାକ୍ଷରତା ପରିମାଣ ହେଲା ୫୭.୭ ପ୍ରତିଶତ। ଏହି ଦୃଷ୍ଟିରୁ ସଫଳତା ହାର ବାର୍ଷିକ ଏକ ପ୍ରତିଶତରୁ ବି କମ୍। ଦେଶରେ ପ୍ରୌଢ଼ଶିକ୍ଷା, ସାକ୍ଷର ଭାରତ, ଶିକ୍ଷିତ ଭାରତ, ସାକ୍ଷରତା ଅଭିଯାନ ଓ ସର୍ବଶିକ୍ଷା ଅଭିଯାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହା ହେଉଛି ସଫଳତାର ବାସ୍ତବ ଚିତ୍ର। ଏହି ଦୃଶ୍ୟପଟରେ ଆହୁରି ନୈରାଶ୍ୟଜନକ ମନେହୁଏ ଆମ ରାଜ୍ୟ ଓଡ଼ିଶାର ସ୍ଥିତି।

୨୦୧୧ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଜନସଂଖ୍ୟା ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ୯୭ ଲକ୍ଷ ୯୯ ହଜାର ୩୩୨। ଯୋଜନାବଦ୍ଧ ପ୍ରୟାସ ଫଳରେ ନିରକ୍ଷରତା କଳଙ୍କକୁ ଦୂର କରିପାରିଥିବା କେରଳ ଭଳି ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ନିରାଶା ସୃଷ୍ଟି ହୁଏ। ଏହି ନିରକ୍ଷରତା ବୋଝ ଯୋଗୁଁ ଓଡ଼ିଶା ଦାରିଦ୍ର୍ୟ କବଳରୁ ମୁକୁଳିବାକୁ ଦୀର୍ଘବର୍ଷର ସଂଘର୍ଷ କରିବାକୁ ପଡ଼ିଛି। ୧୯୨୦ ମସିହାରେ ଗାନ୍ଧିଜୀ କହିଥିଲେ - ଓଡ଼ିଶା ହେଉଛି ଦେଶରେ ଦାରିଦ୍ର୍ୟର ପ୍ରତିଛବି। ୨୦୧୩ ମସିହାରେ ଓଡ଼ିଶାକୁ ଅନ୍ୟତମ ପଛୁଆ ରାଜ୍ୟ ଭାବେ ଚିହ୍ନଟ କଲେ କେନ୍ଦ୍ର ସରକାରଙ୍କ ରଘୁରାମ ଜି ରାଜନ୍ କମିଟି।

ଭାରତବର୍ଷରେ ସାକ୍ଷରତା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରାଜ୍ୟମାନଙ୍କ ମଧ୍ୟରେ ସବା ଆଗରେ ଥିଲା କେରଳ। ୧୯୯୧ ମସିହା ସୁଦ୍ଧା ଦକ୍ଷିଣ ଭାରତର ଏହି ରାଜ୍ୟର ସାକ୍ଷରତା ହାର ଥିଲା ୯୦ ଶତାଂଶରୁ ଅଧିକ। ଶିକ୍ଷା ଦ୍ୱାରା ସଶକ୍ତ ହୋଇ କେରଳର ମହିଳାମାନେ ରାଜନୀତି, ସ୍ଥାନୀୟ ଶାସନ ଓ ସାମାଜିକ ସଂଗଠନ ଆଦିରେ ସକ୍ରିୟ ଭାଗନେବା କାରଣରୁ ସେଠାକାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉନ୍ନତ। କାରଣ ଶିକ୍ଷିତ ମହିଳାମାନେ ସ୍ୱାସ୍ଥ୍ୟସେବାରେ ପ୍ରବେଶ କରିବା ସହିତ ପିଲାମାନଙ୍କୁ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଏବଂ ପରିବାର ଯୋଜନା ବିଷୟରେ ଶିକ୍ଷା ଦେବାର ସମ୍ଭାବନା ଅଧିକ।

୩ ଜୁନ୍ ୨୦୨୫ରେ ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ରୁ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ସାକ୍ଷରତା ହାର ଏବେ ପ୍ରାୟତଃ ୮୧ ପ୍ରତିଶତ। ମାତ୍ର ଏଥିରେ ଯେଉଁ ଅସ୍ୱସ୍ତିକର ସତ୍ୟ ଲୁଚି ରହିଛି ତାହା ହେଲା, ବିଭିନ୍ନ ପ୍ରକାର ବିଭାଜନ ରେଖା ବା ଭାରସାମ୍ୟହୀନ ଅସମାନତା। ସହରାଞ୍ଚଳରେ ସାକ୍ଷରତା ହାର ୮୯ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ତାହା ୭୭ ପ୍ରତିଶତ। ପୁରୁଷମାନଙ୍କର ସାକ୍ଷରତା ହାର ୮୭ ପ୍ରତିଶତ ଟପିଥିବା ସ୍ଥଳେ ମହିଳାମାନଙ୍କ ସାକ୍ଷରତା ହାର ୭୫ ଶତାଂଶରୁ କମ୍। ଏହି ରିପୋର୍ଟ ଅନୁସାରେ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଛୋଟିଆ ରାଜ୍ୟ ମିଜୋରାମ କେରଳ ସମେତ ସମସ୍ତ ରାଜ୍ୟକୁ ପଛରେ ପକାଇ ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ଲାଭ କରିଛି, ଯାହାର ସାକ୍ଷରତା ହାର ୯୫ ଶତାଂଶରୁ ଅଧିକ। ୨୦୧୧ ଜନଗଣନାରେ ମିଜୋରାମ ତୃତୀୟ ସ୍ଥାନରେ ଥିଲା ଏବଂ ତା'ର ସାକ୍ଷରତା ହାର ଥିଲା ୯୧.୩ ଶତାଂଶ। ନୂତନ ସାକ୍ଷରତା ମିଶନ ଅଧୀନରେ ଯେ କୌଣସି ରାଜ୍ୟକୁ ୯୭ ପ୍ରତିଶତ ସାକ୍ଷରତା ହାସଲ କରିବା ପରେ ପୂର୍ଣ୍ଣ ସାକ୍ଷର ଘୋଷଣା କରାଯାଏ, ଯେଉଁ ମାଇଲ ଖୁଣ୍ଟକୁ ଅତିକ୍ରମ କରିଛି ମିଜୋରାମ। ଏଠାରେ ସାତବର୍ଷରୁ ଅଧିକ ବୟସର ୯୯.୨ ପୁରୁଷ ସାକ୍ଷର ହୋଇଥିବା ସ୍ଥଳେ ୯୭ ଶତାଂଶ ମହିଳା ସାକ୍ଷର ଏବଂ ମୋଟ ସାକ୍ଷରତା ହାର ୯୮.୨୦ ଶତାଂଶ। ମିଜୋରାମ ତଳକୁ କେରଳ ୯୫.୩, ତ୍ରିପୁରା ୯୩.୭ ଓ ଗୋଆ ୯୩.୬ ହୋଇଥିବା ସ୍ଥଳେ ଓଡ଼ିଶାର ସ୍ଥାନ (୭୯.୬) ବହୁ ପଛରେ।

ସାକ୍ଷରତା କେବଳ ବ୍ୟକ୍ତିଗତ ବିକାଶର ବିଷୟ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର ମାଧ୍ୟମ। ଏହା କେବଳ ବିକାଶ କରାଏ ନାହିଁ, ସମ୍ମାନିତ କରାଏ ଏବଂ ସାମାଜିକ ଅନ୍ତର୍ଭୁକ୍ତୀ ବା ନାଗରିକ କାର୍ଯ୍ୟକଳାପରେ ନିୟୋଜନ ପାଇଁ ସୃଷ୍ଟି କରେ ସୁଯୋଗ। ଅର୍ଥାତ୍ ସାକ୍ଷର ବ୍ୟକ୍ତିର ଥାଏ ଏକ ନିଜସ୍ୱ ପରିଚାଳନା ପଦ୍ଧତି। ଦିନଥିଲା ଭାରତରେ ସାକ୍ଷରତା ଓ ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ। ଲୋକେ ଲେଖିପଢ଼ିଲେଖି ଜାଣି ନଥିବାରୁ ନିରକ୍ଷର ଥିଲେ ସତ, କିନ୍ତୁ ସାକ୍ଷର ଭଳି ପ୍ରତୀୟମାନ ହେଉଥିଲେ କଥା କହିଲା ବେଳେ। ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ ଓ ଯାବତୀୟ ପୁରାଣ, ଲୋକକଥା ଓ ରୀତିନୀତି ସଂପର୍କରେ ଖୁବ୍ ଦକ୍ଷତାର ସହ ବଖାଣି ପାରୁଥିଲେ ସାକ୍ଷର ଓ ଶିକ୍ଷିତ ଲୋକଙ୍କ ପରି। ଏବେ କିନ୍ତୁ ଲୋକ ସାକ୍ଷର ବୋଲି ପ୍ରମାଣପତ୍ର ପାଉଛନ୍ତି, କିନ୍ତୁ ତାହାକୁ ପ୍ରମାଣ କରିପାରୁ ନାହାନ୍ତି ସାମାଜିକ କାର୍ଯ୍ୟକ୍ରମରେ। ଏହି ସାକ୍ଷରମାନଙ୍କୁ କୁହାଯାଉଛି ନବନିରକ୍ଷର।

ଭଦ୍ରକ, ୬୩୭୦୬୪୨୪୬୪

# ବର୍ତ୍ତମାନ ସମୟରେ ଇଚ୍ଛାପତ୍ରର ଆବଶ୍ୟକତା

**ମହେନ୍ଦ୍ର ନାୟକ**

ଯେଉଁମାନେ ଚାକିରି କିମ୍ବା ବ୍ୟବସାୟ ଜୀବନ କାଳରେ ନିଜ ନାମରେ ଜମି ଖଣ୍ଡିଏ କିଣିପାରିଛନ୍ତି ସେମାନେ ଚାହିଁଲେ ତାହାକୁ ଅନ୍ୟ କାହାରିକୁ ନ ପଚାରି ହସ୍ତାନ୍ତର କରିପାରିବାର ନିୟମ ରହିଛି। ଏ ସବୁ ଦୃଷ୍ଟିରୁ ବିଜ୍ଞ ବ୍ୟକ୍ତିମାନେ ନିଜ ନାମରେ ଥିବା ସ୍ୱଉପାର୍ଜିତ ସମ୍ପତ୍ତିକୁ ପୁଅ କିମ୍ବା ଝିଅ ନାମରେ ଇଚ୍ଛାପତ୍ର କରିଦେଉଛନ୍ତି। ଇଚ୍ଛାପତ୍ର ନିୟମ ମତେ ଜମି ମାଲିକ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ଅଜାଣତରେ କେହି ନେଇଯାଇପାରିବେ ନାହିଁ। ଜମିମାଲିକ ମୃତ୍ୟୁ ପରେ ଇଚ୍ଛାପତ୍ରର ତତ୍ତ୍ୱାବଧାରକ ସରକାରୀ ନିୟମ ଦେଇ ଦୌରା ଜଜ୍‌ଙ୍କ ଆଦେଶ ବଳରେ ନିଜ ନାମରେ ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱ ପାଇବାର ବ୍ୟବସ୍ଥା ଅଛି।

ମନରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜମି ନିଜ ନାମରେ ଥିଲେ ଇଚ୍ଛାପତ୍ର ହୋଇପାରିବ କି? ସମ୍ପତ୍ତି ଦୁଇ ପ୍ରକାର। (୧) ପୈତୃକ (୨) ସ୍ୱଉପାର୍ଜିତ। ପିତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବା ସମ୍ପତ୍ତିକୁ ପୈତୃକ କୁହାଯାଏ। ସେ ସମ୍ପତ୍ତିରେ ସ୍ତ୍ରୀ ସହ ସନ୍ତାନମାନଙ୍କର ଅଧିକାର ଥାଏ। ପୈତୃକ ସମ୍ପତ୍ତିକୁ ଇଚ୍ଛାପତ୍ର କରାଯାଏ ନାହିଁ। କେବଳ ସ୍ୱଉପାର୍ଜିତ ସମ୍ପତ୍ତିରେ ଜଣେ ବ୍ୟକ୍ତି ଚାହିଁଲେ ଇଚ୍ଛାପତ୍ର ଦଲିଲ ସମ୍ପାଦନ କରିପାରିବେ। ନିଃସନ୍ତାନ ବ୍ୟକ୍ତି ତାଙ୍କ ସମ୍ପତ୍ତିକୁ ନିଜର ଭରଣପୋଷଣ, ଶୁଦ୍ଧିକ୍ରିୟା ଓ ପିଣ୍ଡଦାନ ନିମନ୍ତେ ଉଇଲ୍ ବା ଇଚ୍ଛାପତ୍ରର ସାହାରା ନେବାରେ କୌଣସି ଆଇନଗତ ବାଧା ନାହିଁ।

ଇଚ୍ଛାପତ୍ର କରିବା ପୂର୍ବରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି, ଅଭିଜ୍ଞ ଓକିଲ କିମ୍ବା ଅଭିଜ୍ଞତା ହାସଲ କରିଥିବା ମୋହରିରଙ୍କ ଦ୍ୱାରା ଲେଖାଇବା ଉଚିତ। ଦୁଇ ଜଣ ସାକ୍ଷୀ ମଧ୍ୟ ବୟସ୍କ ହୋଇ ନଥିଲେ ଭଲ। କାରଣ ବ୍ୟକ୍ତି ବା ଜମିମାଲିକଙ୍କ ଦେହାନ୍ତ ପରେ ସମସ୍ତ ବିଚାରାଳୟରେ ଇଚ୍ଛାପତ୍ର ସମ୍ବନ୍ଧେ ସାକ୍ଷୀ ଦେଇପାରିବେ। ଏଭଳି ବୟସର ସୀମା କୌଣସି ଆଇନ ବହିରେ ଉଲ୍ଲେଖ ନାହିଁ କିମ୍ବା ଧାର୍ଯ୍ୟ କରାଯାଇନାହିଁ। ନିଃସନ୍ତାନ କିମ୍ବା ନିଃସହାୟ ବ୍ୟକ୍ତି ନିଜର ସେବାଶୁଶ୍ରୂଷା, ଭରଣପୋଷଣ ଓ ଅନ୍ତିମ ସତ୍କାର କରିବା ନିମିତ୍ତ ଇଚ୍ଛାପତ୍ରର ଆଶ୍ରୟ ନେଇଥା'ନ୍ତି। ଉପଯୁକ୍ତ ବ୍ୟକ୍ତି ଦେଖି ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଇଚ୍ଛାପତ୍ର ବା ଶେଷପତ୍ର ସମ୍ପାଦନ କରିବାର ଅନେକ ନଜିର ରହିଛି। କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ, ସହାନୁଭୂତି, ସେବା ଶୁଶ୍ରୂଷା ବଳରେ ଜମି ମାଲିକ ମୁଗଧ ହୋଇ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିଥିବାର ଉଦାହରଣ ଅଛି। ପରିବାରରେ ଉତ୍ତରାଧିକାରୀମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ କେତେକ ବ୍ୟକ୍ତି ପରିବାର ସଦସ୍ୟଙ୍କ ବ୍ୟତୀତ ବାହାରର କୌଣସି ସ୍ତ୍ରୀଲୋକ କିମ୍ବା ବ୍ୟକ୍ତି ବିଶେଷଙ୍କ ଉପରେ ମୁଗ୍ଧ ହୋଇ ତାଙ୍କ ନାମରେ ସ୍ୱଉପାର୍ଜିତ ସମ୍ପତ୍ତି ପାଇଁ ଇଚ୍ଛାପତ୍ର କରିବା ପାଇଁ ଆଇନରେ କୌଣସି ବାରଣ କରାଯାଇନାହିଁ।

ଉଇଲ ବା ଇଚ୍ଛାପତ୍ର ପରିବର୍ତ୍ତନଶୀଳ। ଅର୍ଥାତ ଜଣେ ବ୍ୟକ୍ତି ଚାହିଁଲେ ନିଜର ଜୀବନକାଳ ଭିତରେ ଅନ୍ୟଏକ ଗ୍ରହୀତାଙ୍କ ନାମେ ନୂତନ ଉଇଲ ସମ୍ପାଦନ କରିପାରିବେ। ଶେଷ ଉଇଲ୍‌ଟି ସବୁସ୍ଥଳରେ କାଏମ ରହିବ। ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତି ଓ ସାକ୍ଷୀମାନଙ୍କ ବୟସ ୧୮ ବର୍ଷରୁ ଅଧିକ ହେବା ଆବଶ୍ୟକ। ଯେକୌଣସି ଭାରତୀୟ ନାଗରିକ ସ୍ୱଉପାର୍ଜିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଅନ୍ୟ ଜଣେ ବ୍ୟକ୍ତିବିଶେଷ/ଏକାଧିକ ବ୍ୟକ୍ତି, ସେ ମହିଳା ବା ପୁରୁଷ ହୁଅନ୍ତୁ ତାଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିପାରିବେ। କିନ୍ତୁ ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତିଙ୍କର ମାନସିକ ବିକୃତି ନଥିବା ଜରୁରୀ। ଇଚ୍ଛାପତ୍ରରେ ଦାତାଙ୍କର ଉଦ୍ଦେଶ୍ୟର ବିବରଣୀ ତଥା ଗ୍ରହୀତାଙ୍କ ଉପରେ ଦିଆ ଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଦଲିଲରେ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯିବା ଦରକାର।

କୌଣସି ଇଚ୍ଛାପତ୍ର ତତ୍ତ୍ୱାବଧାରକ ବା ଗ୍ରହୀତାଙ୍କ ସହ ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବା ଇଚ୍ଛାପତ୍ର ଦଲିଲରେ ଗ୍ରହୀତାଙ୍କ ସ୍ୱାକ୍ଷର କରାଯାଏ ନାହିଁ। ଇଚ୍ଛାପତ୍ର ଦଲିଲରେ ଦୁଇଜଣ ସାକ୍ଷୀଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ଦିଆଯାଏ। ଦଲିଲ ସମ୍ପାଦନ ବେଳେ ଦାତା ବା ଜମି ମାଲିକଙ୍କ ସ୍ୱାକ୍ଷର ଦରକାର ପଡ଼େ। ଦଲିଲ ଲେଖକଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ରହିବା ଆବଶ୍ୟକ। ଚରମପତ୍ର ବା ଇଚ୍ଛାପତ୍ର ଦଲିଲ ନିଜ ତହସିଲରେ ଥିବା କିମ୍ବା ସଂପୃକ୍ତ ମୌଜାର ଜମି ବାଡ଼ି ବିକ୍ରି ଖର୍ଦ୍ଦି କରାଯାଉଥିବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଯିବାର ନିୟମ ରହିଛି। ରେଜେଷ୍ଟ୍ରି ବେଳେ ଗ୍ରହୀତା କିମ୍ବା ଦ୍ୱିତୀୟପକ୍ଷଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ।

ବିନା ରେଜେଷ୍ଟ୍ରିକରଣରେ ମଧ୍ୟ ଇଚ୍ଛାପତ୍ର ସମ୍ପାଦନ ହୋଇପାରିବ। କିନ୍ତୁ ସେହି ଉଇଲରେ ଦୁଇ ଜଣ ସାକ୍ଷୀଙ୍କର ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣାର ଆବଶ୍ୟକତା ଅଛି। ଷ୍ଟାମ୍ପ ପେପର ବା ଷ୍ଟାମ୍ପ ଲାଗିଥିବା କାଗଜ ବ୍ୟତୀତ ସାଦାକାଗଜରେ ମଧ୍ୟ ଇଚ୍ଛାପତ୍ର ବା ଉଇଲ ସମ୍ପାଦନ କରାଯାଇପାରିବ। ଏ ସମ୍ବନ୍ଧରେ ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ହିନ୍ଦୁ ଉତ୍ତରାଧିକାରୀ ଆଇନ (ସଂଶୋଧିତ) ୨୦୦୫ ଓ ମୁସଲିମ ପରସନାଲ ଲ(ସରିଆତ) ଆପ୍ଲିକେସନ ଆକ୍ଟ ୧୯୩୭ରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ରହିଛି।

ଓଡ଼ିଶାର କେତେକ ଜିଲ୍ଲାରେ ଦାତାଙ୍କର ଦେହାନ୍ତ ପରେ ଜିଲ୍ଲା ଦୌରା ଜଜ୍ ଇଜଲାସରେ ଗ୍ରହୀତାଙ୍କ ନାମେ ସ୍ୱତନ୍ତ୍ର ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ମଗାଯାଇଥାଏ। ଏହାକୁ 'ପ୍ରୋବେଟ' କୁହାଯାଏ। ଏଥିନିମନ୍ତେ ସଂପୃକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ମୋକଦ୍ଦମା ଦାଏର କରାଯିବା ପରେ ଦାତାଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କୁ ନୋଟିସ ପଠାଯାଇ ସେମାନଙ୍କର ମତାମତ ରେକର୍ଡ କରାଯାଏ। ଦୌରାଜଜ୍ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାପରେ ଗ୍ରହୀତାଙ୍କ ନାମରେ ସ୍ୱତନ୍ତ୍ର ରେକର୍ଡ କରାଯିବା ନିମନ୍ତେ ଆଦେଶ ବଳରେ ସଂପୃକ୍ତ ତହସିଲଦାର ଗ୍ରହୀତାଙ୍କ ନାମରେ ରେକର୍ଡ କରିବେ। ଯଦି କୌଣସି କାରଣରୁ ଦୌରାଜଜ୍ ଗ୍ରହୀତାଙ୍କ ସପକ୍ଷେ ଆଦେଶ ଦେଇ ନ ଥା'ନ୍ତି ସେ କ୍ଷେତ୍ରରେ ଗ୍ରହୀତାଙ୍କ ନାମେ ରେକର୍ଡ ବା ସ୍ୱତନ୍ତ୍ର ପଟ୍ଟା କରାଯାଇପାରିବ ନାହିଁ। ପ୍ରୋବେଟ ନିୟମଟି ଓଡ଼ିଶାର ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ପ୍ରଚଳନ ଅଛି। ଅବଶିଷ୍ଟ ଜିଲ୍ଲାଗୁଡିକରେ ଉଇଲ ବା ଇଚ୍ଛାପତ୍ରର ଦାତାଙ୍କ ଦେହାନ୍ତପରେ ଗ୍ରହୀତାଙ୍କ ନାମେ ତହସିଲଦାରଙ୍କ ଆଦେଶ ବଳରେ ସ୍ୱତନ୍ତ୍ର ପଟ୍ଟା ପ୍ରସ୍ତୁତ ହୋଇପାରିବ।

କଟକ, ମୋ: ୯୩୩୮୦୦୮୧୯୩

# ଶାକ୍ତ ଗୁଣ୍ଡିଚା

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଚତୁର୍ଦ୍ଧାମୂର୍ତ୍ତି ରଥାରୋହଣ କରି ଗୁଣ୍ଡିଚା ମନ୍ଦିରକୁ କରୁଥିବା ଯାତ୍ରା 'ଗୁଣ୍ଡିଚା ଯାତ୍ରା' ରୂପେ ବିଖ୍ୟାତ ହେବା ପରେ 'ଶାକ୍ତ ଗୁଣ୍ଡିଚା', 'ସୌର ଗୁଣ୍ଡିଚା', 'ଶୈବ ଗୁଣ୍ଡିଚା', 'ଗୁପ୍ତ ଗୁଣ୍ଡିଚା' ଓ 'ବସନ୍ତ ଗୁଣ୍ଡିଚା' ନାମରେ ଖ୍ୟାତ ଠାକୁରମାନଙ୍କର ଆଉ କେତେକ ସ୍ଥାନାନ୍ତରଣ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କର ଷୋଳପୂଜା ଅନୁଷ୍ଠିତ ହୁଏ। ଏହି ଷୋଳଦିନ ବିମଳାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଓ ରତ୍ନସିଂହାସନରେ ଅଧିଷ୍ଠିତ ନୀଳମାଧବଙ୍କର (କୁନି ଜଗନ୍ନାଥ) ଷୋଳଦିନ ବ୍ୟାପୀ 'ଶାକ୍ତ ଗୁଣ୍ଡିଚା' ଯାତ୍ରା ପାଳନ କରାଯାଏ। ମାଧବଙ୍କ ସହ ଦେବୀ ଦୁର୍ଗା ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବାରୁ ଏହାକୁ 'ଦେବୀ ଗୁଣ୍ଡିଚା' ଏବଂ ଶରତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଶରତ ଗୁଣ୍ଡିଚା' ମଧ୍ୟ କୁହାଯାଏ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ମାଧବ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ଦୁର୍ଗା ଏକତ୍ର ରୁନ୍ଧା (ବନ୍ଧା) ହୋଇ ଝୁଲଣ ମଣ୍ଡପ ତଳେ ରଖା ଯାଇଥିବା ପାଲିଙ୍କିରେ ବିଜେ ହୁଅନ୍ତି। ବିମଳାଙ୍କର କେତେକ ନୀତି ସମାପନ ହେବା ପରେ ଆଲିଙ୍ଗିତ ଦୁର୍ଗାମାଧବ ପାଲିଙ୍କିରେ ଯାଇ ବିମଳାଙ୍କ ଜଗମୋହନରେ ଥିବା ପଲଙ୍କରେ ବିଜେ କରନ୍ତି। ସେଠାରେ ଯୁଗଳମୂର୍ତ୍ତିଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ଅର୍ପଣ କରାଯାଏ। ବିମଳାଙ୍କର ତିନି ଧୂପ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ହେବା ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାନ୍ତି। 'ଶାକ୍ତ ଗୁଣ୍ଡିଚା'ର ପ୍ରଥମ ଆଠ ଦିନ ଆଲିଙ୍ଗିତ ଦୁର୍ଗାମାଧବ ଉପରୋକ୍ତ ନୀତିରେ ପ୍ରତିଦିନ ବିମଳାଙ୍କ ମନ୍ଦିରକୁ ବିଜେ ହୋଇ ପୂଜା ଆରାଧନା ପରେ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରନ୍ତି।

ଏହି ମହୋତ୍ସବର ନବମ ଦିନଠାରୁ ଶେଷ ପର୍ଯ୍ୟନ୍ତ ଆଠଦିନ ଦୁର୍ଗାମାଧବ ଆଲିଙ୍ଗିତ ଅବସ୍ଥାରେ ରଥାରୋହଣ କରି ଦୋଳମଣ୍ଡପ ସାହିରେ ଅଧିଷ୍ଠିତା ନାରାୟଣୀ ମନ୍ଦିରକୁ ବିଜେ କରନ୍ତି। ନାରାୟଣୀ ମନ୍ଦିର ଗୁଣ୍ଡିଚା ମନ୍ଦିରର ଭୂମିକା ନିର୍ବାହ କରନ୍ତି। ସେଠାରେ ଦୁର୍ଗାମାଧବଙ୍କର କର୍ପୁର ଚନ୍ଦନ ଲାଗି, ଭୋଗ ଅର୍ପଣ ଓ ବନ୍ଦାପନା ଆଦି କରାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ବାହୁଡ଼ାଇ ନେଇ ଭଣ୍ଡାର ଘରେ ବିଜେ କରାନ୍ତି। ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ଯାତ୍ରା କଲା ବେଳେ ଦେବୀଙ୍କର ବିଜୟା ରଥରେ ଯାତ୍ରା କରନ୍ତି। ଏହି ରଥର ପ୍ରତ୍ୟାବର୍ତ୍ତନ ନ ଥିବାରୁ ବାହୁଡ଼ା ବିଜେ ସମୟରେ ଦିଅଁମାନେ ପାଲିଙ୍କିରେ ଫେରନ୍ତି। ଷୋଳପୂଜାର ଶେଷ ଆଠ ଦିନ ଦୁର୍ଗାମାଧବ ଏହିପରି ସବୁଦିନ ଯାତ୍ରା କରନ୍ତି।

ଦୁର୍ଗା ଓ ମାଧବ ଏକତ୍ରିତ ଆରାଧିତ ହେବା ସାରା ଭାରତରେ ଅନ୍ୟ କୌଣସି ଯାଗାରେ ଦେଖା ଯାଏ ନାହିଁ। ଦୁର୍ଗା ଶିବଙ୍କର ଶକ୍ତି ଓ ପତ୍ନୀ। ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀରେ ପୂର୍ଣ୍ଣବ୍ରହ୍ମରୂପେ ବିରାଜମାନ କରିଥିଲେ ବି ବିଷ୍ଣୁତ୍ୱ ତାଙ୍କର ଏକ ବଳିଷ୍ଠ ପରିଚୟ। ବିଷ୍ଣୁ ଓ ଶିବ ପତ୍ନୀ ଦୁର୍ଗା ଏକତ୍ର ଆଲିଙ୍ଗିତ ଅବସ୍ଥାରେ ପୂଜିତ ହେଉଥିବା କଥା ଶୁଣିଲେ ଭ୍ରୁକୁଞ୍ଚନ ଅନେକଙ୍କର ହୁଏତ ପ୍ରଥମ ପ୍ରତିକ୍ରିୟା ହୋଇପାରେ। କିନ୍ତୁ ଉପରୋକ୍ତ ଆରାଧନାର ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପର କୌଣସି ସଂପର୍କ ନାହିଁ। ମହାପ୍ରଭୁଙ୍କଠାରେ ବିଷ୍ଣୁତ୍ୱ ଆରୋପଣ ହେବା ପୂର୍ବରୁ ବୌଦ୍ଧ ଓ ହିନ୍ଦୁ ତାନ୍ତ୍ରିକମାନେ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀରୂପେ ଆରାଧନା କରୁଥିଲେ। ଉଡ୍ଡୀଶ ତନ୍ତ୍ର (ବିମଳା ଭୈରବୀ ସାକ୍ଷାତ ଜଗନ୍ନାଥସ୍ତୁ ଭୈରବ) ଓ ଦେବୀ ଭାଗବତ (ବିମଳା ଚ ମହାଦେବୀ ଜଗନ୍ନାଥସ୍ତୁ ଭୈରବ) ଏହା ଦୃଢ଼ ଭାବେ ପ୍ରମାଣ କରନ୍ତି।

ବୌଦ୍ଧ ବିଶ୍ୱାସ ଅନ୍ତର୍ଗତ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତନ ଓଡ଼ିଶା ମାଟିରୁ ହୋଇଥିଲା। ସହଜଯାନୀମାନେ ବିଶ୍ୱାସ କରୁଥିଲେ ଯେ ମଣିଷର ଶରୀର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଏବଂ ସବୁପ୍ରକାରର ସେବାପୂଜା କେବଳ ଶରୀର ପ୍ରତି ପ୍ରୟୋଗ ହେବା ଉଚିତ। ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଭୈରବ ଓ ଭୈରବୀ ଆଲିଙ୍ଗିତ ଅବସ୍ଥାରେ ସହଜାନନ୍ଦରେ ଅବସ୍ଥାନ ସହଜରେ ବର ପ୍ରଦାନ କରନ୍ତି। ଆଦି ଶଙ୍କରଙ୍କ କର୍ଣାଟକ ଗସ୍ତ ସମୟରେ କ୍ରକଚ ନାମକ ଜଣେ ତନ୍ତ୍ରଗୁରୁ ତାଙ୍କୁ ପ୍ରଶ୍ନ କରିଥିଲେ - କମଳାକ୍ଷୀ ଉମାଦ୍ୱାରା ଭୈରବ ଆଲିଙ୍ଗିତ ନ ହେଲେ ସେ ସନ୍ତୁଷ୍ଟ ହେବେ କାହିଁକି? ବୌଦ୍ଧତନ୍ତ୍ର ପରେ ଜଗନ୍ନାଥ ହିନ୍ଦୁ ତନ୍ତ୍ରରେ ମଧ୍ୟ ଭୈରବରୂପେ ପୂଜିତ ହେଉଥିଲେ। ତାଙ୍କ ଉପରେ ବିଷ୍ଣୁତ୍ୱ ଆରୋପଣ ପରେ ମହାତ୍ମା ଆଦି ଶଙ୍କର ଓ ରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ଅନେକ ସଂସ୍କାର ଆଣିଥିଲେ ମଧ୍ୟ ସମ୍ଭାବ୍ୟ ବିରୋଧକୁ ଆଖି ଆଗରେ ରଖି କେତେକ ତାନ୍ତ୍ରିକ ପରମ୍ପରାକୁ ପୂର୍ବବତ ଚାଲୁ ରଖିଥିଲେ। ଶାକ୍ତ ଗୁଣ୍ଡିଚା ତା'ଭିତରୁ ଗୋଟିଏ। ଏହି ପରମ୍ପରା ପ୍ରଥମେ ବୌଦ୍ଧ ତାନ୍ତ୍ରିକମାନେ ଆରମ୍ଭ କରିଥିବାରୁ ଏହି ଯାତ୍ରାକୁ 'ବୌଦ୍ଧ ଗୁଣ୍ଡିଚା' କହିଲେ ଠିକ ହୁଅନ୍ତା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭେଙ୍କଟେଶ ପ୍ରସାଦ



ପୁରୀ, ୨୩।୯ (ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ। ମଙ୍ଗଳବାର ସକାଳେ ଶ୍ରୀ ପ୍ରସାଦ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରି ଭିତରକୁ ପାଛୋଟି ନିଆଯାଇଥିଲା। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମର ସବୁକିଛି। ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଖୁସି ଲାଗିଲା। ନିଜକୁ ଭାଗ୍ୟବାନ ମନେ କରୁଛି। ଭାରତୀୟ କ୍ରିକେଟ ଦଳ ସମ୍ପର୍କରେ ପ୍ରସାଦ କହିଥିଲେ, ଏବେ ଭାରତୀୟ ଟିମ୍ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷକରି ଯୁବ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ, ଏସିଆ କପ୍ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ପାକିସ୍ତାନ ଟିମ୍ ସହ କରମର୍ଦ୍ଦନ ନ କରିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏହାକୁ ଆମେ ଗୁରୁତ୍ୱ ନ ଦେଇ ଖେଳ ଉପରେ ଅଧିକ ଧ୍ୟାନ ଦେବା ଉଚିତ।

■ ଜିଆଁକଟା ବାଣ ବିସ୍ଫୋରଣ ଘଟଣା

## ବିପୁଳ ପରିମାଣର ବାଣ ଜବତ; ୫ ଗିରଫ



ହରଭଙ୍ଗା, ୨୩।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆଁକଟା ବାଣ ବିସ୍ଫୋରଣ ଘଟଣା ପରେ ପୁଲିସ, ପ୍ରଶାସନ ପକ୍ଷରୁ ମିଳିତ ଭାବେ ଲଗାତାର ତିନି ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିଲା। ପୁରୁଣାକଟକ ବଜାର ଉପକଣ୍ଠରେ ଥିବା ନ୍ୟୁକୋଲନୀସ୍ଥିତ ଆଲୋକ କାନ୍ତିଙ୍କ ଘର ସହ ବ୍ୟାଙ୍କ ସମ୍ମୁଖ ଫଳ ଦୋକାନ, କଲେଜ ଛକ, ରୁଗୁଡିପାଲ୍ଲୀ ଭଳି ୪ଟି ପୃଥକ୍ ସ୍ଥାନରେ ପର୍ଯ୍ୟାୟକ୍ରମେ ଚଢ଼ଉ କରି ପାଖାପାଖି ବିପୁଳ ପରିମାଣର ୧୫ ଗାଡ଼ି ବାଣ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମାଗିରାମ ବେହେରା (୬୦), କାହ୍ନୁ ପରିଡ଼ା(୨୫), ଆଲୋକ କାନ୍ତି(୫୦), ଲକ୍ଷ୍ମୀଧର ପରିଡ଼ା (୬୦) ଏବଂ ପ୍ରଶାନ୍ତ ସାହୁ(୩୮)। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ଏହି ସୂଚନା ଦେଇଛନ୍ତି। ଏନେଇ ପୁରୁଣାକଟକ ଥାନାରେ ୪ଟି ପୃଥକ୍ ମାମଲା ରୁଜୁ କରାଯାଇଛି।

ଜିଆଁକଟାସ୍ଥିତ ମାଗିରାମ ବେହେରାଙ୍କ ଘରକୁ କାହ୍ନୁ ପରିଡା ଏବଂ ଆଲୋକ କାନ୍ତି ଭଡ଼ାରେ ନେଇ ସେଠାରେ ବେଆଇନ ଭାବେ ବାଣ ଗୋଦାମ କରିଥିଲେ। ଘଟଣା ଦିନ ହଠାତ୍ ନିଆଁ ଲାଗିବାରୁ ବାଣ ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଧୂଳିସାତ ହୋଇଥିଲା। ଏଠାରୁ ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତି ବାହର ଜିଲ୍ଲାକୁ ବାଣ ଚାଲାଣ କରୁଥିବା ନେଇ ମଧ୍ୟ ଖୋଳତାଡ଼ ଚାଲିଥିବା ଆଇଜି ସୂଚନା ଦେଇଛନ୍ତି। ତେବେ ଏତେ ଦିନ ଧରି ବାଣ ବ୍ୟବସାୟ ଚାଲିଥିବାବେଳେ ପୁଲିସ ପାଖରେ ଏନେଇ ସୂଚନା ନଥିବା ସମ୍ପର୍କରେ ସାମ୍ବାଦିକମାନେ ପଚାରିଥିବା ପ୍ରଶ୍ନର ଉତ୍ତରରେ, ଏହା ଉପରେ ତଦନ୍ତ ଚାଲିଛି, ଏଥିରେ ସମ୍ପୃକ୍ତି ଥିବା ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଜି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସମେତ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଆଇପିଏସ ଶିବା ରେଡ୍ଡି, ବୌଦ୍ଧ ଏସଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଦକ୍ଷିଣାଞ୍ଚଳ ଆଇଜି ଜିଆଁକଟା ଗ୍ରାମର ବିସ୍ଫୋରଣ ସ୍ଥଳ ପରିଦର୍ଶନ ମଧ୍ୟ କରିଥିବା ଜଣାପଡ଼ିଛି।

# ସୁନା ୧.୧୫ ଲକ୍ଷ, ରୁପା ଦେଢ଼ ଲକ୍ଷ

### ବର୍ଷକରେ ସୁନା ୩୮ ହଜାର, ରୁପା ୪୯ ହଜାର ମହଙ୍ଗା

ନୂଆଦିଲ୍ଲୀ,୨୩।୯(ଏଜେନ୍ସି): ରେକର୍ଡ ଭାଙ୍ଗୁଛି ସୁନା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ଦର ମଧ୍ୟ କିଲୋଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁ ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୮୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮ ହଜାର ଟଙ୍କା ଏବଂ ରୁପା ୪୯ ହଜାର ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି।



ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୫୯ ଟଙ୍କା ବୃଦ୍ଧି ଘଟି ରେକର୍ଡ ୧,୧୪,୩୧୪ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୬,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୦୨,୧୦୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରୁପା କିଲୋ ପିଛା ୧,୩୫,୨୬୭ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮,୧୫୨ ଟଙ୍କା ବୃଦ୍ଧି ଘଟିଛି। ସେହିପରି ରୁପା କିଲୋ ପିଛା ୪୫ ଟଙ୍କା ଉପରମୁହାଁ ହୋଇଛି। ଟ୍ରମ୍ପ୍ ଟାରିଫ୍ ଏବଂ ବାଣିଜ୍ୟ ଯୁଦ୍ଧର ଭୟ ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ସ୍ୱର୍ଗ ଭାବରେ ବିବେଚନା କରି କିଣୁଛନ୍ତି। ସେହିଭଳି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ୍ୟ ସୁନାର ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ଏହାବାଦ୍ ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବନି

କଟକ, ୨୩।୯ (ସମିସ): ଅନୁକମ୍ପା ନିଯୁକ୍ତି ଯୋଜନା ଅନ୍ତର୍ଗତ ସ୍ଥିରୀକୃତ ରୋଗରେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ଚାଲେଞ୍ଜ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଯେତେବେଳେ ଏକ ସରକାରୀ ସରକାରୀ ଡାକ୍ତରଖାନାର ଡାକ୍ତରୀ ରେକର୍ଡ ସ୍ପଷ୍ଟ ଭାବରେ ପ୍ରମାଣିତ କରେ ଯେ ମୃତ କର୍ମଚାରୀ ହୃଦ୍‌ରୋଗ ଏବଂ କିଡନୀ ରୋଗରେ ପୀଡିତ ଇଥିଲେଏବଂ ହୃଦ୍‌ଘାତ ହେତୁ ମୃତ୍ୟୁ ବରଣ କରିଥିଲେ। ନିଯୁକ୍ତି ଯୋଜନାରେ ଉଲ୍ଲେଖ କରାଯାଇଥିବା ରୋଗ ମଧ୍ୟରେ ଏହି ରୋଗ ରହିଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଟ୍ରିବୁନାଲ ପକ୍ଷରୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରତିପକ୍ଷ ଅଶୋକ କୁମାର ଗିରିଙ୍କ ପିତା ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆର ବଣାଇ ମାଇନ୍ସରେ କାର୍ଯ୍ୟ କରୁଥିଲେ। ୨୦୧୧ ନଭେମ୍ବର ୭ ରେ ତାଙ୍କର ହୃଦଘାତ ଜନିତ ଦେହାନ୍ତ ହୋଇଥିଲା। ମୃତ କର୍ମଚାରୀଙ୍କ ପତ୍ନୀ ଅନୁକମ୍ପା ନିଯୁକ୍ତି ଯୋଜନାରେ ପୁଅ ପାଇଁ ଆବେଦନ ଦାଖଲ କରିଥିଲେ। ଏହାକୁ କର୍ତ୍ତୃପକ୍ଷ ଖାରଜ କରିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲରେ ମାମଲା ଦାୟର କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁର କାରଣ ହେଉଛି ହୋଲୋ ଭିସ୍କସ୍ ପର୍ଫୋରେସନ୍ ରୋଗ, ଯାହା ଅନୁକମ୍ପା ନିଯୁକ୍ତି ଯୋଜନାରେ ନାହିଁ ବୋଲି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ କର୍ତ୍ତୃପକ୍ଷ ଯୁକ୍ତି ଦର୍ଶାଇଥିଲେ। ତେବେ ଏସସିବି ମେଡିକାଲ କଲେଜ ଓ ହସପିଟାଲର ତଥ୍ୟ ଅନୁସାରେ ସମ୍ପୃକ୍ତ କର୍ମଚାରୀ କିଡନୀ ଓ ହୃଦରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତି ଆବେଦନକୁ ପ୍ରତ୍ୟାଖାନ କରିବା ଗ୍ରହଣୀୟ ନୁହେଁ ବୋଲି ଟ୍ରିବୁନଲା କହିବା ସହ ଉକ୍ତ ଆଦେଶକୁ ଖାରଜ କରି ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ମାନବସମ୍ବଳ ପ୍ରବନ୍ଧକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହରେ ବିରୋଧ...

ଅଛି। ଭାରତବର୍ଷର ଉନ୍ନତି କରିବାକୁ ହେଲେ ଗାଁ ଲୋକଙ୍କ ହାତକୁ କ୍ଷମତା ଦିଆଯିବା ଦରକାର। ଯାହାକୁ ଦେଶ ସ୍ୱାଧୀନ ପରେ ସମ୍ବିଧାନରେ ସେ ବ୍ୟବସ୍ଥା କରାଯାଇଥିଲା। ୭୩ତମ ସମ୍ବିଧାନ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଥିଲା। ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯାଏଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଅର୍ଥାତ୍ ଜନତାଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏହି ବ୍ୟବସ୍ଥା ଗଣତନ୍ତ୍ରର ତଣ୍ଟିଚିପିବା ପାଇଁ ଚକ୍ରାନ୍ତ। ପ୍ରଚଳିତ ବ୍ୟବସ୍ଥାକୁ ମୋଡ଼ି ମକଚି ବାବୁରାଜ ଚଳାଇବା ପାଇଁ ମସୁଧା ଚାଲିଛି। ନିଜ ଦଳର କୁଜି ନେତାଙ୍କୁ ସଂରକ୍ଷଣ ଦେବା ପାଇଁ ସରକାର ଏହି ନୂଆ ବ୍ୟବସ୍ଥା ତିଆରି କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

### ସରକାରଙ୍କ ବିରୋଧରେ...

ବିସ୍ତୃତ ଆଲୋଚନା ପାଇଁ ଦାବି କରାଯାଇଥିଲା। ଏହି ଦାବିରେ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳର ଅନାସ୍ଥା ନୋଟିସ ଗ୍ରହଣ ନିମନ୍ତେ ଅଡ଼ି ବସିଥିଲେ। ୫ ଟା ୨୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କୃଷି ମାରଣ ନୀତି ଓ ମହିଳା ହିଂସା ଆଦି ପ୍ରସଙ୍ଗରେ ହୋହଲ୍ଲା କରି ଗୃହତ୍ୟାଗ କରିଥିଲେ।

### ବିଜେଡିର ରଣହୁଙ୍କାର...

ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ରଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ପ୍ରତିବାଦରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାକୁ କ୍ଷମତା ସଙ୍କୁଚିତ କରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟ କ୍ଷମତା ଚୋରି ସହିତ ସମାନ। ପୂର୍ବରୁ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା । ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ବିଲ୍ ପାସ କରିବା ନିମନ୍ତେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା । କିନ୍ତୁ ରାଜ୍ୟ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ ବିଡିଓଙ୍କ ବିଲ୍ ପାସ କରିବାର କ୍ଷମତା ଦୁଇ ଲକ୍ଷରୁ ଦଶ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ପୂର୍ବ ସରକାରଙ୍କ ଲୋକପ୍ରିୟ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ନାମ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାର ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ପୂର୍ବରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏହି ପରିମାଣକୁ ମାତ୍ର ୭/୮ ଲକ୍ଷକୁ କମାଇ ଦିଆଯାଇଛି। ନୂତନ ନିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଓ ପଞ୍ଚାୟତ ସମିତିର କ୍ଷମତାକୁ ଗୌଣ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଏସବୁ ପଦକ୍ଷେପ କେବଳ ତୃଣମୂଳ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ କରି ନିଜ ଦଳୀୟ କର୍ମୀ ଓ ନେତାଙ୍କ ପକେଟକୁ ଗରମ କରିବା ପାଇଁ ଏକ ସୁଚିନ୍ତିତ ଘୃଣ୍ୟ ଉଦ୍ୟମ ବୋଲି ନେତାମାନେ କହିଛନ୍ତି। ପ୍ରତିବାଦ ସଭା ପରେ ହଜାର ହଜାର ଆନ୍ଦୋଳନକାରୀ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବ୍ୟାରିକେଡକୁ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପାଣି ମାଡ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଛନ୍ତି। ସେହିପରି ଶହଶହ କର୍ମୀଙ୍କୁ ପୁଲିସ ଗିରଫ କରିଛି ।

ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ପ୍ରଦୀପ ଅମାତ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଣ୍ଡା, ଚିରଞ୍ଜିବୀ ବିଶ୍ୱାଳ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଭୃଗୁ ବକ୍ସିପାତ୍ର, ପ୍ରୀତିରଞ୍ଜନ ଘଡାଇ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଧ୍ରୁବ ଚରଣ ସାହୁ, ସୁବାସ ସିଂ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ମନ୍ମଥ ରାଉତରାୟ, ବର୍ଷା ସିଂ ବରିହା, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଦୀପ ସାହୁ, ଗଣେଶ୍ୱର ବେହେରା, ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଅମରେଶ ପତ୍ରି, ନଳିନୀ ପ୍ରଧାନ, ବ୍ରଜ ପ୍ରଧାନ, ତୁଷାରକାନ୍ତି ବେହେରା, ବିଶ୍ୱରଂଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ସାରଦା ନାୟକ, ମନୋରମା ମହାନ୍ତି, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ରମେଶ ବେହେରା, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ଝିହ୍ନ ହିକକା, ମାଧବ ଧଡା, ସୁଦର୍ଶନ ହରିପାଲ, ସୁଜାତା ସାହୁ, ରମାକାନ୍ତ ଭୋଇ, ଅଳକା ମହାନ୍ତି, ଗୀତା ସାହୁ, ଅରବିନ୍ଦ ମହାପାତ୍ର, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଦୀପାଳି ଦାସ, ମୁକ୍ତିକାନ୍ତ ମଣ୍ଡଳ, ମଂଜୁଲତା ମଣ୍ଡଳ, ନୃସିଂହ ସାହୁ, ଅବିନାଶ ସାମଲ, ସରୋଜ ମେହେର, ଜଗନ୍ନାଥ ସାରକା, ମହେଶ ସାହୁ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସୁଧୀର ସାମଲ, ରୁଦ୍ର ମହାରଥୀ, ମାନସ ମାଡକାମୀ, କୌଶଲ୍ୟ ହିକ୍କାକା, ରବିନାରାୟଣ ନନ୍ଦ, ଶ୍ରୀକାନ୍ତ ସାହୁ, ସୁମିତ୍ରା ଜେନା, ମୀନତୀ ବେହେରା, କସ୍ତୁରୀ ମହାପାତ୍ର, ଗୀତାଞ୍ଜଳି ବସ୍ତିଆ, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ଲକ୍ଷ୍ମୀପ୍ରିୟା ନାୟକ, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ, ସଦାଶିବ ପ୍ରଧାନ, ସାଲୁଗା ପ୍ରଧାନୀ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରିଜୁଆନା ବେଗମ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ରାଜକିଶୋର ଦାସଙ୍କ ସହ ୩୦ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଉଦ୍ଧ୍ୱର୍ ବ୍ଲକର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧିମଣ୍ଡଳୀ ଯଥା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ସଂଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତାମାନଙ୍କ ସହ ୩୦ ହଜାରରୁ ଉଦ୍ଧ୍ୱର୍ କର୍ମୀ ସାମିଲ ଥିଲେ।

## ସପ୍ତଗିରି ଉଲ୍ଲାକା ତ୍ରିପୁରା ପିଏସି ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୩।୯(ସମିସ): ତ୍ରିପୁରା ପ୍ରଦେଶ କଂଗ୍ରେସ କମିଟିର ରାଜନୈତିକ ବ୍ୟାପାର କମିଟି (ପିଏସି)ଅଧ୍ୟକ୍ଷ ହୋଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ତ୍ରୀପୁରା ପାଇଁ ଏଆଇସିସି ପକ୍ଷରୁ ୨୫ଜଣିଆ ଏକ ରାଜନୈତିକ ବ୍ୟାପାର କମିଟି ଗଠନ କରାଯାଇଛି। ଏହି କମିଟିରେ ତ୍ରିପୁରା ପିସିସି ପ୍ରଭାରୀ ତଥା କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକାଙ୍କୁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଦିଆଯାଇଛି।


**AFFIDAVIT**

I, Azra Paiker, aged about 38 years, W/o-Mohammad Ismail, resident of At-Magurgadia, Ps-Keonjhar Town, Dist-Keonjhar, Odisha, Pin-758001 declare by this affidavit No. 1967, dtd-22.09.2025, that now onwards I shall be known as **AZRA PAIKAR** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2025040, ତା.12.09.2025ରିଖ

କାର୍ଯ୍ୟର ନାମ: ଫର୍ମେସନ, ଛୋଟ (Minor) ପୋଲ, ବଡ଼ (Major), ୟାର୍ଡ୍, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଡ୍ରେନ୍ କାର୍ଯ୍ୟ, କ୍ୟାମ୍ପିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ତାଳଚେର-ବିମଳାଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ୟାର୍ଡ୍ ସହିତ ପାଲଲହଡ଼ା (Ex)(ସିଏଚ୍: 76.90 କି.ମି.)-ବାରକୋଟ୍ (In)(ସିଏଚ୍: 98.325 କି.ମି.) ମଧ୍ୟରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 59189.81 ଲକ୍ଷ, EMD (ଟଙ୍କାରେ): 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 30(ତିରିଶି)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.10.2025 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତର୍ଦ୍ଧ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-110/CI/25-26

O-799

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 08-OF 2025-26**

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure-'A'
3. Class of contractor : "D" & "C"
5. Date & Time of availability of bid document in the portal : From Dt. 25.09.2025 at 10.00 A.M.
6. Last date & Time for receipt of bids in the portal : Dt. 04.10.2025up to 05:00 P.M.
7. Last date of seeking clarification : Dt. 03.10.2025 up to 5.00 P.M
8. Date & Time of technical bid opening : Dt. 06.10.2025 at 11.00 A.M .
10. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0036/2526

**MUNICIPAL OFFICE: JEYPORE** C-1163

Ph. No. 06854-321098, Fax No. 06854-230104, Email - jeyporem.hud@nic.in

**L. No.** 4198/JM **JM-TCN02/2025-26** **Date.** 22/09/2025

Bid documents consisting of specification, the Bill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No of works. | **01** |
| Estimated cost | As per DTCN |
| Date & Time of Bidding in portal | From **23/09/25** at 11:00 Hours to **10/10/25** Upto 16:00 Hours |
| Last date & time for receipt of bids in portal | **10/10/2025** Upto 16:00 Hours |
| Offline Documents Received through Speed *Post/* Registered Post | **10/10/2025** at 16:00 Hours to **14/10/2025** Up to 11:00 Hours (Working Days Only) |
| Bids received online shall be opened on | **14/10/2025** at 11:00 Hours onwards |
| Offline Documents shall be opened in presence of the Participate Bidders | **14/10/2025** at 11:00 Hours onwards |

Executive Officer
Jeypore Municipality

OIPR-13079/11/0069/2526

**AFFIDAVIT**

By virtue of an affidavit sworn before the Executive magistrate, Pattamundai Dt. 21.06.25. I Anupama Mallik ,D/o Late Nirmal Chandra Rout ,w/o-Rabindra Mallik,and Ku Anupama Rout, D/o -Late Nirmal Chandra Rout, w/o-Rabindra Mallik,and Anusuya Pradhan, C/O-Nirmal Chandra Rout, W/o-Rabindra Mallik of my Parental address as well as father-in-law's address is one and same person for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 23.09.2025, I SANJUKTA KUMARI RATH , W/o- Late. Surendra Kumar Das, Vill.-Rampali, Po.- Kerla, Ps.- Kosagumuda, Dist- Nabarangpur, Odisha, Pin - 764058 declare that, I have changed my name from **SANJUKTA KUMARI RATHBHOI** to **SANJUKTA KUMARI RATH**. Henceforth I shall be known as **SANJUKTA KUMARI RATH** for all purposes.
Sd/- **SANJUKTA KUMARI RATH**

**AFFIDAVIT**

By virtue of an affidavit sworn before P.K Mishra (O.R.S) Executive Magistrate, Balasore Sl No- 10305 Dt-19/09/2025.I Agstin Vincent Khan, Age-46, S/o- John Sittar Khan At-Padhuanpada,Proof Road, Ps-Sahadevkhunta, Po/Dist-Balasore. That my name wrongly recorded Pan Card no-AUTPV0038L Agastin Vincent and One Lic Policy bond No-xxxx25305 and one Baroda Bank account no-xxxx0100000384 Augustin Khan . I declared that Agstin Vincent Khan , Agastin Vincent and Augustin Khan are one and same person for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 22.09.2025, I Rajendra Bhatra, S/o- Rabi Bhatra, Vill.- Raja Beheraguda, Po.- Agnipur, Ps.- Nabarangpur, Dist.-Nabarangpur, Odisha, Pin - 764059, declare that, I have changed my minor Son's name from **RAJENDRA BHATRA** to **ARAVINDA BHATRA**. Henceforth he shall be known as **Aravinda Bhatra** for all purposes.
Sd/- **Rajendra Bhatra**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 23/09/2025 I Sri. Anantaram Dora, S/o-Samara Dora, Vill.- Anlaghati, Po.- Semala, Ps.- Nandapur, District- Koraput, Odisha, declare that I have changed my daughter's name from **Anjali Dhara** to **Namita Dora.** Henceforth, my daughter shall be known as **Namita Dora** for all purposes.
Sd/- **Anantaram Dora**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 20/09/2025 I Smt. Pramila Khemundu, D/o-Ramachandra Khemundu, Vill.- Attanda, Po.- Attanda, Ps.- Padwa, District- Koraput, Odisha, declare that I have changed my name from **Subila Khemundi** to **Pramila Khemundu.** Henceforth, I shall be known as **Pramila Khemundu** for all purposes.
Sd/- **Pramila Khemundu**

**AFFIDAVIT**

I, Sampad Kumar Satapathy, S/o-Prasanna Kumar Satapathy, resident of At-Ambajhara, PO: Garhbanikilo, PS: Ranapur, Dist: Nayagarh, Odisha, PIN: 752026 declared by this affidavit No. 17, dtd- 23/09/2025, that now onwards I shall be known as **SAMPAD SATAPATHY** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 05.06.2025, I SATIS BHATRA, S/o- Madhab Bhatra, Vill-Danaguda, Po.- Sanmasigam, Ps.-Nabarangpur, Dist-Nabarangpur, Odisha, Pin - 764063 declare that, I have changed my name from **DEB BHATRA** to **SATIS BHATRA**. Henceforth I shall be known as **SATIS BHATRA** for all purposes.
Sd/- **SATIS BHATRA**

ଭଦ୍ରକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମେଡିକାଲ କଲେଜ ଘୋଷଣା କରି ସରକାର ଚୁପ୍

ଭଦ୍ରକ, ୨୩।୯ (ସମିସ)




ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସୁଧାରିବାରେ ରାଜ୍ୟ ସରକାର ଏକପ୍ରକାର ବିଫଳ ହୋଇଛନ୍ତି। ନୂତନ ସରକାର ପ୍ରଥମ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଘୋଷଣା କରିଦେଲେ; ହେଲେ କଲେଜ କେଉଁଠି ହେବ, ଏଯାଏ ସ୍ଥାନ ନିରୂପଣ ହୋଇନାହିଁ। ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟସେବା ଅଧିକରୁ ଅଧିକ ବିଗିଡିବାରେ ଲାଗିଛି। ସମ୍ପ୍ରତି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମାଞ୍ଚଳର ୫୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ପ୍ରାୟ ୩୦ଟିରେ ଡାକ୍ତର ନାହାନ୍ତି। ଜିଲ୍ଲାର ୩୮୦ ଏମବିବିଏସ ଡାକ୍ତର ପଦବୀ ମଞ୍ଜୁରି ମିଳିଛି। ତେବେ ଅଛନ୍ତି ମାତ୍ର ୧୨୩; ଅର୍ଥାତ ୬୬ ପ୍ରତିଶତ ଡାକ୍ତର ପଦ ଖାଲି। ୫୭ ଜଣ ବିଶେଷଜ୍ଞ ଡାକ୍ତରଙ୍କ ଜାଗାରେ ଅଛନ୍ତି ୩୭। ଜିଲ୍ଲାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ବି ଶୋଚନୀୟ। ଏଠାରେ ମୋଟ ୧୭୧ ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୩୮ ଜଣ। ମୁଖ୍ୟ ଚିକିତ୍ସାଳୟରେ ୧୧୭ ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କ ସ୍ଥାନରେ କାର୍ଯ୍ୟରତ ଅଛନ୍ତି ୪ ଜଣ। ଚର୍ମ, ମାନସିକ ରୋଗ ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ଆଦୌ ନାହାନ୍ତି। ପୂର୍ବ ସରକାର ଅମଳରେ ନିର୍ମିତ ନୂଆ କୋଠାକୁ ଇତମଧ୍ୟରେ ସ୍ଥାନାନ୍ତର ହୋଇଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ମାତ୍ର ସେବା ଯେଉଁ ତିମିରେ ସେହି ତିମିରେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ କେବଳ 'ରେଫର' ହସ୍ପିଟାଲ ଭାବେ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏମସିଏଚ୍ (ମାତୃ ଶିଶୁ ବିଭାଗ)ରେ ଚିକିତ୍ସାରେ ବ୍ୟତିକ୍ରମ ଯୋଗୁଁ ଜନଅସନ୍ତୋଷ ବଢ଼ିଚାଲିଛି। ଚଳିତ ମାସ ୨ଦିନରେ ୨ଜଣ ଆସନ୍ନପ୍ରସବାଙ୍କ ମୃତ୍ୟୁ ଏହାକୁ ସ୍ୱତଃ ପ୍ରମାଣିତ କରିଛି। ଏଠାରେ କେବଳ ଡାକ୍ତରଙ୍କ ଅଭାବ ନୁହେଁ, ସ୍ୱାସ୍ଥ୍ୟସେବାରେ ନିୟୋଜିତ ନର୍ସ, ଫାର୍ମାସିଷ୍ଟ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା ଓ ପୁରୁଷ) ବହୁ ପଦ ଖାଲି ପଡ଼ିଛି। ଜିଲ୍ଲା ଲାଗି ମଞ୍ଜୁର ୫୪୭ରୁ ୨୦୭ ନର୍ସିଂ ଅଫିସର ପଦ ଖାଲି। ୭୪ ଫାର୍ମାସି ଅଫିସର ପଦରୁ ୨୪ ଖାଲି। ୫୫୧ ବହୁମୁଖ୍ୟ ସ୍ୱାସ୍ଥ୍ୟକର୍ମୀ ପଦରୁ ୨୫୮ ଖାଲି। ୧୨୨ ସ୍ୱାସ୍ଥ୍ୟ ସୁପରଭାଇଜର ପଦରୁ ୮୩ ଖାଲି। ଏତେ ସଂଖ୍ୟାରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ପଦ ଖାଲି ରହିବା ଦ୍ୱାରା ଜିଲ୍ଲାର ସ୍ୱାସ୍ଥ୍ୟସେବା ଚରମ ଦୁର୍ଦ୍ଦଶାକୁ ଠେଲି ହୋଇଯାଇଛି। କେବଳ ସେତିକି ନୁହେଁ, ଜିଲା ପାଇଁ ସିଡିଏମ ଏଣ୍ଡ ପିଏଚଓ ନିଯୁକ୍ତିରେ ବି ଅବହେଳା କରାଯାଉଛି। ବର୍ଷକ ଭିତରେ ଜିଲ୍ଲାରେ ୪ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗଲେଣି। ଅବସର ନେବାକୁ ଥିବା ସିଡିଏମ ଏଣ୍ଡ ପିଏଚଓ(ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ)ଙ୍କୁ ସରକାର ଭଦ୍ରକ ଜିଲ୍ଲାକୁ ପଠାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ଏବେ ବି ଇନ୍‌ଚାର୍ଜ ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟ କରୁଛନ୍ତି। ସେହିଭଳି ନୂତନ ବିଲଡିଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ ବି ସିଟିସ୍କାନ, ରକ୍ତଭଣ୍ଡାର ଓ ଡାଇଲିସିସ୍ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ସ୍ଥାନାନ୍ତରୁ ଏଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରି ବ୍ୟବସ୍ଥା ସୁଧାରିବାକୁ ସାଧାରଣରେ ଦାବି ହେଉଛି।

**୬୬ ପ୍ରତିଶତ ଡାକ୍ତର ଓ ୨୦୭ ନର୍ସିଂ ଅଫିସର ପଦ ଖାଲି**



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ପୂଜା ଅବସରରେ ମା'ଙ୍କ ଅନ୍ନପୂର୍ଣ୍ଣା ବେଶ

## କାଦୁଅ ରାସ୍ତାରେ ଛାତ୍ରଛାତ୍ରୀଙ୍କ ଯାତାୟାତ



**ଦୋଲସାହି, ୨୩।୯ (ସମିସ):** କାଦୁଆ ରାସ୍ତାରେ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ। ଅନ୍ୟପକ୍ଷରେ ଅନାବଶ୍ୟକ ଭାବେ କଂକ୍ରିଟ ଉପରେ ପୁଣି କଂକ୍ରିଟ ହେଉଛି। ତେଣୁ ଦୁର୍ନୀତି ଗନ୍ତାଘର ପାଲଟିଛି ଗୁଆମାଳ ପଞ୍ଚାୟତ। ତିହିଡି ବ୍ଲକ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହେଉଥିଲା ବେଳେ ଏହାର ତଦନ୍ତ କରାଯାଉନି। ପ୍ରକାଶ ଥାଉକି, ଗୁଆମାଳ ପଞ୍ଚାୟତର ଅନେକ ଗ୍ରାମରେ ଥିବା ମାଟି ରାସ୍ତା କଂକ୍ରିଟ ହେଉ ନ ଥିବା ଦେଖିବାକୁ ମିଳୁଥିବାବେଳେ କଂକ୍ରିଟ ଉପରେ ନିମ୍ନମାନର ସିମେଣ୍ଟ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ନେତା ଏବଂ ଅଧିକାରୀମାନେ ମାଲାମାଲ ହେଉଛନ୍ତି। ତେଣୁ ଏସବୁ ଦୁର୍ନୀତି ଭିଜିଲାନ୍ସ ପାଖରେ ଆଗତ ହୋଇଛି। ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡ ର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଯାତାୟାତ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସମ୍ପୂର୍ଣ୍ଣ ହେଲା ପୂର୍ତ୍ତ ବିଭାଗ ରାସ୍ତା କାମ

**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କେତେକ ସ୍ଥାନରେ କାମ ଅସମ୍ପୂର୍ଣ୍ଣ ହୋଇ ରହିଥିଲା। ରାସ୍ତାର ସରସଦା, ପଟାପୋଲ, ଖପୁରିଆପଦା ପ୍ରମୁଖ ସ୍ଥାନରେ ବିଭିନ୍ନ କାରଣକୁ ନେଇ ଦୀର୍ଘ ଦିନ ହେବ କାମ ହୋଇପାରୁ ନ ଥିଲା। ବିଶେଷ କରି ପଟାପୋଲଠାରୁ କୁରିଗାଁକୁ ଯାଇଥିବା ସଂଯୋଗୀ ସ୍ଥାନଟି ଅସମ୍ପୂର୍ଣ୍ଣ ରହିଥିଲା। ମାତ୍ର ତିନି ଚାରି ମିଟର ଅସମ୍ପୂର୍ଣ୍ଣ ରାସ୍ତାଟି ପାଇଁ ୫/୭ ବର୍ଷ ହେବ ପଥଚାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଏଠାରେ ଦୁର୍ଘଟଣା ମଧ୍ୟ ଘଟୁଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ସମ୍ପୂର୍ଣ୍ଣ କଂକ୍ରିଟ ରାସ୍ତାର ମରାମତି ଓ ଅସମ୍ପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ ସମ୍ପନ୍ନ କରିବାକୁ ବ୍ୟବସ୍ଥା ହୋଇଛି। ତଦନୁଯାୟୀ ପଟାପୋଲଠାରେ ଥିବା ଏହି ରାସ୍ତା ସଂଯୋଗୀ ସ୍ଥାନରେ କାମ ସମ୍ପୂର୍ଣ୍ଣ ହୋଇଛି।

## ବ୍ଲକ୍ ଆଗରେ ମହିଳା କର୍ମଚାରୀଙ୍କ ଧାରଣା

**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ପରିସରରେ ମିଶନ ଶକ୍ତି ଦ୍ୱାରା କାର୍ଯ୍ୟରତ ପଞ୍ଚାୟତ ସ୍ତରୀୟ ମହିଳା କର୍ମଚାରୀ ଧାରଣାରେ ବସିଛନ୍ତି। ଏନେଇ ଗତକାଲି କର୍ମଚାରୀ ସଂଘ ପକ୍ଷରୁ ପ୍ରଶାସନକୁ ଅବଗତ କରା ଯାଇଥିଲା। ତଦନୁଯାୟୀ ଆଜି ୨୨ଟି ପଞ୍ଚାୟତରୁ ଆସିଥିବା ମହିଳା କର୍ମଚାରୀ ଧାରଣା ଦେଇଥିଲେ। ଧାରଣାରେ ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ସାମିଲ ହୋଇଛନ୍ତି। କର୍ମଚାରୀଙ୍କୁ ସରକାର ୬ମାସ ହେବ ଦରମା ଦେଉନଥିବା ବେଳେ ଏବେ ମହିଳାମାନେ ଆର୍ôଥକ ସଙ୍କଟ ଦେଇ ଗତିକରୁଛନ୍ତି। ସେମାନଙ୍କୁ କାର୍ଯ୍ୟ ଅନୁଯାୟୀ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ସରକାର ସ୍ଥିର କରିଛନ୍ତି। ଏଭଳି ବ୍ୟବସ୍ଥାକୁ କର୍ମଚାରୀ ବିରୋଧ କରିଛନ୍ତି। ଏଭଳି ନୀତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଅଲ ଓଡ଼ିଶା କର୍ମଚାରୀ ସଂଘ ଦାବି ମଧ କରିଥିଲା। ଏଯାଏଁ ପ୍ରଶାସନଠାରୁ ସରକାର ଯାଏଁ କେହି ଏହା ଉପରେ ଦୃଷ୍ଟି ଦେଉ ନାହାଁନ୍ତି। ତେଣୁ ବାଧହୋଇ ମହିଳାମାନେ ଧାରଣାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



## ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ



**ଧାମନଗର, ୨୩।୯ (ସମିସ):** ଧାମନଗର ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପର୍ବ ପାଳନ ଏବଂ କାଳିସୀ ଶୋଭାଯାତ୍ରା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଓ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ସଭାଗୃହ ପରିସରରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସଭାପତିତ୍ୱରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ଏନଏସି ଅଧକ୍ଷା ନିବେଦିତା ଜେନା, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଲମ୍ବୋଦର ଜେନା, ରାମଚନ୍ଦ୍ର ଜେନା, ବିରେନ୍ଦ୍ର ଜେନା, ପ୍ରତାପ ସାମଲ, କୃଷ୍ଣଚନ୍ଦ୍ର ଜେନା, ସୁଶାନ୍ତ ରାଉତ, ଆଲହାଜ୍ ଏମଡି ଇସରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହକିମ, ସେକ ଜାଫର ଅଲ୍ଲୀ, ଦେବେନ୍ଦ୍ର ରାମ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ ସେଠ୍ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପୂଜା ଏବଂ କାଳିସୀ ଶୋଭାଯାତ୍ରା ଶାମପୁର ମନ୍ଦିର ପାଖରୁ ବାହାରି ଜାମତାଲା ଖଣ୍ଡ ଘାଟରୁ ଗୋଧୋଇ ବିଭିନ୍ନ ସାହି ବସ୍ତି ପରିକ୍ରମା କରି ଗୋହିରାପଡ଼ା ବଡିଗଡ଼ିଆ ଘାଟରେ ସମ୍ପୂର୍ଣ୍ଣ ହେବ ସୂଚନା ଦିଆଯାଇଥିଲା। ଆସନ୍ତା ମାସ ୨ତାରିଖ ଭସାଣି ଶୋଭାଯାତ୍ରାରେ ରାସ୍ତା ଉପରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ସେହିପରି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ନିଜର ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଥିଲେ। ଏଥିସହ ରାସ୍ତା ଘାଟ ମରାମତି, ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଇରମ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

**ଭଦ୍ରକ, ୨୩।୯ (ସମିସ):** ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୧୯୩୮, ୨୩.୯.୨୫ ତାରିଖ ମୂଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଇରମ ପ୍ୟାକ୍ସର ସମ୍ପାଦକ ରଶ୍ମିରଞ୍ଜନ କବାଟଙ୍କୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଏଚଆର ପଲିସି ଅଫ୍ ପ୍ୟାକ୍ସ ଷ୍ଟାଫ୍, ଅନୁଯାୟୀ କରାଯାଇଛି। ସମ୍ପୃକ୍ତ ସମ୍ପାଦକ ବେଆଇନ୍ ଭାବରେ ସାର ଚାଲାଣ କରୁଥିବା ସମୟରେ ମ୍ୟାନେଜିଂ କମିଟି ସଦସ୍ୟ ଧରିଥିଲେ। ବାସୁଦେବପୁର ତହସିଲଦାର ଓ ସହାୟକ କୃଷି ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲ୍ଲାପାଳ ସମ୍ପାଦକଙ୍କୁ ନିଲମ୍ବନ କରିଛନ୍ତି।

## ଗୀତା ଭବନରେ ବୈଦିକ ଉତ୍ସବ

**ଭଦ୍ରକ, ୨୩।୯ (ସମିସ):** ଭଦ୍ରକ ସହର ଉପକଣ୍ଠ ବାଇପାସ୍ ଛପୋଲିଆ ନିକଟ ଗୀତା ଭବନରେ ମଙ୍ଗଳବାର ଏକ ବୈଦିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଶେଷ କରି ଆଜି ସନ୍ଥ ଶ୍ରୀ ଆଶାରାମ ବାପୁଙ୍କ ଆତ୍ମ ସାକ୍ଷାତକାର ଦିବସ ପାଳନ ହୋଇଥିବା ବେଳେ ଏଥିରେ ବୈଦିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରତ୍ୟୁଷରୁ ଭଜନ କୀର୍ତ୍ତନ ସହିତ ଶ୍ରଦ୍ଧାଳୁମାନେ ଆଶା ରାମାୟଣ ପାଠ କରିଥିଲେ। ଏହାଛଡା ହୋମଯଜ୍ଞ, ଜପ, ସାମୂହିକ ସଙ୍କଳ୍ପ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଭଦ୍ରକ ସମେତ ଭଣ୍ଡାରିପୋଖରୀ, ଧାମନଗର, ବାସୁଦେବପୁର, ଚାନ୍ଦବାଲି ବ୍ଲକରୁ ଆସିଥିବା ଅନୁଗାମୀ ଓ ଶ୍ରଦ୍ଧାଳୁ ଭାଇଭଉଣୀ ମାନେ ଯୋଗ ଦେଇଥିଲେ।



## ଚାଷୀ ପଞ୍ଜୀକରଣ ସମୀକ୍ଷା ବୈଠକ



**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକରେ ଅନୁଷ୍ଠିତ ଏକ ବୈଠକରେ ଚାଷୀ ପଞ୍ଜିକରଣ ସମୀକ୍ଷା କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ରୋଜାଲିନ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଡିଜିଟାଲ ସର୍ଭେ ବାବଦରେ ମଧ ଆଲୋଚନା କରାଯାଇଥିଲା। କୃଷକଙ୍କ ପାଇଁ ପ୍ରଣୟନ ହୋଇଥିବା ନୂଆ ନୂଆ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ସେନେଇ ଆଲୋଚନା କରାଯାଇଥିଲା। ଯୋଜନା ଗୁଡିକ କେଉଁଠି କେମିତି ସଫଳ ହେଉଛି ତ ପୁଣି କେଉଁଠି ଧିମାରେ ଏହା କାର୍ଯ୍ୟକାରୀ ହେଉଥିବା ବୈଠକରୁ ଜଣାପଡ଼ିଛି। ସମୀକ୍ଷା ବୈଠକରେ କୃଷି ସମ୍ବନ୍ଧିତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏକଦିବସୀୟ ସ୍ୱଚ୍ଛତା ଶିବିର

**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ ଠାରେ ଏକ ଦିବସୀୟ ସ୍ୱଚ୍ଛତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଦେବଦତ ଦାଶ ଓ ଜିଲ୍ଲା ପରିମଳ ସଂଯୋଜକ ରୀତାରାଣୀ ନାୟକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଯୋଗ ଦେଇଥିଲେ। ଏଥିରେ ପରିମଳ କର୍ମଚାରୀ ଚୟନ କରାଯାଇ ସେମାନଙ୍କୁ ସଫେଇ ପାଇଁ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଏବଂ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ଉଦ୍‌ଘାଟିତ



**ବନ୍ତ/ଆଗରପଡ଼ା, ୨୩।୯ (ସମିସ):** ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ହଦସାହି ସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ୩୩ତମ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଆଜି ସକାଳୁ ବନ୍ତ ଅଞ୍ଚଳରେ ପାଗ ମେଘୁଆ ଥିଲେ ମଧ ବାର୍ଷିକ ଉତ୍ସବରେ ମା'ଙ୍କ ପୀଠରେ ବହୁ ଭକ୍ତଙ୍କର ସମାଗମ ହୋଇଥିଲା। ଏହି ଅବସରରେ ଗ୍ରାମ୍ୟ ପୁଷ୍କରିଣୀରୁ ସୁକାନ୍ତ କୁମାର ଜେନା ଓ ପୂର୍ଣ୍ଣଚନ୍ଦ୍ର ଜେନା ଘଟ ଉତ୍ତୋଳନ କରିଥିଲେ। ଘଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପରେ ଭକ୍ତଙ୍କ ଗହଣରେ ପୀଠର ପୂଜକ ସୁକାନ୍ତ ଜେନା କର୍ତ୍ତା। ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ। ଶୋଡ଼ଷ ଉପଚାର ବିଧିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପୀଠରେ ଚଣ୍ଡୀପାଠ ଓ ଘୃତଯଜ୍ଞର ଆୟୋଜନ କରାଯାଇଥିଲା। ଆଜିଠୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଦୀର୍ଘ ୧ମାସ ଧରି ଚାଲିବା ସହ ଗର୍ଭଣା ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବ। ରବୀନ୍ଦ୍ର ଜେନା, ଜୟନ୍ତ ଜେନା, ଶଶୀକାନ୍ତ ଜେନା, ମଦନ ସାହୁ, ସତ୍ୟଜିତ ନାୟକ, ରବୀନ୍ଦ୍ର ସେଠୀ, ଜଗନ୍ନାଥ ପଳତା, କିଶୋର କୁମାର ସେଠୀ, ହରିହର ନାୟକ, ହରିହର ଜେନା, ବିଜୟ ଜେନା, ବାପୁନ ଜେନା, ଜୟଦେବ ଜେନା, ଶୁଭ୍ରାଂଶୁ ଜେନା, ମନୋରଞ୍ଜନ ଜେନା, କାହ୍ନା ଜେନା, ତୋଫାନ ଜେନା, ଟିକୁଆ ଜେନା, ମାସ ଜେନା, ରମାକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।



### ୨ଶହ ବର୍ଷର ଖପରପଦା ମଝିସାହି ସାର୍ବଜନୀନ ଦୁର୍ଗାପୂଜା

## ଦଶହରା ବଳଦ ଶୋଭାଯାତ୍ରା ନିଆରା ପରମ୍ପରା

**ଭଦ୍ରକ, ୨୩।୯ (ସମିସ):** ଭଦ୍ରକ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ମଧ୍ୟରୁ ଧାମନଗର ବ୍ଲକ ଖପରପଦା ମଝିସାହିର ଦୁର୍ଗାପୂଜାକୁ ପ୍ରାୟ ୨ ଶହ ବର୍ଷରୁ ଅଧିକ ହେବ। ସୂଚନାନୁଯାୟୀ, ଖପରପଦା ମଝିସାହିର ଜଣେ ବଙ୍ଗୀୟ ବୃଦ୍ଧା ପ୍ରଥମେ ଏକ ଚାଳଘରେ ଏହି ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେ ମୂର୍ତ୍ତି ପୂଜା ନକରି କଳସ ପୂଜା କରି ଆସୁଥିଲେ। କିଛିବର୍ଷ ପୂଜା କଲା ପରେ ସେ ଗ୍ରାମବାସୀଙ୍କୁ ଡାକି ଏହି ପୂଜାକୁ ସାର୍ବଜନୀନ ତଥା ମୂର୍ତ୍ତିପୂଜା କରିବାକୁ ପରାମର୍ଶ ଦେଇଥିଲେ। ସେବେଠାରୁ ଏହି ପୂବା ପ୍ରାୟ ୨ଶହ ବର୍ଷରୁ ଅଧିକ ହେବ ନିରବଚ୍ଛିନ୍ନ ଭାବେ ଚାଲି ଆସିଥିବା ଗ୍ରାମବାସୀ କୁହନ୍ତି। ଖପରପଦା ମଝିସାହିର ସବୁ ଗ୍ରାମବାସୀ ମିଳିତ ହୋଇ ଏହି ଦୁର୍ଗାପୂଜାକୁ ଆଡମ୍ବରରେ ପାଳନ କରିଥାନ୍ତି। ଗତ ପ୍ରାୟ ୧୫ବର୍ଷରୁ ଅଧିକ ହେବ ନଦୀଗାଁ କରଣପାଳ ଗାଁର ମୂର୍ତ୍ତି ଶିଳ୍ପୀ ଅଶୋକ ମହାପାତ୍ର ମା'ଙ୍କ ମୃଣ୍ମୟ ମୂର୍ତ୍ତି ତିଆରି କରିଥାନ୍ତି। ସେହିଭଳି ବଂଶାନୁକ୍ରମେ ପଣ୍ଡା ପରିବାରର ପୂଜକମାନେ ମା'ଙ୍କୁ ୪ଦିନ ବ୍ୟାପୀ ନିତିକାନ୍ତିରେ ପୂଜା କରିଥାନ୍ତି। ପ୍ରଥାନୁଯାୟୀ, ମଝିସାହି ସାର୍ବଜନୀନ ଦୁର୍ଗାପୂଜାର ପ୍ରଥମ ଷଷ୍ଠୀ ଦିନରେ ବେଲ୍ଲବରଣ, ସପ୍ତମୀରେ କଳସବୁଡା ହୋଇ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ଅଷ୍ଟମୀରେ ସନ୍ଧିପୂଜା ହୋଇଥାଏ। ଏହି ଦିନ ମହିଳାଭକ୍ତଙ୍କ ବେଶ ସମାଗମ ହୋଇଥାଏ। ସେହିପରି ନବମୀ ପୂଜା ଓ ଦଶହରା ବା ବିଜୟା ଦଶମୀ ପୂଜାରେ ବି ଭକ୍ତଙ୍କ ବେଶ ଭିଡ ହୋଇଥାଏ। ଦଶହରା ଦିନ ମାଆଙ୍କ ପୂଜା ସହ ମାଆଙ୍କ ବିସର୍ଜନା ପୂଜା ସମ୍ପନ୍ନ ହୋଇଥାଏ। ଆଉ ପରଦିନ ଅର୍ଥାତ ଆସନ୍ତା ୩ତାରିଖରେ ମାଆଙ୍କ ଭସାଣି ହୋଇଥାଏ। ତେବେ ଖପରପଦା ମଝିସାହି ସାର୍ବଜନୀନ ଦୁର୍ଗାପୂଜାର ନିଆରା ପରମ୍ପରା ହେଉଛି ଦଶହରା ଦିନ ବଳଦ ଶୋଭାଯାତ୍ରା। ବଳଦମାନଙ୍କୁ ବିଭିନ୍ନ ରଙ୍ଗବେରଙ୍ଗରେ ସଜାଯାଇ, ସେମାନଙ୍କୁ ମୟୂରପୁଚ୍ଛ, ଫୁଲମାଳା ପିନ୍ଧାଯାଇ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥାଏ। ପରେ ବଳଦକୁ ପ୍ରସାଦ ସେବନ କରାଯିବାର ପ୍ରଥା ରହିଛି। ଏହି ପ୍ରଥା



**ସେମାନେ ଯାହା କୁହନ୍ତି...**



୨ଶହ ବର୍ଷରୁ ଅଧିକ ଦିନ ଧରି ଚାଲି ଆସିଥିବା ମଝିସାହି ସାର୍ବଜନୀନ ଦୁର୍ଗାପୂଜାଟି ଗ୍ରାମବାସୀଙ୍କ ସହଯୋଗରେ ଚାଲି ଆସିଛି। ଚଳିତବର୍ଷ ପୂଜା କିଭଳି ସୁରୁଖୁରୁରେ ହେବ ଏଥିନେଇ ଆମେ ଯତ୍ନବାନ।

**- ଧନେଶ୍ୱର ମହାରଣା, ସଭାପତି**



ସାର୍ବଜନୀନ ଖପରପଦା ମଝିସାହି ଦୁର୍ଗାପୂଜା ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ବଳଦ ଶୋଭାଯାତ୍ରା ପରମ୍ପରା ଶତାଧିକ ବର୍ଷ ହେବ ଚାଲିଆସିଛି। ଆଗକୁ ଅଧିକରୁ ଅଧିକ ପୂଜାକୁ ଆକର୍ଷଣୀୟ କରିବାକୁ ଆମେ ସଂକଳ୍ପବଦ୍ଧ।

**-ବଳରାମ ସାହୁ, ସମ୍ପାଦକ**

● ପାକ୍ସରେ ୧୩ ଲକ୍ଷ ଟଙ୍କା ହଡ଼ପ ମାମଲା

# ପ୍ରାକ୍ତନ ସମ୍ପାଦକ ଗିରଫ



ଭଦ୍ରକ, ୨୩।୯ (ସମିସ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବାମନବିନ୍ଧା ସେବା ସମବାୟ ସମିତିର (ପାକ୍ସ) ପୂର୍ବତନ ସମ୍ପାଦକ ସୁଦର୍ଶନ ଖଟୁଆଙ୍କୁ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଭଦ୍ରକ ଜିଲ୍ଲା ତିହିଡି ଶାଖା ବିବିସିସି ବ୍ୟାଙ୍କ ଲିମିଟେଡ୍ ଅଧୀନରେ ଥିବା ଏହି ବାମନବିନ୍ଧା ସେବା ସମବାୟ ସମିତିରେ ୧୩ ଲକ୍ଷ ଟଙ୍କା ଟଙ୍କା ହଡ଼ପ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ-୧୩/୨୫) ରୁଜୁ କରାଯାଇ ପ୍ରାକ୍ତନ ସମ୍ପାଦକ ସୁଦର୍ଶନଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି।

# ଅଧ୍ୟାପକ ଫକୀର ଶଙ୍ଖୁଆ ସମ୍ବର୍ଦ୍ଧିତ



ବନ୍ତ/ଆଗରପଡ଼ା, ୨୩।୯ (ସମିସ): ବଉଳା +୨ କଲେଜ ବରିଷ୍ଠ ଅଧ୍ୟାପକ, ସୁବକ୍ତା ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ଫକୀର ଚରଣ ଶଙ୍ଖୁଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଗରପଡ଼ାସ୍ଥିତ ଇଲେଭେନ ଷ୍ଟାର କ୍ଲବରେ ଆୟୋଜିତ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀଙ୍କ ଜୟନ୍ତୀ ଉତ୍ସବରେ ଶ୍ରୀ ଶଙ୍ଖୁଆଙ୍କୁ ଉତ୍ତରୀୟ ସହ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଶ୍ରୀ ଶଙ୍ଖୁଆ ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

# ବ୍ଲକ୍ ଆଗରେ ଜିପିଏଲ୍ଏଫ୍ ସଂଘର ଗର୍ଜନ






ବାସୁଦେବପୁର, ୨୩।୯ (ସମିସ):

ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଭିତ୍ତିଭୂମିକୁ ଭାଙ୍ଗି ଦେଉଛନ୍ତି ବର୍ତ୍ତମାନ ସରକାର। ସରକାର ମହିଳାମାନଙ୍କ ଦାବିକୁ ସହୃଦୟର ସହିତ ବିଚାର କରି ଦାବି ପୂରଣ କରନ୍ତୁ; ନଚେତ ସମସ୍ତ କାମ ବନ୍ଦ କରି ବ୍ଲକ ଆଗରେ ଧାରଣାରେ ବସି ରହିବୁ ବୋଲି ବାସୁଦେବପୁର ବ୍ଲକ ଆଗରେ ମିଶନ ଶକ୍ତିର ଜିପିଏଲଏଫ ସଂଘର ମହିଳାମାନେ କହିଛନ୍ତି। ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏମବିକେ, ସିଆରପି, ମିତ୍ର ଓ ପ୍ରାଣୀ ମିତ୍ରମାନେ ୬ଦଫା ଦାବି ନେଇ ବ୍ଲକ ପରିସରରେ ଗଣଧାରଣା ଦେଇଛନ୍ତି। ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଧାରଣାରେ ସ୍ଲୋଗାନ ଦେଇ ପରିବେଶକୁ ସରଗରମ କରିଥିଲେ। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପୂର୍ବ ସରକାରଙ୍କ ପରି ନିୟମିତ ଦରମା, ଆକାଉଣ୍ଟ ପେ ଦରମା ପ୍ରଦାନ, ପ୍ରୋଫାର୍ମସ ବନୋସ ବନ୍ଦ କରିବା, ୬ମାସର ବକେୟା ପ୍ରାପ୍ୟ ପ୍ରଦାନ କରିବା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ ଦାବି କରିଛନ୍ତି। ସଂଘର ସଭାପତି ରଶ୍ମିତା ପାଢୀ, ସମ୍ପାଦକ ଶାନ୍ତିଲତା ସାହୁ, ସସ୍ମିତା ପାତ୍ର, ଝରଣା ଦାଶ, ଅବନ୍ତୀ ପଣ୍ଡା, ଝୁନିଲତା ନାୟକ, ସିଆରପି ସଂଘର ପୁଷ୍ପଲତା ପରିଡା ପ୍ରମୁଖ ଯୋଗ ଦେଇଥିଲେ।



**ଧାମନଗର:** ଧାମନଗର ବ୍ଲକ ମିଶନ ଶକ୍ତି ବିଭାଗର ୩୦ଟି ପଞ୍ଚାୟତରେ ଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ କର୍ମଚାରୀମାନେ ବିଭିନ୍ନ ଦାବି ପୂରଣ ନେଇ ଆଜିଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ଆରମ୍ଭ କରିଛନ୍ତି। ସେମାନଙ୍କର ଇନସେନଟିଭ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦେବା ଏବଂ ଦୀର୍ଘ ୬ ମାସ ଧରି ଉକ୍ତ ଦରମା ନପାଇବା ଦାବି ନେଇ ଏହି ଧାରଣାରେ ବସିଛନ୍ତି। ଧାମନଗର ଜିପିଏଲଏଫ ପକ୍ଷରୁ ସିଆରପି ବ୍ୟାଙ୍କ ମିତ୍ର ଓ ଏମବିକେ ଦୀର୍ଘବର୍ଷ ଧରି ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରି ଆସୁଛନ୍ତି। ଏବେ ମିଶନ ଶକ୍ତିବିଭାଗ ଏହି ନିୟମକୁ ପରିବର୍ତ୍ତନ କରିଦେଇଛି। ତେବେ ରାଜ୍ୟ ସଂଘ ନିଷ୍ପତି ଅନୁଯାୟୀ, ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ସହ ଗଣଧାରଣା ଜାରିରହିବ ବୋଲି ବ୍ଲକ ସଂଘର ସଭାନେତ୍ରୀ ଅନିମା ନାୟକ ସମ୍ପାଦିକା ସସ୍ମିତା ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମକର୍ତା ପୂଜାରାଣୀ ମହାଳିକ, ବୈଳବାଳା ସ୍ୱାଇଁ, ଜ୍ୟୋସ୍ନାରାଣୀ ପଣ୍ଡା, ସସ୍ମିତା ସାହୁ ପ୍ରମୁଖ ଉକ୍ତ ଦାବି ପୁରଣ ନହେବା ଯାଏ ଧାରଣା ଜାରି ରହିବ ବୋଲି ସଭାପତି ଓ ସମ୍ପାଦିକା ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ତେବେ ଦିନ ୧୦ଟା ଠାରୁ ସନ୍ଧ୍ୟା ୫ଟା ଯାଏ ଏହି ଧାରଣା ଜାରି ରହିଥିଲା। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କଲେ ମଧ୍ୟ ଯୋଗାଯୋଗ ହୋଇ ପାରିନାହିଁ।

ସାଳନ୍ଦୀ ଗର୍ଭରେ ଲୀନହେବ ନଦୀପଠାରେ ଥିବା ଗାଁ

# ଉଠୁଛି ଟ୍ରିପ୍ ଟ୍ରିପ୍ ବାଲି, ପ୍ରଶାସନ ଆଖିରେ ଧୂଳି

ବନ୍ତ/ଆଗରପଡ଼ା, ୨୩।୯ (ସମିସ): ପ୍ରଶାସନ, ଖଣି ବିଭାଗ ଓ ପୁଲିସ୍ ଆଖିରେ ଧୂଳି ଦେଇ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହେଉଛି। ବିନା ଲିଜ୍‌ରେ ବାଲି ମାଫିଆ ସାଳନ୍ଦୀ ନଦୀ ଶଯ୍ୟାରୁ ବାଲି କୋରି ନେଉଛନ୍ତି। କୌଣସି ଲିଜ୍ ନଥିବା ସତ୍ତ୍ୱେ ବିଭିନ୍ନ ଗ୍ରାମରେ ଥିବା ବାଲିଘାଟରୁ ବେଧଡ଼କ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ଏଥିପାଇଁ କୌଣସି ଟ୍ରାନ୍‌ଜିଟ୍ ପାସ୍‌ର ଆବଶ୍ୟକତା ପଡୁନି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ବନ୍ତ ବ୍ଲକ ଆଗରପଡ଼ାଠାରେ। ବାରମ୍ବାର ଖବର ପ୍ରକାଶ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢି ଚାଲିଛି। କିଛି ଦିନ ତଳେ (ବର୍ଷା ଦିନ ଆଗରୁ) ମାଫିଆମାନେ ବେଫିକର ହୋଇ ଦିନ ଦ୍ୱିପ୍ରହରରେ ବେସରକାରୀ ଭାବେ ନଦୀ କୂଳରେ ମେସିନ ଲଗାଇ ବାଲି ଖନନ କରି ଟ୍ରାକ୍ଟର ବାଟେ ବୋହିନେଉଥିବାର ଦେଖିବାକୁ ମିଳୁଥିଲା। ଏହାର ପ୍ରତିବାଦ କଲେ ଧମକ ମଧ୍ୟ ମିଳୁଥିବାର ଅଭିଯୋଗ ମଧ୍ୟ ହେଉଥିଲା। ବର୍ତ୍ତମାନ ବର୍ଷାର ପ୍ରଭାବ କମିବା ସହ ନଦୀରୁ ପାଣି କମିଯିବା ପରେ ମାଫିଆମାନେ ରାତିରେ ମଧ୍ୟ ଲୁଟି ଚାଲିଛନ୍ତି ସାଳନ୍ଦୀ। ତେଣୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ କିଛି ନଦୀ ପଠାରେ ଥିବା ଗାଁ ସାଳନ୍ଦୀ ନଦୀ ଗର୍ଭରେ ଲିନ ହେବା ସୁନିଶ୍ଚିତ ବୋଲି ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି।



ବନ୍ତ ବ୍ଲକ ଆଗରପଡା ଥାନା ଗୋପୀନାଥପୁର, ମହାନ୍ତିପଡ଼ା, ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ଗତ ବର୍ଷ ୨୦୦୦ରେ ନିଲାମ କରାଯାଇଥିଲା। ନିଲାମ ପରେ ଅଞ୍ଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ବେନିୟମ ହେଉଥିବା ଅଭିଯୋଗ ନେଇ କିଛି ଦିନ ତଳେ କିଛି ପଞ୍ଚାୟତର ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ପାଇପାରି ନଥିଲେ। ଆଜି ପର୍ଯ୍ୟନ୍ତ ସରକାରଙ୍କ ପ୍ରଦତ୍ତନିୟମକୁ କେହିବି ମାନୁ ନାହାନ୍ତି। ପୂର୍ବପରି ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତସାରରେ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ଭାବେ ନିର୍ଦ୍ଧାରିତ ନିୟମଠାରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି। ଜରିମାନାରୁ ବଞ୍ଚିବା ପାଇଁ ବର୍ତ୍ତମାନ ରାତିରେ ମଧ୍ୟ ବାଲି ଖୋଳାଯାଇ ଅନ୍ୟ ସ୍ଥାନକୁ ପଠାଯାଉଛି। ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପ୍ରତିଦିନ ଏହିପରି ବେଧଡକ ବାଲି ଖୋଳାଯାଉଥିବାରୁ ନଦୀର ଗତି ପଥରେ ପରିବର୍ତ୍ତନ ଘଟି ସାମାନ୍ୟ ବର୍ଷା ହେଲେ ନଦୀ ବଢି ପାଣି ଗାଁ ମଧ୍ୟକୁ ପଶିଆସି ଲୋକଙ୍କର ବ୍ୟାପକ କ୍ଷତି ପହଞ୍ଚାଉଛି। ଆହୁରି ମଧ୍ୟ ବାଲି ମାଫିଆମାନେ ନଦୀ ତଟକୁ ଦୁଇ ତିନି ମଣିଷ ଲେଖାଏଁ ଖୋଳି ଦେବା ଦ୍ୱାରା ବଡ଼ବଡ଼ ଗର୍ତ୍ତମାନ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଗୃହପାଳିତ ପଶୁମାନେ ଏଥିରେ ଖସିପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି।

ସାଳନ୍ଦୀ ନଦୀର ପାର୍ଶ୍ୱରେ ଥିବା କାଣ୍ଡବା, ସାହୁପଡା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଢୀ, ଅଣିଜୋ, ଇଟୁଆ, ବିରିଡିହି ଆଦି ଗ୍ରାମଗୁଡିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀନଦୀରେ ଲିନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସାଳନ୍ଦୀକୁ ମାଫିଆଙ୍କ କବଳରୁ ରକ୍ଷା କରିବା ପାଇଁ ବିଭାଗୀୟ ଅଧିକାରୀ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ରଙ୍ଗତୂଳୀରେ ତୋଳିଲେ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ନାମ

# ଲକ୍ଷ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡ୍‌ସ

ବନ୍ତ/ଆଗରପଡ଼ା, ୨୩।୯ (ସମିସ): ଜୀବନ୍ତ ଚିତ୍ର ଆଙ୍କୁଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକଡର୍‌ସରେ ନିଜ ନାମ। ଏହିପରି ଏକ ପ୍ରତିଭାର ଅଧିକାରିଣୀ ହେଉଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଚକ୍ରାପାଢ଼ୀ ଗ୍ରାମର ରବିନାରାୟଣ ବେହେରା ଓ ରେବତୀଙ୍କ ଏକମାତ୍ର ଝିଅ ନମିତା (୨୪)। ବାପା ଜଣେ କୃଷକ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ଏକ କୃଷକ ପରିବାରରୁ ଆସି ଏଭଳି କଳାକୃତି ପାଇଁ ସେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଚିତ୍ରକଳା ତାଙ୍କୁ ଏକ ଭିନ୍ନ ପରିଚୟ ଦେଇ ପାରିଛି। ଉକ୍ତ ପରିଚୟକୁ ପାଥେୟ କରି ସେ ଇଣ୍ଡିଆ ବୁକ୍ ଅଫ୍ ରେକଡର୍‌ସ-୨୦୨୫ରେ ନିଜ ନାମକୁ ସ୍ଥାନିତ କରିପାରିଛନ୍ତି। ଆଗାମୀ ଦିନରେ ଗିନିଜ ୱାଲ୍ଡ ରେକଡର୍‌ସରେ ନିଜ ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ ପରିଛନ୍ତି।




ନମିତାଙ୍କ କହିବାନୁଯାୟୀ, ପିଲାଟି ଦିନରୁ ତାଙ୍କର ଚିତ୍ରକଳା ପ୍ରତି ଆଗ୍ରହ ଥିଲା। ସେ ଯେତେବେଳେ ଚକ୍ରାପାଢୀ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିଲେ ସେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସେ ବହୁବାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ବ୍ଲକ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବହୁ ପ୍ରମାଣପତ୍ର ମଧ୍ୟ ହାତେଇ ପାରିଛନ୍ତି। ୨୦୧୬ରେ ତେଲନଟିସ୍ଥିତ ବାଲିପୋଖରୀ ହାଇସ୍କୁଲରେ ମାଟ୍ରିକ୍ ପାସ୍ କରିଥିଲେ। ୨୦୧୮ରେ ଆଗରପଡ଼ା ମହାବିଦ୍ୟାଳୟରୁ କଳାରେ ଯୁକ୍ତ ୨ ପାସ୍ କରିବା ପରେ ବାପାଙ୍କ ଉଦ୍ୟମରେ ସେ ଭଦ୍ରକସ୍ଥିତ ଚାରୁ କାରୁ କଳା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରୁ ୨୦୨୨ରେ ଡ଼ିଗ୍ରୀ ହାସଲ କରିଥିଲେ। ନମିତା ଆହୁରୀ ଅଧିକ ଶିକ୍ଷା ଲାଭର ଆଶା ରଖିଥିଲେ ମଧ୍ୟ ସ୍ୱପ୍ନର ପାହାଚରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ସେ ପ୍ରକାଶ କରନ୍ତି। ସେ ଜୀବଜନ୍ତୁ ଓ ମଣିଷଙ୍କୁ ଦେଖି ପେନ୍‌ସିଲ ମାଧ୍ୟମରେ ଅବିକଳ ଚିତ୍ର ଆଙ୍କି ପାରୁଛନ୍ତି। ଅଦ୍ୟାବଧି ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଚିତ୍ର ଆଙ୍କି ସାରିଛନ୍ତି। କିଛି ଦିନ ତଳେ ରାଷ୍ଟ୍ରପତିଙ୍କ ବାରିପଦା ଗସ୍ତ ସମୟରେ ଆଙ୍କିଥିବା ତାଙ୍କ ପଟ୍ଟଚିତ୍ରକୁ ତାଙ୍କୁ ପ୍ରଦାନ କରିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଚଣ୍ଡିଖୋଲ ଗସ୍ତ ସମୟରେ ପ୍ରଦାନ କରିଥିଲେ। ସେହିପରି ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ତାଙ୍କ ପଟ୍ଟଚିତ୍ର ପ୍ରଦାନ କରି ସାରିଛନ୍ତି। ସେହିପରି ପୂର୍ବତନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକର ପୂର୍ବତନ ଜିଲ୍ଲାପାଳ ତ୍ରିଲୋଚନ ମାଝି, ପୂର୍ବତନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ପୂର୍ବତନ ବନ୍ତ ତହସିଲଦାର ଅଙ୍କିତା ବାରିକ ଓ ବର୍ତ୍ତମାନର ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କ ସମେତ ବନ୍ତ ବିଡିଓଙ୍କ ଅବିକଳ ଚିତ୍ର ଆଙ୍କି ପ୍ରଶଂସିତ ହୋଇଛନ୍ତି। ଉକ୍ତ ପଟ୍ଟଚିତ୍ର ସବୁ ସେ ନିଜ ଖର୍ଚ୍ଚରେ ଆଙ୍କିବା ସହିତ ବର୍ତ୍ତମାନ ସୁଦ୍ଧା ପାଞ୍ଚଶହରୁ ଅଧିକ ପ୍ରତିଛବି ଆଙ୍କି ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦେଇଛନ୍ତି। ମା' ଓ ବାପାଙ୍କ ପ୍ରୋତ୍ସାହନ ଓ ପ୍ରେରଣାରେ ସେ ଚିତ୍ର ଆଙ୍କିବା ଜାରି ରଖିଥିବା ବେଳେ ଚିତ୍ର ଆଙ୍କିବା ସହିତ ଗୀତ ଗାଇବା, ହାରମୋନିୟମ ବଜାଇବା ଆଦି ଅନ୍ୟ କଳା ତାଙ୍କ ପାଖରେ ରହିଛି। ନମିତା ଆହୁରୀ ଅଧିକ ଶିକ୍ଷା ଲାଭ କରି ଭବିଷ୍ୟତରେ ଜଣେ ଭଲ ଚିତ୍ରଶିଳ୍ପୀ ହେବାକୁ ଆଶା ରଖିଥିଲେ ମଧ୍ୟ ସ୍ୱପ୍ନର ପାହାଚରେ ଅର୍ଥ ପ୍ରତିବନ୍ଧକ ସାଜିଥିବାରୁ ସରକାରୀ କିମ୍ବା ବେସରକାରୀ ସଂସ୍ଥା ମାଧ୍ୟମରେ ଯଦି କୌଣସି ପ୍ରୋତ୍ସାହନ ତାଙ୍କୁ ମିଳିପାରନ୍ତା ତେବେ ତାଙ୍କୁ ତାଙ୍କ ସ୍ୱପ୍ନର ପାହାଚରେ ଚଢ଼ିବାରେ କୌଣସି ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ନ୍ତା ନାହିଁ ବୋଲି କଳାକାରପ୍ରେମୀମାନେ ଆଶା ପ୍ରକଟ କରିଛନ୍ତି। ତାଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



ଦୋବଲ ପଞ୍ଚାୟତ ସୋଧ ଗ୍ରାମରେ ମା' ସୁବର୍ଣ୍ଣମୁଖୀଙ୍କ ବ୍ରହ୍ମଚାରିଣୀ ବେଶ।

# ୮୩ ଗ୍ରାମ ବ୍ରାଉନସୁଗର ସହ ଜଣେ ଗିରଫ

ଅସୁରାଳି, ୨୩।୯ (ସମିସ): ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଲାଷ ପାଲ ଓ ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍ ଉପନିରୀକ୍ଷକ ରବି ବେହେରା, ଚାନ୍ଦବାଲି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ ପାଢ଼ୀ, ଉପନିରୀକ୍ଷକ ସୌରଭ ପଣ୍ଡା ଓ ଭଦ୍ରକ ଅବକାରୀ ଥାନା ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ଉ କରାଯାଇ ବ୍ରାଉନ ସୁଗର୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଧୂଷୁରୀ ଥାନା ମଙ୍ଗଳପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ



ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ପରିମାଣ ୮୩ ଗ୍ରାମ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଏଏସ୍‌ଆଇ ଦେବେନ୍ଦ୍ର ପାତ୍ର, କନେଷ୍ଟବଳ ଶିବପ୍ରସାଦ ସାହୁ, ଅଜିତ ସୀଙ୍କୁ, ସୂର୍ଯ୍ୟକାନ୍ତ କିସ୍କୁ, ପରେଶ୍ ଟୁଡୁ, ସୁଦର୍ଶନ, ସନ୍ଧ୍ୟାରାଣୀ ସେନାପତି, ଜେନାମଣି ଜାମୁଦା, ଅନବଦିତ୍ୟ ବାରିକ୍ ସାମିଲ ଥିଲେ। ଧାମନଗର ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା କୁହାଯାଇଛି।

# ବାବା ଛୁଆଗଣେଶଙ୍କ ଭସାଣି ଶୋଭାଯାତ୍ରା





ଭଦ୍ରକ, ୨୩।୯ (ସମିସ): ଭଦ୍ରକ ସହର କୁଆଁସଠାରେ ଗତ ୪୪ବର୍ଷ ହେବ ପୂଜା ପାଇଆସୁଥିବା ବାବା ଛୁଆ ଗଣେଶଙ୍କୁ ଆଜି ବିଶାଳ ଭସାଣି ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ସାଳନ୍ଦୀ ନଦୀରେ ବିସର୍ଜନ କରାଯାଇଛି। ଏହି ଶୋଭାଯାତ୍ରାରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ନାମୀଦାମୀ ଡ୍ୟାନ୍ସ ଗ୍ରୁପ ସହ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ଥିଲେ।




# ୬୦ ବର୍ଷରେ ପରିବା ମାର୍କେଟ୍ ଦୁର୍ଗା ପୂଜା

ବାସୁଦେବପୁର, ୨୩।୯ (ସମିସ) ନଦୀ ପଠା ହେଉ କି ବିଲ ବାଡିର ଉଚ୍ଚା ସ୍ଥାନରେ ଧୂଡୁ ଫର ଫର କାଶତଣ୍ଡି ମାଆଙ୍କ ଧରା ଆଗମନକୁ ସ୍ୱାଗତ କରୁଛି। ଚଳଚଞ୍ଚଳ ହେଲାଣି ଶକ୍ତିପୀଠ। ମୂର୍ତ୍ତି ଗଢିବାକୁ ଦିନ ରାତି ଏକାକାର କଲେଣି ଶିଳ୍ପୀ। ଚାଲିଛି ମାଟି କାଦୁଅ ମୂର୍ତି ଗଢା। ମାଟି ଆଣି ଚକଟି ଏକମାଟିଆ ସାରି ଏବେ ଦୁଇ ମାଟିଆ କଲେଣି। ପଦ୍ମପୁର ଗ୍ରାମର ଶିଳ୍ପୀ ହୃଷୀକେଶ ଦାସ କଞ୍ଚା କାଦୁଅରୁ ମାଆ ଦୁର୍ଗାଙ୍କର ଆକର୍ଷଣୀୟ ମୂର୍ତ୍ତି ତିଆରିରେ ଲାଗି ପଡିଛନ୍ତି। ପ୍ରତିଦିନ ଶିଳ୍ପୀର ନିର୍ମାଣର ଭାବନା ସହିତ ଭକ୍ତି ଭାବନା ଦେବା ଦେବୀଙ୍କ ମୂର୍ତ୍ତିଗୁଡ଼ିକ



ଜୀବନ୍ତ କରି ଗଢି ତୋଳନ୍ତି। ତୂଳର ଶେଷ ସ୍ପର୍ଶ ଦେବା ପର୍ଯ୍ୟନ୍ତ ଶିଳ୍ପୀ ସମସ୍ତ ଭାବନା ସମର୍ପିତ କରିଥାଏ ବୋଲି ଶିଳ୍ପୀ ହୃଷିକେଶ ଦାସ କହିଛନ୍ତି। ବାସୁଦେବପୁର ପୌରପାଳିକାର ପରିବା ମାର୍କେଟକୁ ଲାଗି ଦୁର୍ଗା ମଣ୍ଡପରେ ଅଣଷଠି ବର୍ଷ ଧରି ପୂଜା ହୋଇ ଆସୁଛି। ୧୯୬୫ରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଏଥର ଷାଠିଏ ବର୍ଷରେ ମାଆଙ୍କ ପୂଜା ଅନୁଷ୍ଠିତ ହେବ। ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ମୁରଲୀଧର ସାମଲ, ତତ୍କାଳୀନ ଯୋଗାଣ ଅଧିକାରୀ ଶତ୍ରୁଘ୍ନ ରାଉତ, ଥାନାଧିକାରୀ ସିହ୍ନା ବାବୁ ଓ ପ୍ରାଣବନ୍ଧୁ ପଲାଇଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ଏହା ସାର୍ବଜନୀନ ଦୁର୍ଗା ପୂଜା ଉତ୍ସବରେ ପରିଣତ ହେଲାଣି। କମିଟିର ସଭାପତି ଅନନ୍ତ ନାରାୟଣ ମହାନ୍ତି ଓ ପ୍ରଦୀପ ସାମଲଙ୍କ ପ୍ରଚେଷ୍ଟାରେ ଅନୁଷ୍ଠାନ ଦିନକୁ ଦିନ ଉତ୍ସବରେ ପରିଣତ ହେଲାଣି। ସେପ୍ଟେମ୍ବର ୨୮ ତାରିଖ ବିଲ୍ୱବରଣ, ୨୯ ତାରିଖରେ ଘଟ ଉତ୍ତୋଳନ, ୩୦ ତାରିଖ ମହାଅଷ୍ଟମୀ ପୂଜା, ଅକ୍ଟୋବର ୧ ତାରିଖ ମହାନବମୀ ଓ ୨ ତାରିଖରେ ପୂଜାର୍ଚ୍ଚନା କରି ମଣ୍ଡା ଭୋଗ ପରେ ଦଶମୀ ବିସର୍ଜନ କରାଯିବ। ଏହିଦିନ ମହିଳାମାନେ ସିନ୍ଦୂର ଖେଳ ଖେଳିଥାନ୍ତି।

## ସେମାନଙ୍କ ମୁହଁରୁ



ବାସୁଦେବପୁର ସାର୍ବଜନୀନ ଦୁର୍ଗାପୂଜା ସମସ୍ତ ସହଯୋଗରେ ଆରମ୍ଭ ହୋଇଥିଲା। ଏବେ ବି ବହୁ ବଦାନ୍ୟ ବ୍ୟକ୍ତିଙ୍କ ସାହାର୍ଯ୍ୟ ଓ ସହଯୋଗ ବଜାୟ ରହିଛି। ଏଥର ପୂଜା ଷାଠିଏ ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମାଆଙ୍କ ପୂଜା ଯଥା ରୀତିରେ ଅନୁଷ୍ଠିତ ହେବ। ମହାଷ୍ଟମୀରେ ଅଧିକ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଆରକ୍ଷୀ ବାହିନୀର ସହଯୋଗ କାମନା କରିଛୁ। ଆଶା କରୁଛୁ, ପାଗ ଭଲ ରହିଲେ ପୂଜା ଉତ୍ସବ ଆନନ୍ଦ ଉଲ୍ଲାସରେ ଭକ୍ତମାନେ ଦର୍ଶନ କରିବେ।

-ଅନନ୍ତ ନାରାୟଣ ମହାନ୍ତି, ସଭାପତି



ଆଜିକାଲି ଚାକଚକ୍ୟର ଦୁନିଆ। ମଣ୍ଡପର ସାଜସଜ୍ଜାକୁ ଭକ୍ତମାନେ ପ୍ରାଧାନ୍ୟ ଦେଉଛନ୍ତି। ଦିନକୁ ଦିନ ପୂଜା ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି। ବାସୁଦେବପୁର ସାର୍ବଜନୀନ ଦୁର୍ଗା ପୂଜା କମିଟିର ସଦସ୍ୟଙ୍କ ସହଯୋଗରେ ଚଳିତ ବର୍ଷ ଷାଠିଏ ତମ ବର୍ଷ ଅତିକ୍ରମ କରିବ। ବର୍ଷକର ଥରେ ଗାଁ ଛାଡ଼ି ଦୂରଦୁରାନ୍ତରେ ରହୁଥିବା ଲୋକ ଦୁର୍ଗା ପୂଜାରେ ଘରକୁ ଆସିଥାନ୍ତି। ବନ୍ଧୁ ବାନ୍ଧବଙ୍କର ମିଳନ ହୋଇଥାଏ। ମାଆଙ୍କ ଆର୍ଶୀବାଦରୁ ଚଳିତ ବର୍ଷ ପାଗଭଲ ରହିଲେ ପୂଜା ମଣ୍ଡପରେ ଭିଡ଼ ରହିବ। ଶୃଙ୍ଖଳିତ ଭାବେ ମାଆଙ୍କୁ ଦର୍ଶନ କରି ଆର୍ଶୀବାଦ ଗ୍ରହଣ କରନ୍ତୁ। ପୁଣି ବର୍ଷକୁ ଅପେକ୍ଷା କରିଥାନ୍ତୁ।

- ପ୍ରଦୀପ କୁମାର ସାମଲ, ସମ୍ପାଦକ

# ପାଠପଢ଼ା ପାଇଁ ଭରାନଦୀରେ ଜୀବନକୁ ବାଜି





ତେଲକୋଇ, ୨୩।୯ (ସମିସ):

ପାଠପଢ଼ା ପାଇଁ ଭରା ନଦୀରେ ବାଜିରେ ଲାଗିଛି ଜୀବନ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ତାଳପଦା ମୁଣ୍ଡାସାହିର ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଏଭଳି ଦୁର୍ଦ୍ଦଶା ଓ ବିପଦର ସମ୍ମୁଖୀନ ହେଉଛନ୍ତି। ମୁଣ୍ଡା ସାହିକୁ ସମାକୋଇ ନଦୀ ଉପରେ ପୋଲ ନଥିବାରୁ ବର୍ଷା ଦିନରେ ସାହିକୁ ଯାତାୟାତ ପାଇଁ ଅସୁବିଧା ହେଉଛି। ଭଲ ବର୍ଷା ହେଲେ ନଦୀ ବଢ଼ିଲେ ବସ୍ତାନିରେ ଡୋରି ବନ୍ଧା ହୁଏ। ଏବେ ସ୍କୁଲରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଥିବାରୁ ବାଧହୋଇ ମୁଣ୍ଡା ସାହିରୁ କିଛି ଛାତ୍ରଛାତ୍ରୀ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରୀକ୍ଷା ଦେବାପାଇଁ ଭରା ନଦୀରେ ଜୀବନକୁ ବାଜି ଲଗାଇ ନଦୀ ପାରି ହୋଇ ପରୀକ୍ଷା ଦେବାକୁ ଯାଇଛନ୍ତି। ଲଗାଣ ବର୍ଷା ଯୋଗୁଁ ସମାକୋଇ ନଦୀରେ ବର୍ଷାଜଳ ପ୍ରଭାବିତ ହେଉଛି। ତେବେ ବେକେ ବେକେ ପାଣିରେ ଅଭିଭାବକମାନେ ଭରା ନଦୀରେ ବିପଦସଙ୍କୁଳ ଅବସ୍ଥାରେ ନିଜ ପିଲାଙ୍କୁ ନଦୀ ପାରି କରାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ବିଭିନ୍ନ ସମୟରେ ସାହିବାସୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ ମଧ୍ୟ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ପୋଲ ନିର୍ମାଣ ହୋଇପାରିନାହିଁ। ଫଳରେ ନଦୀ ବଢ଼ିଲେ କେବଳ ଛାତ୍ରଛାତ୍ରୀ ନୁହନ୍ତି; ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଛି। ନଦୀ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିଥାଏ। ଲୋକେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଦଉଡ଼ି ବାନ୍ଧି ବିପଦପୂର୍ଣ୍ଣ ଭାବେ ନଦୀ ପାରି କରାଇଥାନ୍ତି। ଏବେ ମଧ୍ୟ ଲୋକେ ଆଦିମ ମଣିଷ ଭଳି ଜୀବନ ବିତାଇବାକୁ ବାଧ ହେଉଛନ୍ତି।

## ଯୋଡ଼ା ପୁଲିସର ସଚେତନତା ବୈଠକ



ଯୋଡ଼ା, ୨୩।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ବିଚାକୁଣ୍ଡିଠାରେ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ପ୍ରଶାନ୍ତ ସାମଲଙ୍କ ସଭାପତିତ୍ୱରେ ଆମ ପୁଲିସ ସମିତି ଅନୁଷ୍ଠିତ ହୋଇଯାଇଛି। ବିଚାକୁଣ୍ଡି ଅଞ୍ଚଳର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଯୋଡ଼ା ପୌରପାଳିକାର ସମସ୍ତ ୱାର୍ଡରେ ଲୋକଙ୍କୁ ସଚେତନ କରିବା ସହ ଜନସାଧାରଣଙ୍କ ଅତି ନିକଟତର ହେବା ପୁଲିସର ଲକ୍ଷ୍ୟ। ସାଇବର ଠକେଇ, ସୁନା ସଫା କରିବା ଆଳରେ ଠକେଇ, ପାରିବାରିକ କଳହଜନିତ ଅପରାଧ, ନିଶା ପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ବିରୋଧରେ ଏହି ବୈଠକରେ ସଚେତନତା ସୃଷ୍ଟି କରାଯାଇଥିଲା।

## ପାଟଣା ବ୍ଲକ୍‌ରେ ୧୫୧ ନୂଆ ଭିନ୍ନକ୍ଷମ ଚିହ୍ନଟ



ତୁରୁମୁଙ୍ଗା, ୨୩।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨୫ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ନୂତନ ଭାବେ ୧୫୧ ଭିନ୍ନକ୍ଷମ ଚିହ୍ନଟ ହୋଇଛନ୍ତି। ଡା. ତନ୍ମୟ ମଲ୍ଲିକ, ଡା. ଆରଆର ଭଞ୍ଜ, ଡା ଅନିତା ମଞ୍ଜରୀ ଜେନା, ଡା ନିହାର ରଞ୍ଜନ ରଥ, ଡା ମାନସ ମହାନ୍ତ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ଅନଲାଇନ୍ ମାଧ୍ୟମରେ ପ୍ରମାଣପତ୍ର ଉପଲବ୍ଧ ହେବ। ପୂର୍ବରୁ ଚିହ୍ନଟ ୧୪୭ଜଣଙ୍କ ମଧ୍ୟରୁ ୬୦ଜଣଙ୍କୁ ମାଗଣା ବସ୍ ପାସ, ୨୨ଜଣଙ୍କୁ ୪ପ୍ରତିଶତ ସୁଧରେ ଲୋନ, ୪୪ଜଣଙ୍କୁ ଗ୍ରାମୀଣ ଆବାସ ଯୋଜନାରେ ଗୃହ ପ୍ରଦାନ ଓ ୪ ଜଣଙ୍କୁ ବାଣୀଶ୍ରୀ ବୃତ୍ତିପାଇଁ ଅଧିକାରୀମାନେ ସୁପାରିସ କରିଛନ୍ତି। ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ଶିବିରକୁ ଉଦଘାଟନ କରିଥିବା ବେଳେ ବିଡିଓ ମାନସ କୁମାର ଦଣ୍ଡପାଟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ୨ ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଛି। ଏପିଓ ଦୀପକ ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସିପ୍ରାରାଣୀ ମହାନ୍ତ, ବ୍ଲକ୍ ସଂଯୋଜକ ଜମାଲଉଦ୍ଦିନ ଖାନ ସହଯୋଗ କରିଥିଲେ।

## ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର ତତ୍ପରତା

ଯୋଡ଼ା, ୨୩।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଥିବା ବସଷ୍ଟାଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଜଟିଳ ରୂପ ଧାରଣ କରୁଛି। ଏହାର ନିରାକରଣ ପାଇଁ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଏସ ଅଧିକାରୀ ପୱନ ସିଂ ରଣା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଯୋଡ଼ା ବିଡିଓ ଡାନିସ ବେହେରା, ପୌର କର୍ମଚାରୀ, ପୁଲିସ ପ୍ରଶାସନ ଜବରଦଖଲ କରି ବସଷ୍ଟାଣ୍ଡଟିକୁ ସଙ୍କୁଚିତ କରିଥିବା ଅମାନିଆ ଦୋକାନୀଙ୍କୁ ସଚେତନ କରିଥିଲେ। ମଙ୍ଗଳବାର ଭଙ୍ଗା କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ଏହି ପ୍ରକ୍ରିୟା ହୋଇ ପାରି ନ ଥିଲା। ବୁଧବାର ପାଗ ଭଲ ରହିଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ସ୍କଲାର୍‌ସିପ ପାଇଁ ଯୁବ କ୍ରିକେଟର ମନୋନୀତ



କରଞ୍ଜିଆ, ୨୩।୯ (ସମିସ): କରଞ୍ଜିଆ ସହରର ୧୪ନଂ. ୱାଡର ପଞ୍ଚସଖା ହାଇସ୍କୁଲ ଚିତ୍ରପୋଷିର ଦଶମ ଶ୍ରେଣୀର ଛାତ୍ର ଜି.ଏନ. ବିଶ୍ୱପ୍ରକାଶ ସାହୁ ସର୍ବଭାରତୀୟ ଏସିଆନ ପେଣ୍ଟ ଆୟୋଜିତ କନିଷ୍ଠ ବର୍ଗର ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଛନ୍ତି। କ୍ରିକେଟରେ ସହାୟତା ପାଇଁ ଦୁଇ ଲକ୍ଷ ଆର୍ଥିକ ପୁରସ୍କାର ରାଶି ଏସିଆନ ପେଣ୍ଟ ନିଉ ଭାରତ ଆସୋସିଏସନ ତରଫରୁ ସେ ଗ୍ରହଣ କରିଛନ୍ତି। ସେ ଗଣେଶ ଚନ୍ଦ୍ର ସାହୁ ଓ ନନ୍ଦିନୀ ସାହୁଙ୍କ କନିଷ୍ଠ ପୁତ୍ର। ତାଙ୍କର ଏହି ସଫଳତା ପାଇଁ କରଞ୍ଜିଆ ଆଥଲେଟିକ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖେଳିବା ସମୟରେ ସମସ୍ତ ପ୍ରକାରର ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଦୁର୍ଗାପୂଜା ଓ ରାବଣପୋଡ଼ି ପ୍ରସ୍ତୁତି

ଝୁମ୍ପୁରା, ୨୩।୯ (ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡା ବୃହତ୍ ଶାନ୍ତି କମିଟି ଆନୁକୂଲ୍ୟରେ ପ୍ରଶାସନସ୍ତରୀୟ ଦୁର୍ଗାପୂଜା ଓ ରାବଣପୋଡ଼ି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷତା କରିଥଲେ ବୃହତ୍ ଶାନ୍ତି କମିଟିର ସଭାପତି ନାରାୟଣ ସାହୁ। ଅତିଥି ଭାବେ ଝୁମ୍ପୁରା ବିଡିଓ ହୃଦାନନ୍ଦ ଓଡ଼ା, ଝୁମ୍ପୁରା ତହସିଲଦାର ରୋହିତ ବାଗ,



ବାରିଆ ଥାନାଧିକାରିଣୀ ରଞ୍ଜୁହାସିନୀ କୁଲୁ, ଦମକଳ ଅଧିକାରୀ ଆଶିଷ ସାହୁ, ଉଖୁଣ୍ଡା ଫରେଷ୍ଟ ଅଧିକାରୀ ପ୍ରଦୀପ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ, ସରପଞ୍ଚ ମେଘମାଳତୀ ଦେହୁରୀଙ୍କ ସହ ବିଧାୟକ ପ୍ରତିନିଧି ରାଧାକାନ୍ତ ମହାନ୍ତ, ସମିତିସଭ୍ୟ ଲକ୍ଷ୍ମଣ ରାଉତ, ସମାଜସେବୀ ପ୍ରବୀର ରଞ୍ଜନ ନାୟକ, ଭବାନୀ ଶଙ୍କର ନାୟକ, ଶିକ୍ଷାବିତ୍ ଗୁଣନିଧି ମହାନ୍ତ, ଉଦ୍ଧବ ଚରଣ ମହାନ୍ତ ଆୟୋଜନ ନେଇ ଆଲୋଚନା କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଭାସ୍କର ପରିଡ଼ା ଧନ୍ୟବାଦ ଦେଇଥିଲେ। ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ୫ ଲିଟର ମଦ ଜବତ; ୨ ମହିଳା ଗିରଫ

କୁଆଁମରା, ୨୩।୯ (ସମିସ): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଦୁଇ ମହିଳାଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୪୫ ଲିଟର ମଦ ଜବତ ହୋଇଛି। ନୂଆ ଗାଁ ଗ୍ରାମର କୌଶଲ୍ୟା ଲହାର (୪୦)ଙ୍କଠାରୁ ୨୦ ଲିଟର ଓ ଅଁଳାଶୁଳି ଗ୍ରାମର ଲିଲି ଟୁଡୁ (୩୪)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ବଣିଆବସା ଠାରେ ଏକ ନିର୍ଜନ ସ୍ଥାନରେ ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ତେବେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପରେ ଅବକାରୀ ବିଭାଗ ୨୪୫୦ କେଜି ପୋଚ ଓ ୧୩୦ ଲିଟର ମଦକୁ ନଷ୍ଟ କରିଛି।

## ଦେଉଳିଆରେ ଜନଶୁଣାଣି ଶିବିର



ବଡସାହି, ୨୩।୯ (ସମିସ): ବଡସାହି ବ୍ଲକ୍ ଦେଉଳିଆ ପଞ୍ଚାୟରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବନଜା ଦାସ, ଯୋଗାଣ ଅଧିକାରିଣୀ ହରିପ୍ରିୟା ସାହୁ, ବିଏସଏସଓ ସାୱନା ହେମ୍ବ୍ରମ, ଯନ୍ତ୍ରୀ ନାରାୟଣ ବେଶ୍ରା, ପିଇଓ କ୍ଷୀତିଶ ଚନ୍ଦ୍ର ମହାନ୍ତ, ଏଡିଓ ହେମନ୍ତ କୁମାର ବେହେରା, ସରପଞ୍ଚ ତୁଳସୀ ସିଂ ଓ ସମିତି ସଭ୍ୟ ନିହାର ରଂଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହିସବୁ ସମସ୍ୟାର ଆଇନଗତ ଦୃଷ୍ଟିକୋଣରୁ କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ନେଇ ବିଡିଓ, ଯୋଗାଣ ଅଧିକାରିଣୀ ଓ ବିଏସଏସଓ ପ୍ରତିଶୃତି ଦେଇଥିଲେ। ବିଶେଷକରି ଗ୍ରାମୀଣ ଗୃହ ନିର୍ମାଣ, ଭତ୍ତା, ରେସନ କାର୍ଡ, ସୁଭଦ୍ରା ଯୋଜନାରୁ ବଞ୍ଚିତ ହିତାଧିକାରୀ ଅଧିକ ଅଭିଯୋଗ କରିଥିଲେ। ଶିବିରରେ ୨୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ଘର ପାଇଁ ୧୭୨ଟି, ଭତ୍ତା ପାଇଁ ୪୮ ଟି, ରେସନ କାର୍ଡ ପାଇଁ ୫୩ଟି ଓ ଅନ୍ୟାନ୍ୟ ୯ଟି ଅଭିଯୋଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଅଙ୍ଗାରୀ-ବଇଁଚା-ଦେଉଳିଆ ରାସ୍ତାର ଉନ୍ନତିକରଣ, ଚନ୍ଦନ ପଡିଆଠାରୁ ବଗିଚାବାଡି ପର୍ଯ୍ୟନ୍ତ ରାସ୍ତାର ଉଚ୍ଛେଦ ସହିତ ଉନ୍ନତିକରଣ, କୁଳିବଣିଆସାହି, ଗଦଗଦି, ଦଳେଇସାହି ଓ ରଙ୍ଗାଡିହାଠାରେ ଡ୍ରେନେଜ ସହିତ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ପ୍ରଭାତ କୁମାର ଜେନା, ନିହାର ରଂଜନ ମହାପାତ୍ର, ଅନଙ୍ଗ ଭୂଷଣ ସଦୁଆଳ, ମନୋରଂଜନ ଲେଙ୍କା ପ୍ରମୁଖ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ।

■ ସମୟ ଅତିକ୍ରାନ୍ତ ଖାଦ୍ୟ ସାମଗ୍ରୀ ବିକ୍ରି ଅଭିଯୋଗ

## ମଲ୍‌ରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ

ବାରିପଦା, ୨୩।୯ (ସମିସ): ବାରିପଦା ସହରର ଏକ ସଫି ମଲ୍‌ରେ ବ୍ୟବହାର ତାରିଖ ଅତିକ୍ରାନ୍ତ ହୋଇଥିବା ଖାଦ୍ୟସାମଗ୍ରୀ ବିକ୍ରି ଅଭିଯୋଗରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ଅଧିକାରୀ ଚଢଉ କରିଛନ୍ତି। ସପିଙ୍ଗ ମଲ୍‌ରେ ବ୍ୟବହାର ତାରିଖ ଅତିକ୍ରାନ୍ତ ମୃଦୁପାନୀୟ ସାମଗ୍ରୀ ସହ ବହୁ ସମୟ ଅତିକ୍ରାନ୍ତ ଓ ବ୍ୟାଚ ନମ୍ବର ନଥିବା ସାମଗ୍ରୀ ବିକ୍ରି ହେଉଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ବାରିପଦା ତକତପୁର ଅଞ୍ଚଳର ଶୁଭମ୍ ଅଧିକାରୀ ନାମକ ଜଣେ ଯୁବକ ସମ୍ପୃକ୍ତ ମଲ୍‌ରୁ ଅନଲାଇନ୍ ମାଧ୍ୟମରେ କିଛି ମୃଦୁପାନୀୟ ଓ ପନିର କ୍ରୟ କିଣିଥିଲେ; ହେଲେ ପକେଟ ଖାଲି ଦେଖିବାରୁ ଏହି ସାମଗ୍ରୀ ଗୁଡ଼ିକର ବ୍ୟବହାର ତାରିଖ ଶେଷ ହୋଇଯାଇଛି। ପରେ ସେ ଏ ନେଇ ପ୍ରତିବାଦ କରିଥିଲେ। ମାତ୍ର ମଲ କର୍ତ୍ତୃପକ୍ଷ ଭୁଲ୍ ସ୍ୱୀକାର କରିବା ବଦଳରେ ଯୁକ୍ତିତର୍କ କରିଥିଲେ। ପରେ ଶୁଭମ୍ ବାରିପଦା ଟାଉନ ଥାନା ଓ ଖାଦ୍ୟ ସୁରକ୍ଷା କରିକରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ।



ଅଭିଯୋଗ ପରେ ଏହି ମଲକୁ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ତାଙ୍କ ଟିମ୍ ଚଢଉ କରିଥିଲେ। ଚଢଉ ବେଳେ ନିର୍ଦ୍ଦିଷ୍ଟ କମ୍ପାନୀ ପକେଟ୍ ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ କିଛି ସାମଗ୍ରୀର ମାନ, ଗୁଣବତ୍ତା ଏବଂ ନିରାପତ୍ତାର ତଥ୍ୟ ଠିକ୍ ଭାବେ ଉଲ୍ଲେଖ ହୋଇ ନ ଥିବା ଦେଖିବାକୁ ପାଇଥିଲେ। ଅଧିକାରୀ ଏହି ସବୁ ସାମଗ୍ରୀର ନମୁନାକୁ ସଂଗ୍ରହ କରିବା ସହ ସାମଗ୍ରୀ ଜବତ କରିଥିଲେ। ଏହାର ଯାଞ୍ଚ ପାଇଁ ସମସ୍ତ ପ୍ରକ୍ରିୟା କରାଯିବ ବୋଲି ସେ କହିଛନ୍ତି। ଆଗକୁ ପାର୍ବଣ ଯୋଗୁଁ ମଲ୍‌ରେ ଶହ ଶହ ଲୋକଙ୍କ ଭିଡ ଜମୁଛି; ହେଲେ ମଲ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ଗ୍ରାହକ ଠକାମିର ଶିକାର ହେଉଛନ୍ତି। ସବୁଠାରୁ ସାଂଘାତିକ କଥା ହେଲା କି ଏହିପରି ଯଦି ତାରିଖ ଅତିକ୍ରାନ୍ତ ଖାଦ୍ୟକୁ ଛୋଟ ଛୋଟ ପିଲା ଖାଇଥିବେ ତା ହେଲେ କ'ଣ ଯେ ହୋଇଥିବ, ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏ ନେଇ ମଲ କର୍ମଚାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

ମା' ଆସୁଛନ୍ତି | ବାବା ଭୂତେଶ୍ୱର ମହାଦେବଙ୍କ ପୀଠ

## ୨୮ ବର୍ଷ ଧରି ପୂଜା ପାଉଛନ୍ତି ଜୟ ମା' ଦୁର୍ଗା ଭୂତେଶ୍ୱରୀ

ବଡସାହି, ୨୩।୯ (ସମିସ):

ବଡସାହି ବ୍ଲକ୍ ମାଣତ୍ରୀ ପଞ୍ଚାୟତ ବଦଳିଗାଁ ସ୍ଥିତ ବାବା ଭୂତେଶ୍ୱର ମହାଦେବଙ୍କ ପୀଠରେ ମହାମାୟା ଜଗଦମ୍ବା ଜୟମା' ଦୁର୍ଗା ଭୂତେଶ୍ୱରୀ ପୂଜାପାଇ ଆସୁଛନ୍ତି। ଚଳିତ ବର୍ଷ ମା'ଙ୍କ ୨୮ତମ ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସାବ ମହାସମାରୋହରେ ପାଳନ କରାଯିବା ପାଇ" ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାଳୟା ପରେ ପ୍ରତିପଦାଠାରୁ ଏହି ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ମାତୃଶକ୍ତିର ଜୟ ଜୟକାର ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହେଉଛି। ପ୍ରତ୍ୟେକ ଦିନ ନବ ଶକ୍ତିଙ୍କ ବିଭିନ୍ନ ନାମ ଓ ରୂପରେ ପୂଜାର୍ଚ୍ଚନା ବିଧିବିଧାନ ଅନୁସାରେ ଚାଲିଛିବୋଲି ମୁଖ୍ୟ ପୂଜକ ଦୁର୍ଗାଚରଣ ତ୍ରିପାଠୀ କହିଛନ୍ତି। ଷଷ୍ଠୀ ପର୍ଯ୍ୟନ୍ତ ଏହି ପୂଜା ଚାଲିବା ପରେ ବିଲ୍ୱାଧିବାସ କର୍ମ ପରେ ସପ୍ତମୀ ପାଇଁ କୁଣ୍ଡ ଓ ମଣ୍ଡଳ ପ୍ରସ୍ତୁତ କରାଯାଇ ସପ୍ତମୀରେ ମହାସପ୍ତମୀ ପୂଜା ଆରମ୍ଭ ହେବ। ସପ୍ତମୀରେ ମା'ଙ୍କର ପୂଜା ଆରମ୍ଭ ହୋଇ ମହାସ୍ନାନ, ପୂଜାର୍ଚ୍ଚନା, ଚଣ୍ଡିପାଠ, ହୋମ କରାଯାଇ ସନ୍ଧ୍ୟାରେ ଆରତୀ କରାଯାଇଥାଏ। ଏହାପରେ ମହାଷ୍ଟମୀ, ମହାନବମୀ ଓ ବିଜୟା ଦଶମୀ ଓ ଦଶହରା ବିଧି ଅନୁସାରେ ଅନୁଷ୍ଠିତ ହେବ। ଏହି ପୀଠରେ ବାବା ଭୂତେଶ୍ୱରଙ୍କର ଆବିର୍ଭାବ ଏକ ଅଲୋ÷କିକ ଘଟଣା। ଉକ୍ତ ସ୍ଥାନଟି ଡାକ୍ତର ସ୍ୱର୍ଗତ କେଶବ ଚନ୍ଦ୍ର ଜେନା ଏକ ବାଡି ଥିଲା। ସେତେବେଳେ



ଏହାକୁ ମନ୍ଦିର ଡିହ ବୋଲି କୁହାଯାଉଥିବା ବେଳେ ଏହି ସ୍ଥାନର ଯେଉଁଠି ଖନନ କଲେ ଇଟା ଖଣ୍ଡ ବାହାରୁଥିଲା। ୫ଟି ବିଲ୍ୱବୃକ୍ଷ ସେଠାରେ ଥିବା ବେଳେ ସ୍ଥାନଟି ଅନାବାନା ଗଛରେ ଭର୍ତ୍ତି ହୋଇ ରହିଥିଲା। ସେହିଦିନ ଥାଏ ୧୯୭୫ ମସିହା ମାର୍ଗଶୀର ମାସ ୧୧ଦିନ ପ୍ରଥମାଷ୍ଟମୀ। କୋରାପୁଟ ଜିଲ୍ଲାର ଚିତ୍ରକୁଣ୍ଡାସ୍ଥ ଗୁପ୍ତେଶ୍ୱର ମହାଦେବଙ୍କ ଶୈବ ପୀଠରୁ ସ୍ୱପ୍ନାଦେଶ ପାଇ ସ୍ୱାମୀ ଅର୍ଜୁନ କର ଏଠାରେ ପହଞ୍ଚିଥିଲେ। ସେ ସ୍ୱପ୍ନାଦେଶ ବିଷୟରେ ଜଣାଇବା ପରେ ତାଙ୍କରି ନିର୍ଦ୍ଦେଶରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆରମ୍ଭ ହୋଇଥିଲା ଖନନ। ସେ ସମୟରେ ସ୍ୱର୍ଗତ କେଶବ ଚନ୍ଦ୍ର ଜେନାଙ୍କ ପରିବାର, ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଖନନ ଚାଲିଥିବା ବେଳେ ସଂକୀର୍ତ୍ତନ, ହରିବୋଲ, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପ୍ରାୟ ୬ଫୁଟ ଖୋଳିବା ପରେ ମହାପ୍ରଭୁ ଆବିର୍ଭୂତ ହୋଇଥିଲେ। ଏହାପରେ ସ୍ୱାମୀଜୀଙ୍କୁ ପୁଣି ସ୍ୱପ୍ନାଦେଶ ପରେ ଏହା 'ଭୂତେଶ୍ୱର ମହାଦେବ' ନାମରେ ନାମିତ ହୋଇଥିଲା। ସେହିଦିନ ଠାରୁ ଏକ ଅସ୍ଥାୟୀ ଗୃହରେ ବାବାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ମନ୍ଦିର ନିର୍ମାଣ ସରିଥିବା ବେଳେ ସେଠାରେ ଦୀର୍ଘ ୨୮ ବର୍ଷ ଧରି ମା' ଦୁର୍ଗା, ନବଗ୍ରହ ଓ ହନୁମାନ ଜୀ ମଧ୍ୟ ପୂଜା ପାଇଆସୁଛନ୍ତି। ଏକ ଟ୍ରଷ୍ଟ ଗଠନ କରାଯାଇ ପରିଚାଳନା କରାଯାଉଛି। ଅଷ୍ଟମୀ, ନବମୀ ଦଶମୀରେ ଏହି ପୀଠ ଚଳଚଞ୍ଚଳ ହୋଇଉଠେ।

■ ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଓ ସାମାଜିକ ସମୀକ୍ଷା

## ଅଧୁରା ପ୍ରକଳ୍ପ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

କରଞ୍ଜିଆ, ୨୩।୯ (ସମିସ): ମଙ୍ଗଳବାର କରଞ୍ଜିଆରେ ବ୍ଲକସ୍ତରୀୟ ମନରେଗା ଓ ଖାଦ୍ୟ ସୁରକ୍ଷା ଯୋଜନାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମାଜିକ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ମହାନ୍ତ, ଏବିଡିଓ ଦଳେଇ ସିଂ, କାଳିଚରଣ ମହାନ୍ତ, ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ ଓ ଉମାଶଙ୍କର ଦାସ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଓ ଅଭିଯୋଗର ସମୀକ୍ଷା କରିଥିଲେ। ପ୍ରଥମେ ଏପିଓ ସୁଭାଶିଷ ମିଶ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ୭୬ଟି ଅଭିଯୋଗର ସମୀକ୍ଷା କରାଯାଇଥିଲା। ବିଶେଷକରି ଜନ୍ମିତ ଶିଶୁଙ୍କ ନାମ ଖାଉଟି କାର୍ଡରେ ସଂଯୋଗ ନ ହେବା ଓ ମୃତବ୍ୟକ୍ତିଙ୍କ ନାମ କାର୍ଡରୁ କଟାଯାଇ ନ ଥିବା ଜଣାପଡିଥିଲା। ଏହାକୁ ତୁରନ୍ତ ସଂଶୋଧନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ସେହପରି ମନରେଗା ଯୋଜନାରେ ୩୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ବିଶେଷକରି ଅନେକ ପ୍ରକଳ୍ପର କେସ ରେକର୍ଡ ଠିକ ନଥିବା, ଅନେକ ପ୍ରକଳ୍ପର ସୂଚନା ଫଳକ ଲଗାଯାଇନଥିବା ଆଦି ଅଡିଟରୁ ଜଣାପଡିଛି। କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ସ୍ଥାୟୀ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରିବାକୁ ପ୍ରକଳ୍ପ ପ୍ରଶାସକ ଶ୍ରୀ ମହାନ୍ତ ପରାମର୍ଶ ଦେଇଥିଲେ। ବିଶେଷକରି ବନ୍ଧ, ପୋଖରୀ, ଫଳ ବଗିଚା, ପଶୁ ମତ୍ସ୍ୟ ପାଳନ ଯୋଜନା କାଯ୍ୟକାରୀ କରାଗଲେ ହିତାଧିକାରୀ ରୋଜଗାରକ୍ଷମ ହୋଇପାରିବେ ବୋଲି ମତ ରଖିଥିଲେ। ଅଧୁରା ରହିଥିବା କାର୍ଯ୍ୟକୁ ୭ଦିନ ଭିତରେ ଶେଷ କରିବାକୁ ପ୍ରକଳ୍ପ ପ୍ରଶାସକ ଶ୍ରୀ ମହାନ୍ତ ନିର୍ଦ୍ଦେଶ ଦେଇଥିଲେ। ସୁଭାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ତାଲିମ

ରାମଚନ୍ଦ୍ରପୁର, ୨୩।୯ (ସମିସ): ଘସିପୁରା ବ୍ଲକ ସୁଆପଦା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରଞ୍ଜିତ ସାହୁଙ୍କ ତତ୍ତ୍ୱାବଧାନରେ ଘସିପୁରା ଅଗ୍ନିଶମ ଅଧିକାରୀ ରାଧୁଚରଣ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ସୁକାନ୍ତ ନାଥଙ୍କ ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଗହଣରେ ଅଗ୍ନି ନିରାପତ୍ତା ମକଡ୍ରିଲ କାର୍ଯ୍ୟକ୍ରମ କରାଯାଇଛି। ଏଥିସହିତ ବର୍ଷା ପବନରେ ଯଦି ଗଛ ଭାଙ୍ଗି ପଡିଯିବ ତାହା ହେଲେ କିପରି ତାହାକୁ ସଫା କରାଯିବ, ଦୁର୍ଘଟଣାରେ ଯଦି ଜଣେ ପଡି ରହିଥିବ ତାହାକୁ କିପରି ସହାୟତା କରିବ, ବଡ଼ କୋଠା ଘରେ ନିଆଁ ଲାଗିଥିଲେ କିପରି ଲିଭାଇବ, ଗ୍ୟାସରେ ନିଆଁ ଲାଗିଲେ କିପରି ଲିଭାଯାଇ ପାରିବ, ରୋଗୀକୁ ଦୁଇଜଣ ବ୍ୟକ୍ତି ନିଜ ହାତରେ ସ୍ୱାସ୍ଥ୍ୟକେନ୍ଦ୍ରକୁ କିପରି ସୁବଧା ଉପାୟରେ ପହଞ୍ଚାଇ ପାରିବେ ସେନେଇ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଓଁକାର କବାଟ, ହିମାଂଶୁ ସ୍ୱାଇଁ, ଚନ୍ଦ୍ରମଣି ପାତ୍ରୀ ପ୍ରମୁଖ ଏହି ମକଡ୍ରିଲ ପ୍ରଦର୍ଶନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବ୍ୟାପାମାଧ୍ୟ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରଖା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮- ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮- ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୭୮- ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।

# ପ୍ରଭାସଙ୍କ 'ଫୌଜି'ରେ ଅଭିଷେକଙ୍କ ଏଣ୍ଟ୍ରି



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି'କୁ ନେଇ ଏବେ ଏକ ଖବର ଆସିଛି। ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଆକ୍ସନ୍- ଡ୍ରାମା ଭିତ୍ତିକ ଏହି ଫିଲ୍ମଟି ଆହୁରି ଅଧିକ ଆକର୍ଷଣୀୟ ହେବାକୁ ଯାଉଛି। କାରଣ ଏଥିରେ ଏବେ ପ୍ରଭାସଙ୍କ ସହ ଅଭିଷେକ ବଚ୍ଚନ ନଜର ଆସିବେ। ଯଦି ସବୁକିଛି ଫାଇନାଲ ହୋଇଯାଏ ତେବେ ତେଲୁଗୁ ଇଣ୍ଡଷ୍ଟ୍ରିରେ ଅଭିଷେକଙ୍କ ଏହା ଡେବ୍ୟୁ ଫିଲ୍ମ ହେବ। ଅଗଷ୍ଟରେ ଏହାର ସୁଟିଂ ସେଟ୍‌ରୁ ଏକ ଫଟୋ ଲିକ୍ ହେବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଥିଲା। ପ୍ରଭାସ ଏବେ ଫିଲ୍ମର ସୁଟିଂରେ ବ୍ୟସ୍ତ ଥିବାବେଳେ ଖୁବ୍ ଶୀଘ୍ର ତାଙ୍କ ସହ ଅଭିଷେକ ଯୋଗ ଦେବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ରୋମାଣ୍ଟିକ୍ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଉଛି। ଏଥିରେ ପ୍ରଭାସ ଜଣେ ସୈନିକ ଭାବେ ଦେଖାଯିବେ। ଫିଲ୍ମର ବଜେଟ୍ ୪୦୦ କୋଟି ରହିଛି। ପ୍ରଭାସଙ୍କ କାମ କଥା କହିବାକୁ ଗଲେ, ସେ କ୍ଷେଷ ଥର ପାଇଁ 'କଲ୍କୀ ୨୮୯୮ ଏଡି' ଫିଲ୍ମରେ ଦେଖାଯାଇଥିଲେ। ପ୍ରଭାସ ଆଗାମୀ ଦିନରେ 'ଦ ସ୍ପିରିଟ୍', 'ଦ ରାଜା ସାବ୍', 'କଲ୍କୀ ୨୮୯୮ ଏଡି ପାର୍ଟ ୨', 'ସାଲାର ପାର୍ଟ ୨' ଭଳି ଫିଲ୍ମରେ ନଜର ଆସିବେ।

# କ୍ୟୁଆର୍ କୋଡ୍ ଦେଖାଇ ମାଗୁଛନ୍ତି ଭିକ



ସାଧାରଣତଃ ରାସ୍ତାଘାଟ, ମନ୍ଦିର, ରେଳ ଷ୍ଟେସନରେ ଭିକାରିଙ୍କୁ ଭିକ ମାଗୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏବେ ଲୋକେ ଅନଲାଇନ୍‌ରେ ଭିକ ମାଗୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବ୍ୟକ୍ତି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ରାସ୍ତାରେ ନୁହେଁ, ବରଂ ୟୁଟ୍ୟୁବ୍‌ରେ ଲାଇଭ୍ ଆସି ଭିକ ମାଗନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଗୌତମ ସୂର୍ଯ୍ୟା। ତାଙ୍କ ଚ୍ୟାନେଲର ନାଁ ହେଉଛି ଗୋବିନ୍ଦସୂର୍ଯ୍ୟା୩୭୦। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କର ୫ ଲକ୍ଷ ସବ୍‌ସ୍କ୍ରାଇବର ଅଛନ୍ତି। ସେ ଏହି ଚ୍ୟାନେଲରେ ୩.୮ ହଜାର ଭିଡିଓ ସେୟାର୍ କରିଛନ୍ତି। ଗୋବିନ୍ଦ ସୂର୍ଯ୍ୟା ନିୟମିତ ୩ରୁ ୪ ଘଣ୍ଟା ଲାଇଭ୍ ଆସି ମନ୍ତ୍ର ୩ଟି କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ମାଗନ୍ତି। ସେହିପରି ଯେତେବେଳେ ସେ ଲାଇଭ୍ ଆସନ୍ତି, ୧୦ ହଜାରରୁ ଅଧିକ ଲୋକ ତାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଲାଇଭ୍ ଦେଖିବା ସମୟରେ ଲୋକେ ତାଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିଥାନ୍ତି। ଅଧିକାଂଶ ଲୋକ ତାଙ୍କୁ ୧ଟଙ୍କା ପଠାନ୍ତି। ସେହିପରି କୌଣସି ବ୍ୟକ୍ତି ପେମେଣ୍ଟ କଲେ ତାଙ୍କ ନାଁ ନେଇ ସେ ତାଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଗୋଟିଏ ଭିଡିଓକୁ ୨.୭ କୋଟି ଲୋକେ ଦେଖିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ଦିନରେ କିଭଳି ସୁପରଚାଟ୍‌ରୁ ୧୦ ହଜାର ଟଙ୍କା ରୋଜଗାର ହୋଇଯାଏ, ସେକଥା ବି ସେ ଭିଡିଓରେ ଦେଖାଇଛନ୍ତି। ଏହାବାଦ୍ ସେ ତାଙ୍କ ସଂଘର୍ଷ କାହାଣୀ ମଧ୍ୟ ସେୟାର୍ କରିଛନ୍ତି। ଦୁଇ, ତିନି ବର୍ଷ ପର୍ଯ୍ୟନ୍ତ ଯେତେବେଳେ ତାଙ୍କ ପାଖରେ କାମ ନ ଥିଲା, ତାଙ୍କୁ ବହୁତ କଷ୍ଟରେ ରହିବାକୁ ପଡୁଥିବା ବୋଲି ସେ କହିଛନ୍ତି। ସେ ଯୁବାବସ୍ଥାରେ ଥିବାବେଳେ ଘରେ ରୋଜଗାରଶୂନ୍ୟ ହୋଇ ବସିଥିଲେ। ତାଙ୍କ ବାପା ବିକଳାଙ୍ଗ ରାସ୍ତାରେ କାମ କରି ଘରକୁ ଫେରୁଥିବାର ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଗୌତମ ସୂର୍ଯ୍ୟା କହିଛନ୍ତି। ଅନେକ ଭିଡିଓରେ ସେ ଲୋକଙ୍କୁ ସାହାଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହିପ୍ରକାରେ ଏହି ଅନଲାଇନ୍ ଭିକାରି ଜଣକ ନିଜ ଅନ୍‌ଲାଇନ୍ ଉପସ୍ଥିତିରେ କେବଳ ଲକ୍ଷାଧିକ ଫଲୋଅର୍ସଙ୍କୁ ଯୋଡ଼ି ନାହାନ୍ତି, ବରଂ ମାସକୁ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି।

# ରିଲ୍ସ ବିୟୁଟି ଟ୍ରିକ୍‌ରେ ବିଗୁଡ଼ୁଛି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟ


ସାମାଜିକ ଗଣମାଧ୍ୟମରେ ଏବେ ଭଳିକି ଭଳି ସୌନ୍ଦର୍ଯ୍ୟ ଉପଚାରଗୁଡ଼ିକ ବେଶ୍ ଭାଇରାଲ ହେଉଛି। ବିଶେଷକରି ଯୁବପିଢ଼ି ଏହାକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି। ହେଲେ ଏହାକୁ ଅନୁସରଣ କରି ଅନେକ ଯୁବକଯୁବତୀ ସେମାନଙ୍କ ତ୍ୱଚାକୁ ଖରାପ କରୁଛନ୍ତି। ଲୋକପ୍ରିୟ ଚର୍ମ ବିଶେଷଜ୍ଞ ସ୍ୟାଣ୍ଡି ସ୍କଟନିକି ଚେତାବନୀ ଦେଇଛନ୍ତି ଯେ, ଟିକ୍‌ଟକ୍‌ରେ ପ୍ରସାରିତ ଏହି ଟ୍ରେଣ୍ଡ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ବିଶେଷକରି ଜେନ୍ ଜେଡ୍‌ଙ୍କୁ 'ଇନଫ୍ଲୁଏନସର ଇମଫ୍ଲାମେସନ' ନାମକ ତ୍ୱଚା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଡା. ସ୍କଟନିକିଙ୍କ ଅନୁସାରେ, ଅନେକ ଯୁବକ ଯୁବତୀ କିଛି ନ ବୁଝି ଟିକ୍‌ଟକ୍‌ରେ ଦେଖାଯାଉଥିବା ଜିନିଷକୁ ଲଗାଇଥାନ୍ତି। ଏସବୁ ଜିନିଷରେ ମୁଖ୍ୟତଃ ଗ୍ଲାଇକୋଲିକ୍ ଏସିଡ୍, ଭିଟାମିନ୍ ସି, ନିଆସିନାମାଇଡ୍ ଏବଂ ରେଟିନୋଲ ଭଳି ତତ୍ତ୍ୱ ଥାଏ। ଏହାକୁ ଯେତେବେଳେ ଏକକାଳୀନ ଅଧିକ ମାତ୍ରାରେ ବ୍ୟବହାର କରାଯାଏ ତ୍ୱଚାରେ ପୋଡ଼ାଜଳା, ଲାଲ୍ ଦେଖାଯିବା ଏବଂ ତ୍ୱଚା ଫୁଲିଯିବା ଭଳି ସମସ୍ୟା ଦେଖା ଦିଏ। ତେବେ ଏକ ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ମାମଲା ୧୮ ରୁ ୩୦ ବର୍ଷ ବୟସ ଯୁବତୀଙ୍କଠାରେ ଦେଖିବାକୁ ମିଳୁଛି। ସେହିପରି ଯୁବକମାନେ ବି ଏଭଳି ସୌନ୍ଦର୍ଯ୍ୟ ଉପଚାରକୁ ଅନୁସରଣ କରି ସେହି ସମାନ ସମସ୍ୟାକୁ ସାମ୍ନା କରୁଛନ୍ତି। ମଜାଦାର କଥା ହେଉଛି ଅଧିକାଂଶ ଲୋକ ଭାବୁଛନ୍ତି, ସେମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଇଛି। ହେଲେ ଏହାର ଅସଲ କାରଣ ହେଉଛି ଆବଶ୍ୟକତାଠୁ ଅଧିକ ଜିନିଷ ବ୍ୟବହାର କରିବା। ତେବେ ଡାକ୍ତରଙ୍କ କହିବା କଥା, ନୂଆ ଜିନିଷକୁ ତ୍ୱଚାରେ ବ୍ୟବହାର କରିବା ପୂର୍ବରୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ସୋସିଆଲ ମିଡିଆରେ ତ୍ୱଚାରେ ଚମକ ଆଣିବା ପାଇଁ ଉଦ୍ଦିଷ୍ଟ ଭିଡିଓଗୁଡ଼ିକ ଏହାକୁ ଅଧିକ କ୍ଷତି ପହଞ୍ଚାଇପାରେ। ତେଣୁ କୌଣସି ଭାଇରାଲ ସୌନ୍ଦର୍ଯ୍ୟ ଉପଚାରକୁ ତୁରନ୍ତ ଅନୁସରଣ କରିବା ଅନୁଚିତ। ନିଜ ତ୍ୱଚା ଅନୁସାରେ ପ୍ରସାଧନ ସାମଗ୍ରୀ ବ୍ୟବହାର କରିବା ଦରକାର। ସବୁଠୁ ବଡ଼ କଥା ହେଉଛି ପ୍ୟାଚ୍ ଟେଷ୍ଟ କରିବା ଦରକାର। ତ୍ୱଚା ସହ ଜଡ଼ିତ ପ୍ରତ୍ୟେକ ସମସ୍ୟା ଲାଗି ଇନଫ୍ଲୁଏନସରଙ୍କ ପରାମର୍ଶ ନ ନେଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।



## ସମ୍ଭାବନା

# ଟ୍ରେଣ୍ଡରେ ଡ୍ରିମ୍ ଜର୍ଣ୍ଣଲିଂ

**ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଅବସାଦ, ଚିନ୍ତା, ଉଦ୍‌ବେଗ, ନିଦ୍ରାହୀନତା ଆଦି ସମସ୍ୟା ସାଧାରଣ ହୋଇପଡ଼ିଛି। ଏଥିରୁ ମୁକ୍ତି ପାଇବା ଲାଗି ଲୋକେ ବିଭିନ୍ନ ଜିନିଷର ସାହାରା ନେଉଛନ୍ତି। ଏହାରି ଭିତରେ ଯୁବପିଢ଼ିଙ୍କଠାରେ ଏକ ନୂଆ ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହା ହେଉଛି 'ଡ୍ରିମ୍ ଜର୍ଣ୍ଣଲିଂ।' ଅନେକ ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ 'ଡ୍ରିମ୍ ଜର୍ଣ୍ଣଲିଂ' କରୁଛନ୍ତି। ଏଥିରୁ ସେମାନଙ୍କୁ ଅନେକ ଲାଭ ମିଳୁଥିବା କୁହାଯାଉଛି।**



**ଏହା କ'ଣ:** ଡ୍ରିମ୍ ଜର୍ଣ୍ଣଲିଂର ଅର୍ଥ ହେଉଛି ସ୍ୱପ୍ନକୁ ଲେଖିବା। ସକାଳୁ ଉଠିବା ମାତ୍ରେ ରାତିରେ ଦେଖିଥିବା ସ୍ୱପ୍ନକୁ ନୋଟ୍‌ବୁକ୍ କିମ୍ବା ଡାଏରୀରେ ଲେଖିବା ଅଭ୍ୟାସକୁ 'ଡ୍ରିମ୍ ଜର୍ଣ୍ଣଲିଂ' କୁହାଯାଉଛି। ଅବଶ୍ୟ ଏହା ଜରୁରି ନୁହେଁ ଦେଖିଥିବା ସବୁ ସ୍ୱପ୍ନକୁ ଉଲ୍ଲେଖ କରାଯିବ। ନିଦରୁ ଉଠିବା ପରେ ଯେଉଁ ସ୍ୱପ୍ନ ମନେ ଥାଏ, ତାହାକୁ ଲେଖିପାରିବେ ନଚେତ୍ ତା'ର ଚିତ୍ର ବି ଆଙ୍କିପାରିବେ। ଏହା ହେଉଛି ଏକ ପ୍ରକାର ଆତ୍ମ ସଚେତନତା ଅଭ୍ୟାସ।

**କାହିଁକି ଜରୁରି:** ଅନେକ ସମୟରେ ଲୋକମାନେ ନିଜ ସ୍ୱପ୍ନକୁ ଅଣଦେଖା କରନ୍ତି। ହେଲେ ଅନେକ ଗବେଷଣାରେ ଏକଥା ଦାବି କରାଯାଇଛି ଯେ, ସ୍ୱପ୍ନରେ ଭୟ, ଚିନ୍ତା, ଇଚ୍ଛା, ଏପରିକି ଅନେକ ଅଧୁରା ଇଚ୍ଛା ମଧ୍ୟ ଲୁଚି ରହିଥାଏ। ତେଣୁ ବେଳେବେଳେ ସ୍ୱପ୍ନକୁ ଲେଖିବା ଦ୍ୱାରା ଏକଥା ବୁଝାପଡ଼େ ଯେ, ଆଗକୁ ଜୀବନରେ କ'ଣ କରିବାର ଅଛି। ଏଥିରେ ଲୋକଙ୍କୁ ନିଜ ମନର ଗଭୀରତାକୁ ବୁଝିବାରେ ସାହାଯ୍ୟ ମିଳେ। ସେହିପରି ବାରମ୍ବାର ଭୟାନକ ସ୍ୱପ୍ନ ମଧ୍ୟ ଅନେକ ଜଣ ଦେଖନ୍ତି। ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ଏଭଳି ସ୍ୱପ୍ନରୁ ମୁକ୍ତି ମିଳିଥାଏ।


**ବଢ଼ୁଛି ଟ୍ରେଣ୍ଡ:** ଏବେ ଅନେକ ଯୁବପିଢ଼ି ବିଶ୍ୱାସ କରୁଛନ୍ତି ଯେ, ଡ୍ରିମ ଜର୍ଣ୍ଣଲିଂ ଦ୍ୱାରା ମନ ହାଲୁକା ହୁଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଡ୍ରିମ୍ ଜର୍ଣ୍ଣଲିଂର ଫଟୋ ସେୟାର କରୁଛନ୍ତି। ସେହିପରି ଅନେକେ ନିଜ ଏଥିପାଇଁ ବ୍ୟବହାର କରୁଥିବା ଡାଏରୀକୁ ସୁନ୍ଦର ଭାବେ ସଜାଉଛନ୍ତି। ଯଦ୍ୱାରା ଏହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁ ନାହିଁ, ବରଂ ପଢ଼ିବାକୁ ବି ଭଲ ଲାଗୁଛି।

**ମାନସିକ ଶାନ୍ତି ମିଳୁଛି:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ଚାହୁଁଥିଲେ, ଡ୍ରିମ୍ ଜର୍ଣ୍ଣଲିଂ ଟେକ୍ନିକ୍‌କୁ ଆପଣାଇବା ଏକ ସୁନ୍ଦର ବିକଳ୍ପ ହେବ। ସେହିପରି ଏହା ଅନେକ ଲୋକଙ୍କର ଏଭଳି ଅଭ୍ୟାସରେ ପରିଣତ ହେଲାଣି ଯେ, ଲୋକେ ସକାଳୁ ଉଠି ଦେଖିଥିବା ସ୍ୱପ୍ନକୁ ପ୍ରଥମେ ଡାଏରୀରେ ବସି ଲେଖୁଛନ୍ତି।

# କିଭଳି କରିବେ ପ୍ରୋଜେକ୍ଟ ପ୍ରସ୍ତୁତି

**ପରୀକ୍ଷା, ଆସାଇନମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।**

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପାଠପଢ଼ା ସହିତ ଖାଦ୍ୟପେୟ ଏବଂ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।



# ସ୍ଥାନ ପରିବର୍ତ୍ତନରୁ ପଢ଼ାରେ ଆସେ ଉତ୍ସାହ




ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ। ସେହିପରି ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ରହିବା ଅଭ୍ୟାସଟା ଭାଙ୍ଗିଥାଏ। ପୁରୁଣା ସ୍ଥାନରେ ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଥାଏ, ଯାହା ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି। ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ। ଏହା ସହ ମଣିଷ ବି ସକ୍ରିୟ ହୁଏ। ଅନେକ ଗବେଷଣାରେ ଦେଖାଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ମୃତି ସହିତ ଜଡ଼ିତ ହୁଏ। ଏହାଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ। ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ। ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବାବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ। ସେହିପରି ଏହା ପ୍ରକୃତିକୁ ବି ମଜାଦାର କରାଏ। ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହ ଯୋଗୁ ପାଠ ପଢ଼ିବାରେ ମନ ଲାଗିଥାଏ।

# ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ କ୍ରିଏଟରଙ୍କ ପାଇଁ ଏକ ନୂଆ ଫିଚର୍ ଲଞ୍ଚ୍ କରିଛି। ଏହା ଦ୍ୱାରା କ୍ରିଏଟରମାନେ ସେମାନଙ୍କ ଭିଡିଓକୁ ଅନେକ ଭାଷାରେ ଡବିଂ କରିପାରିବେ। ଫଳରେ ଏଣିକି କଣ୍ଟେଣ୍ଟ କେବଳ ଗୋଟିଏ ଦେଶରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ତମାମ ଲୋକଙ୍କ ପାଖରେ ଏହା ପହଞ୍ଚିପାରିବ। ସେହିପରି ଏହି ଫିଚର୍ ଦ୍ୱାରା ୟୁଟ୍ୟୁବର ୱାଚ୍ ଟାଇମ୍ ଏବଂ ଭିୟୁ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ।**

ୟୁଟ୍ୟୁବ୍ ମଲଟି ଲାଙ୍ଗୁଏଜ୍ ଅଡିଓ ଫିଚର୍ ସବୁ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ୍ କରିଛି। ଏହି ଫିଚର୍ କ୍ରିଏଟରଙ୍କୁ ଗୋଟିଏ ଭିଡିଓକୁ ଅନେକ ଭାଷାରେ ଡବିଂ କରିବାର ସୁବିଧା ପ୍ରଦାନ କରିବ। ତେବେ ୟୁଟ୍ୟୁବ୍ ଏହି ଫିଚର୍‌ର ଆରମ୍ଭ ୨୦୨୩ ମସିହାରେ କରିଥିଲା। ଏଥିରେ କେବଳ କିଛି ବଛା ବଛା କ୍ରିଏଟରଙ୍କୁ ଅଲଗା ଅଲଗା ଭାଷାରେ ଅଡିଓ ଟ୍ରାକ୍ ଅପଲୋଡ୍ କରିବାର ସୁବିଧା ମିଳିଥିଲା। ହେଲେ ଏବେ ଏହାକୁ ସମସ୍ତଙ୍କ ପାଇଁ ଲଞ୍ଚ୍ କରାଯାଇଛି। ଏହି ଟୁଲ୍ ଗୁଗଲର ଜେମିନି ଟେକ୍ନୋଲୋଜି ଉପରେ ଆଧାରିତ। ସେହିପରି ଯେଉଁ କ୍ରିଏଟରମାନେ ଏହି ଫିଚର୍‌କୁ ବ୍ୟବହାର କରିଛନ୍ତି, ସେମାନଙ୍କ ଭିଡିଓକୁ ୨୫ ପ୍ରତିଶତ ଅଧିକ ୱାଚ୍ ଟାଇମ୍ ନନ୍-ପ୍ରାଇମେରି ଭାଷାରୁ ଆସିଛି। ଏହାବାଦ୍ କ୍ରିଏଟରଙ୍କ ବିକାଶକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ସାହାଯ୍ୟ କରିବ।



● ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍

# ଆଜି ଭାରତୀୟ ଦଳ ଚୟନ, ପନ୍ତ ଆଉଟ୍

ମୁମ୍ବଇ, ୨୩।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନ ହେବାର କୌଣସି ତାରିଖ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇନାହିଁ। ନିକଟରେ ଦିଲ୍ଲୀରେ ବିସିସିଆଇ କର୍ମକର୍ତ୍ତାଙ୍କ ବୈଠକରେ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ୨୩ କିମ୍ବା ୨୪ରେ ଚୟନ କରାଯାଇପାରେ ବୋଲି ସମ୍ବାଦକ ଦେବଜିତ ସାଇକିଆ ସୂଚନା ଦେଇଥିଲେ। ଏହି ସୂଚନାକୁ ସତ୍ୟ ବୋଲି ମାନିଲେ ଭାରତୀୟ ଦଳ ଆସନ୍ତାକାଲି ଅନୁଷ୍ଠିତ ହେବା କଥା। କିନ୍ତୁ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଏଥର ୧୫ ଜଣିଆ ଭାରତୀୟ ଦଳ ଚୟନ କରାଯିବ। ଏହା ମଧ୍ୟରେ ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଲାଗି ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, କରୁନ ନାୟର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ଏନ ଜଗଦୀଶନଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି।

## ସୁତାରଙ୍କୁ ୫ ୱିକେଟ୍: ଅଷ୍ଟ୍ରେଲିଆ-ଏ ୩୫୦/ ୯



ଲକ୍ଷ୍ନୌ, ୨୩।୯ (ଏଜେନ୍ସି): ଅଫସ୍ପିନର ମାନବ ସୁତାର ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୩୫୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନଂ-୧୦ ଟଡ୍ ମର୍ଫି ୨୯ ଓ ନଂ-୧୦ ହେନରୀ ଥର୍ଟନ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ ଏଡ୍‌ୱାର୍ଡସ ସର୍ବାଧିକ ୮୮, ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୭୪ ରନ୍ କରିଛନ୍ତି। ଡ୍ର ରହିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଶତକ ହାସଲ କରିଥିବା ଓପନର ସାମ କୋନ୍‌ଷ୍ଟାସ୍ ୪୯, ୱିକେଟରକ୍ଷକ ଜୋଶ ଫିଲିପ୍ ୩୯ ରନ୍‌ର ଉପଯୋଗୀ ସହାୟତା କରିଥିଲେ। ଭାରତ-ଏ' ପକ୍ଷରୁ ମାନବ ସୁତାରଙ୍କ ୫ ୱିକେଟ ବ୍ୟତୀତ ଗୁରନୁର ବ୍ରାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩ ଓଭରରେ ସିରାଜ ୭୩ ରନ୍ ଦେଇ ସର୍ବାଧିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମ୍ୟାଚ୍ ପୂର୍ବରୁ ଦଳର ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ କାରଣରୁ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ପ୍ରଥମ ଟେଷ୍ଟରେ ସେ ୧୩ ବଲ୍‌ରୁ ୮ ରନ୍ କରିଥିଲେ। ତାଙ୍କ ସ୍ଥାନରେ ୱିକେଟରକ୍ଷକ ଧ୍ରୁବ ଜୁରେଲ ଦଳର ନେତୃତ୍ୱ ନେଇଛନ୍ତି।

ଏସିଆ କପ୍ ସୁପର-୪

# ଭାରତ-ବାଂଲାଦେଶ ମୁକାବିଲା ଆଜି



ଦୁବାଇ,୨୩।୯ (ଏଜେନ୍ସି)

ଏସିଆ କପ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ସପ୍ତାହରେ ଦୁଇଥର ପରାସ୍ତ କରିବା ପରେ ପେସାଦାର ମନୋଭାବ ନେଇ ଖେଳୁଥିବା ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱୀ। ପାକିସ୍ତାନକୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିବାକୁ ନାପସନ୍ଦ କରିଛନ୍ତି ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ପ୍ରକୃତରେ ରେକର୍ଡ ଦେଖିଲେ ଟି-୨୦ ଫର୍ମାଟରେ ଏବେ ଭାରତର କିଏ ପ୍ରତିଦ୍ୱନ୍ଦ୍ୱୀ ତାହା ଖୋଜିବାକୁ ହେବ। ରେକର୍ଡ ମଧ୍ୟ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି କହୁଛି। ୨୦୨୪ ପରଠାରୁ ଏହି ଫର୍ମାଟରେ ଭାରତ ୩୨ଟି ମ୍ୟାଚରେ ଜିତିଥିଲାବେଳେ ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଭାରତ ଯେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ତାହା କିଏ ମାନୁ ନ ମାନୁ ରେକର୍ଡ ଏହାକୁ ସ୍ୱୀକାର କରୁଛି। ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଭାରତ ତାହାର ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିଲା। ତଥାପି ଏହି ମ୍ୟାଚ୍‌କୁ ୭ଟି ବଲ ବାକିଥାଇ ଜିତିନେଇଥିଲା। ଏଣୁ ଆସନ୍ତାକାଲି ବାଂଲାଦେଶ ବିପକ୍ଷ ମୁକାବିଲାରେ ଭାରତକୁ ଫେବରାଇଟ୍ ବିବେଚନା କରାଯାଉଛି। ନିକଟରେ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଶକ୍ତିଶାଳୀ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ବାଂଲା ଦଳର ମନୋବଳ ଢ଼େର ବଢ଼ିଛି। ଏହି ବିଜୟ ପରେ ଦଳର କୋଚ୍ ମୁସ୍ତାକ ଅହମ୍ମଦ୍ କହନ୍ତି ଭାରତକୁ ଯେ କୌଣସି ଦଳ ହରାଇପାରିବ। ଏହା ଅର୍ଥ ବାଂଲାଦେଶ ଏହି ମୁକାବିଲାରେ ଭାରତକୁ ହରାଇପାରିବ। ଅବଶ୍ୟ ଭାରତ ନିକଟରେ ଏବେ ପ୍ରଚୁର ପରିମାଣରେ ପ୍ରତିଭା ରହିଛନ୍ତି। ଜଣଙ୍କ ପରେ ଜଣେ ମ୍ୟାଚ୍ ବିଜୟୀ ବିବେଚିତ ହେଉଛନ୍ତି। ଏଣୁ ଭାରତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁନାହିଁ। ଦଳ ନିକଟରେ ଯେଉଁଭଳି ଶକ୍ତି ରହିଛି, ତାହା ବିଶ୍ୱର ଯେକୌଣସି ବୋଲିଂକୁ ଧ୍ୱଂସ କିମ୍ବା ବ୍ୟାଟିଂକୁ ଧରାଶାୟୀ କରିପାରିବ।

### ● ଟସ୍, ମିଡିଲ ଅର୍ଡର, ମୁସ୍ତାଫିଜୁର ଗୁରୁତ୍ୱପୂର୍ଣ୍ଣ

ଭାରତ ନିଜକୁ ଯେତେ ଶକ୍ତିଶାଳୀ ମନେ କଲେ ମଧ୍ୟ ଟସ୍ ଏଠାରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଠାରେ ରନ୍ ଚେଜ୍ ସହଜ ହେଉଛି। ଯାହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ୧୬୯ ରନ୍‌ର ଟାର୍ଗେଟକୁ ଚେଜ୍ କରି ବିଜୟୀ ହୋଇଥିଲା। ଏଣୁ ଟସ୍ ଜିତିବା ଦଳ ଏଠାରେ ନିଶ୍ଚିତ ପ୍ରଥମେ ବୋଲିଂ କରିବାକୁ ଉଚିତ ମନେ କରିବ। ସେହିପରି ମିଡଲ ଓଭରରେ ଦୁବାଇ ପିଚ୍ ମନ୍ଥର ହୋଇଯାଉଛି। ଭାରତ ବିପକ୍ଷରେ ପାକିସ୍ତାନ ଏହି ସମୟରେ ୬ ଓଭର ବୋଲିଂ କରି ମାତ୍ର ୩୦ ରନ୍ ବିନିମୟରେ ୩ଟି ୱିକେଟ ନେଇଥିଲେ। ମିଡିଲ ଓଭରରେ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଦକ୍ଷତା ଦୁଇଗୁଣ ବୃଦ୍ଧିପାଉଛି। ମିଡିଲ ଅର୍ଡରରେ ମୁସ୍ତାଫିଜୁରଙ୍କ ସହ ମେହେଦୀ ହାସନ ପ୍ରଭାବଶାଳୀ ହେବେ। ଏହି ସବୁ ସମସ୍ୟା ଭାରତ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇପାରେ।

### ● ଦ୍ୱିତୀୟ ବିଜୟ ଆଶାରେ ବାଂଲାଦେଶ

ଭାରତ ଓ ବାଂଲାଦେଶ ମଧ୍ୟରେ ଏଯାଏ ୧୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ୧୬ଟି ମ୍ୟାଚ୍‌ରେ ଭାରତ ଓ ମାତ୍ର ଗୋଟିଏ ମ୍ୟାଚ୍‌ରେ ବାଂଲାଦେଶ ଜିତିଛି। ବାଂଲାଦେଶ ଏଠାରେ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲର ଆଶା ରଖିଛି। କିନ୍ତୁ ଏଥିଲାଗି ବାଂଲାଦେଶକୁ ସ୍ମାର୍ଟ କ୍ରିକେଟ ଖେଳିବାକୁ ହେବ। ଭାରତ ନିକଟରେ ଯେଉଁଭଳି ଖେଳାଳି ଅଛନ୍ତି ଓ ଫର୍ମରେ ରହିଛନ୍ତି, ଏହି ମ୍ୟାଚ୍ ଜିତିବାକୁ ଆଶା କରିବା ବାଂଲାଦେଶ ଲାଗି ଦିବାସ୍ୱପ୍ନ ହୋଇପାରେ। ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି।

DP WORLD ASIA CUP 2025
ଆଜିର ମ୍ୟାଚ୍
ଭାରତ-ବାଂଲାଦେଶ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

# ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ

ଆବୁଧାବି,୨୩।୯ (ଏଜେନ୍ସି): ସାହିନ ଆଫ୍ରିଦୀଙ୍କ ଘାତକ ବୋଲିଂ ବଳରେ ଏଠାରେ ଆଜି ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୮ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୧୨ ଓ ୱାନିନ୍ଦୁ ହାସରଙ୍ଗା ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଶ୍ରୀଲଙ୍କା ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ବଲ୍‌ରେ ଓପନର ତଥା ୱିକେଟକିପର କୁଶାଲ ମେଣ୍ଡିସ (୦)ଙ୍କ ୱିକେଟ ହରାଇଥିଲା। ଫର୍ମରେ ଥିବା ଓପନର ପାଥୁମ ନିଶାଙ୍କା ଛକା ମାରିଥିଲେ ମଧ୍ୟ ୭ଟି ବଲ୍‌ରୁ ୮ ରନ୍ କରି ପାକିସ୍ତାନୀ ଫାଷ୍ଟ ବୋଲର ସାହିନ ଆଫ୍ରିଦୀଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଷଷ୍ଠ ଓଭରର ଦ୍ୱିତୀୟ ବଲ୍‌ରେ ହାରିସ୍ ରୌଫ୍ ପ୍ରଥମ ସଫଳତା ପାଇଥିଲେ। ସେ କୁଶାଲ ପରେରା (୧୫)ଙ୍କୁ ଫହୀମ ଅଶ୍ରଫଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇ ଦଳକୁ ତୃତୀୟ ସଫଳତା ଦେଇଥିଲେ। ଖେଳାଳି ହୁସେନ ତଲତ କ୍ରମାଗତ ୨ଟି ୱିକେଟ ନେବା ଫଳରେ ଶ୍ରୀଲଙ୍କା ବିପର୍ଯ୍ୟୟର ଶିକାର ହୋଇଥିଲା। ଏସିଆ କପ୍ ସୁପର-୪ର ପ୍ରଥମ ମୁକାବିଲାରେ ଉଭୟ ଶ୍ରୀଲଙ୍କା ଓ ପାକିସ୍ତାନ ପରାଜିତ ହୋଇଛନ୍ତି। ବାଂଲାଠାରୁ ଶ୍ରୀଲଙ୍କା ୪ ୱିକେଟ ଓ ଭାରତଠାରୁ ପାକିସ୍ତାନ ୬ ୱିକେଟରେ ହାରିଛନ୍ତି। ଏଠାରେ ଯେଉଁ ଦଳ ହାରିବ ସେହି ଦଳ ଏକପ୍ରକାର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଅର୍ଜୁନ ପୁରସ୍କାର ବିଜେତା ବିଜୟଙ୍କ ପରଲୋକ



ବ୍ରହ୍ମପୁର,୨୩।୯ (ସମିସ): ସୁନାମଧନ୍ୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସ୍ଥାନୀୟ ସୋମନାଥ ନଗର ୪ର୍ଥ ଲାଇନରେ ଥିବା ନିଜ ବାସଭବନରେ ସେ ୭୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ବିଜୟୀ ହୋଇଥିବା ବିଜୟ ବହୁ ପ୍ରତିଭାବାନ୍ କ୍ରୀଡାବିତ୍‌ଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଇଛନ୍ତି। ସ୍ୱର୍ଗତ ଶତପଥୀ ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ କରିସ୍ମା ଶତପଥୀ, ଦୁଇପୁତ୍ର ଜଗନ୍ନାଥ ଓ ସୋମନାଥଙ୍କ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

ବିଜୟ ୧୯୮୧ରେ ଅନୁଷ୍ଠିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ୍ ଚାମ୍ପିଅନ୍‌ସିପରେ ଦୁଇଟି କାଂସ୍ୟ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବେ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ନିଜ ନାମରେ ବଜାୟ ରଖିବାର ସୌଭାଗ୍ୟ ଲାଭ କରିଥିଲେ। କ୍ରୀଡ଼ାରେ ଅଭୂତପୂର୍ବ ସଫଳତା ଲାଗି ୧୯୮୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ 'ଅର୍ଜୁନ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଅଗଷ୍ଟ ୨୯ରେ ବିଜୟଙ୍କୁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରରୁ ଭାରୋତ୍ତୋଳନ ଆରମ୍ଭ କରିଥିବା ବିଜୟ ୧୯୭୪ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ନିଯୁକ୍ତି ପାଇଥିଲେ। ୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍


# କଟକକୁ ସେମିରେ ପହଞ୍ଚାଇଲେ ବିପ୍ଲବ

କଟକ,୨୩।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ଦଳ ଭାବେ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ନିଜର ଶେଷ ଲିଗ୍‌ରେ ପାନ୍ଥର୍ସ ୫ ୱିକେଟରେ କେନ୍ଦୁଝର ମାଇନର୍ସକୁ ହରାଇଥିଲା। ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ପାନ୍ଥର୍ସ ୧୪ ପଏଣ୍ଟ ସଂଗ୍ରହ କରି ଟେବଲର ଶୀଷରେ ରହିଛି।

ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ମାଇନର୍ସକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଅଧିନାୟକ ପୋଦ୍ଦାର ଏବଂ ଓମ ଟି ମୁଣ୍ଡେ ଓପନିଂ ଭାଗୀଦାରିରେ ୨୯ ରନ ସଂଗ୍ରହ କରିଥିଲେ। ପରେ ମୁଣ୍ଡେ ୨୮ ଏବଂ ପୋଦ୍ଦାର ୧୩ ରନରେ ପ୍ୟାଭିଲିୟନ ଫେରିଥିଲେ। ଅନୀଲ ପରିଡ଼ା ୩୦ ବଲରୁ ୩୬ ରନ ସଂଗ୍ରହ କରି ବିପ୍ଲବ ସାମନ୍ତରାୟଙ୍କ ଶିକାର ହୋଇଥିଲେ। ପରେ ଦଳର ବ୍ୟାଟିଂ ଲାଇନଅପ ଭୁଶୁଡ଼ି ପଡ଼ିଥିଲା। ବିପ୍ଲବ ୧୮ ରନ ବ୍ୟୟରେ ୫ଟି ୱିକେଟ ଦଖଲ କରିଥିବାବେଳେ ମାଇନର୍ସର ପାଳି ୧୨୭ ରନରେ ସୀମିତ ରହିଥିଲା। ଜବାବରେ ୨୬ ରନରେ ପ୍ରଥମ ତିନି ୱିକେଟ ହରାଇ ପାନ୍ଥର୍ସ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେଲେ ବିପ୍ଲବ ୩୪ ବଲରୁ ୪୩ ରନ ଏବଂ ସୌରଭ ଗୌଡ଼ ୩୯ ବଲରୁ ୫୬ ରନର ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ମାଇନର୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟ ୩ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବିପ୍ଲବଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ବିବେଚିତ କରାଯାଇଛି।




# କିଂବଦନ୍ତୀ ଅମ୍ପାୟାର ଡିକି ବାର୍ଡଙ୍କ ପରଲୋକ



ଲଣ୍ଡନ,୨୩।୯ (ସମିସ): ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ ଅମ୍ପାୟାର ଭାବେ ବିବେଚିତ ହେଉଥିବା ଇଂଲଣ୍ଡର ହାରୋଲ୍ଡ 'ଡିକି' ବାର୍ଡଙ୍କର ୯୨ ବର୍ଷରେ ପରଲୋକ ହୋଇଯାଇଛି। ୧୯୭୩ରୁ ୧୯୯୬ ମଧ୍ୟରେ ସେ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିଭାଇଥିଲେ। ସେ ବିଶ୍ୱର ଏକମାତ୍ର ଅମ୍ପାୟାର ଭାବେ ୩ଟି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅମ୍ପାୟାର ରହିଥିଲେ। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିଅନ ହୋଇଥିଲାବେଳେ ବାର୍ଡ ଏହି ଫାଇନାଲରେ ଅମ୍ପାୟରିଂ କରିଥିଲେ। ଇଂଲଣ୍ଡର ୟର୍କସାୟର କ୍ଲବ୍ ପକ୍ଷରୁ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରି ୯ ବର୍ଷ ଖେଳିଥିଲେ ଓ ପରେ ଏହି କ୍ଲବ୍‌ର ସଭାପତି ହୋଇଥିଲେ। କ୍ରିକେଟକୁ ତାଙ୍କ ଏହି ଅବଦାନ ଲାଗି ଇଂଲଣ୍ଡ ସରକାରଙ୍କ ପକ୍ଷରୁ ଏମ୍‌ବିଇ ଓ ଓବିଇ ସମ୍ମାନରେ ସମ୍ମାନିତ ହୋଇଥିଲେ। ଲିସେଷ୍ଟର ପକ୍ଷରୁ ମଧ୍ୟ ଖେଳିଥିବା ବାର୍ଡ ୧୯୩୩ ଏପ୍ରିଲ ୧୯ରେ ଜନ୍ମଗ୍ରହଣ କରିଥିଲେ ଓ ଆଘାତ ସମସ୍ୟା ଯୋଗୁ ମାତ୍ର ୩୨ ବର୍ଷରେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଥିଲେ। ସେ ୯୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୦.୭୧ ହାରରେ ୩୩୧୪ ରନ୍ କରିଥିଲେ। ଏହା ମଧ୍ୟରେ ୨ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି। ୧୯୯୬ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ମଧ୍ୟ ଅନ୍ୟ ଏକ କାରଣରୁ ସ୍ମରଣୀୟ ହୋଇରହିଛି। ଭାରତର ଦୁଇ ମହାନ ଖେଳାଳି ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଏହି ମ୍ୟାଚ୍ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

# ସିଏବି ସଭାପତି ପଦକୁ ଫେରିଲେ ଗାଙ୍ଗୁଲି

କୋଲକାତା, ୨୩।୯ (ଏଜେନ୍ସି): ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ପୁଣିଥରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ସଭାପତି ପଦକୁ ଫେରିଛନ୍ତି। ସୋମବାର ସିଏବିର ୯୪ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩ ବର୍ଷୀୟ ଗାଙ୍ଗୁଲି ସିଏବି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଗାଙ୍ଗୁଲି ଏଥିପୂର୍ବରୁ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ସିଏବିର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏବେ ସେ ତାଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲିଙ୍କ ସ୍ଥାନରେ ପୁଣିଥରେ ଏହି କ୍ରିକେଟ୍ ପ୍ରଶାସକ ପଦରେ ଅବସ୍ଥାପିତ ହୋଇଛନ୍ତି। ସିଏବି ସଭାପତି ଭାବେ ନିର୍ବାଚିତ ହେବା ପରେ ଗାଙ୍ଗୁଲି ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ଇଡେନ୍ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା ବଢ଼ାଇବେ।

ବାଲନ୍ ଡି ଓର୍

# ବୋନମତିଙ୍କ ହ୍ୟାଟ୍ରିକ୍; ଡେମ୍ବେଲଙ୍କ ବାଜିମାତ୍

ପ୍ୟାରିସ, ୨୩।୯ (ଏଜେନ୍ସି)



ବିଶ୍ୱ ଫୁଟ୍‌ବଲର ସବୁଠୁ ସମ୍ମାନଜନକ ଓ ଶ୍ରେଷ୍ଠ ପୁରସ୍କାର 'ବାଲନ୍ ଡି ଓର୍' ଟ୍ରଫି ଏଥର ଫ୍ରାନ୍ସ ଫରୱାର୍ଡ ଓଉସମାନେ ଡେମ୍ବେଲେ ବାଜିମାତ୍ କରିନେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଗତକାଲି ରାତିରେ ଅନୁଷ୍ଠିତ ୬୯ତମ ବାଲନ ଡି ଓର୍' ପୁରସ୍କାର ପ୍ରଦାନ ଉତ୍ସବରେ ୨୮ ବର୍ଷୀୟ ଡେମ୍ବେଲ ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସ୍ପେନ ତଥା ବାର୍ସିଲୋନାର ୧୮ ବର୍ଷୀୟ ଯୁବ ଖେଳାଳି ଲାମିନେ ୟାମାଲଙ୍କୁ ପଛରେ ପକାଇ ସେ ଏହି ସୁନାର ବଲ୍ ହାତେଇ ନେଇଛନ୍ତି। ଫଳରେ ଫ୍ରାନ୍ସର ୬ଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ଭାବେ ଡେମ୍ବେଲ ବାଲନ୍ ଡି ଓର୍ ପୁରସ୍କାର ଜିତିଛନ୍ତି। ଗତ ସିଜନରେ ପାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବକୁ ପ୍ରଥମଥର ଲାଗି ଚାମ୍ପିଅନ୍ସ ଲିଗ୍ ଜିତାଇବାରେ ଡେମ୍ବେଲଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ପିଏସ୍‌ଜି ପାଇଁ ସେ ୩୫ଟି ଗୋଲ୍ ଦେଇ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୨୦୨୪ରେ ସ୍ପେନ ତଥା ମାଞ୍ଚେଷ୍ଟର ମିଡ୍‌ଫିଲ୍ଡର ରୋଡ୍ରି ପୁରୁଷ ବିଭାଗରେ ବାଲନ୍ ଡି ଓର୍ ଟ୍ରଫି ବିଜୟୀ ହୋଇଥିଲେ।

### ■ ବୋନମତିଙ୍କୁ ରେକର୍ଡ ୩ୟ ପୁରସ୍କାର

ଅପରପକ୍ଷରେ ସ୍ପେନ ତଥା ବାର୍ସିଲୋନା କ୍ଲବର ମିଡ୍‌ଫିଲ୍ଡର ଆଇତାନା ବୋନମତି ମହିଳା ବିଭାଗରେ ବାଲନ୍ ଡି ଓର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଫଳରେ ୨୭ ବର୍ଷୀୟା ବୋନମାତି କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଏଥିସହ ଲିଓନେଲ ମେସି ଓ ମାଇକେଲ ପ୍ଲାଟିନିଙ୍କ ସହିତ ବୋନମାତି ହ୍ୟାଟ୍ରିକ ବାଲନ୍ ଡି ଓର୍ ପୁରସ୍କାର ଜିତିଥିବା ଖେଳାଳିଙ୍କ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ରେ ସ୍ପେନକୁ ୟୁରୋ କପ୍ ଫାଇନାଲରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ■ ପିଏସ୍‌ଜି ଶ୍ରେଷ୍ଠ କ୍ଲବ୍; ଲୁଇସ୍ ପ୍ରଶିକ୍ଷକ

ଫ୍ରାନ୍ସର ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଏଥର ଶ୍ରେଷ୍ଠ ପୁରୁଷ କ୍ଲବ ବିବେଚିତ ହୋଇଛି। ପିଏସ୍‌ଜି ପାଇଁ ଗତ ସିଜନ ଐତିହାସିକ ରହିଥିଲା। ଏହି କ୍ଲବ ପ୍ରଥମଥର ଲାଗି ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେହିଭଳି ଫ୍ରେଞ୍ଚ ଲିଗ୍ ଓ କପ୍ ଉଭୟରେ ପିଏସ୍‌ଜି ବାଜିମାତ୍ କରିନେଇଥିଲା। ସେହିଭଳି ଆର୍ସେନାଲ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି।

ଅପରପକ୍ଷରେ ପିଏସ୍‌ଜିର ମୁଖ୍ୟ ପ୍ରଶିକ୍ଷକ ଲୁଇସ ଏନରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଇଂଲଣ୍ଡ ମହିଳା ଫୁଟ୍‌ବଲ ଦଳର ସାରିନା ୱିଗେମାନ ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ହୋଇଛନ୍ତି। ଉଭୟ ପୁରସ୍କାର ଆକାରରେ ଜନ୍ କପ୍ ଟ୍ରଫି ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS